ନାରଦ ପୁରାଣ ।

୪

କଟକ ପ୍ରିଣ୍ଟିଂକମ୍ପାନୀ ଲିମିଟେଡ଼ଙ୍କ ଦ୍ୱାରା

ସଙ୍ଗୃହୀତ ଓ ପ୍ରଥମବାର ପ୍ରକାଶିତ ।

Printed and Published by the
Cuttack Printing Company Limited.
CUTTACK.

1918.

ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

All rights reserved.

ନାରଦ ପୁରାଣ ।

ପ୍ରଥମ ଅଧ୍ୟାୟ ।

ଆଦିତ୍ୟହୃଦୟ ମାହାତ୍ମ୍ୟ ଏବଂ
ନବଗ୍ରହଙ୍କର ଜନ୍ମ ବିବରଣ ।

ତଂ ବେଦଶାସ୍ତ୍ରପରିନିଷ୍ଠିତଶୁଦ୍ଧବୁଦ୍ଧିଂ
ଚର୍ମାମ୍ବରଂ ସୁରମୁନୀନ୍ଦ୍ରନୁତଂ କବୀନ୍ଦ୍ରଂ ।
କୃଷ୍ଣତ୍ୱିଷଂ କନକପିଙ୍ଗଜଟାକଳାପଂ
ବ୍ୟାସଂ ନମାମି ଶିରସା ତିଲକଂ ମୁନୀନାଂ ॥

ଶ୍ରୀ ଗଣେଶାୟ ନମଃ ।

ବନ୍ଦଇ ଶ୍ରୀ ଗଣନାଥ ଗଉରୀ-କୁମର । ପୁଷ୍ପହାର ହୋଇ ମୋର କଣ୍ଠେ ବିଜେକର ॥ ନୈମିଷା ଅରଣ୍ୟେ ଯାହା ଉଦେ କଲେ ମୁନି । ବ୍ୟାସଦେବ ଉକ୍ତି କଲେ କୃଷ୍ଣଭକ୍ତି ଦେନ ॥ ଶୁକ ଶଉନକ ମୁନି ବାଲ୍ମୀକ ଆଦି । ଶାସ୍ତ୍ର ଯେ ଭେଇଲେ ତହିଁ ସକଳ ସମ୍ବାଦ ॥ ବନ୍ଦଇଁ ଶାରଦା ଦେବୀ ଝୁଙ୍କଡ଼ ନିବାସୀ । କନକପୁର ଶାସନେ ମାନେ ଅଛୁ ବସି ॥ ଅନ୍ଧ ବଧିର ଜନର ଫେଡ଼ୁ ଦୁଃଖ ତୁହି । ଯେ ତୋତେ ଚିନ୍ତଇ ତାକୁ ପଦ ଦେଉ କିହି ॥ ସରସ୍ୱତୀ ଭଗବତୀ ପାଦେ ନମସ୍କାର । ତୁମ୍ଭ ଚରଣେ ବିନ୍ତି କର ପ୍ରତିକାର ॥ ବନ୍ଦଇ ଶ୍ରୀକୃଷ୍ଣ କାମପାଳ ସଙ୍କର୍ଷଣ । ସଦ୍ଭୁତ ଦେଇଣ ମୋତେ ହୁଅ ସୁପ୍ରସନ୍ନ ॥ ବଳରାମ ଦାସ ମୁହିଁ କ୍ଷତ୍ରକୁଳେ ଜନ୍ମ । ମାଳବରେ ପ୍ରକାଶିବ ନାରଦ-ପୁରାଣ ॥ ଅଷ୍ଟାଦଶ ପୁରାଣ ଯେ ଅଗାଧ ସାଗର । ପ୍ରାକୃତରେ ରଚଇଲୁ ମୁହିଁ ସ୍ଥାନ ସ୍ଥର ॥ ବ୍ୟାସଦେବ ଅଗସ୍ତିଙ୍କି ସମ୍ବାଦ କହିଲେ ।

Digitized by PPRACHIN, SOA

ବୈଧୃତପର୍ବତେ ନଚ୍ୟାଶ୍ରମେ କି ସ୍ନାଛଲେ । ୧୦ । ଦଧିକାନ୍ତଦେଶ ଭୂମି କରାଇଣ୍ଡ ସ୍ନାନ । ଅଗସ୍ତିଙ୍କି ବ୍ୟାସଦେବ କହନ୍ତି ପୁରାଣ ।

ଅଗସ୍ତି ଉବାଚ ।

ଅଗସ୍ତି ବୋଲନ୍ତି ଶୁଣ ବ୍ୟାସଙ୍କ ବଦନ । କହ ମହାମୁନି ମୋତେ ନାରଦପୁରାଣ ॥ କେବଣ ଚରିତ କଲେ ସେହି ମହାତମା । ବମୁକ୍ତି ସୂକ୍ଷ୍ମ ଦୀପ୍ତି ଜ୍ଞାନାଦ୍ଧ କଳ୍ପନା ॥ ବଧାନ ବହୁତ ଧର୍ମ ଜ୍ଞାନ, ଶାସ୍ତ୍ର ଅଦ୍ଧ । କବା ମନ୍ତ୍ର କବା ଶିକ୍ଷା ଦେଲେ ସେହୁ ସାଧୁ ॥ ପରାଶର-ସୁତ କହ ବଧିପୂର୍ବ କରି । ତବ ମୁଖରୁ ଶୁଣିଲେ ଯିବ ମୁଁ ନିସ୍ତରି ॥

ବ୍ୟାସଦେବ ଉବାଚ ।

କହୁଛନ୍ତି ବ୍ୟାସଦେବ ଶୁଣ ହେ ଅଗସ୍ତି । ଶ୍ରୀ ଭାଗବତ କହିଲି ଯେତେକ ଉକ୍ତ ॥ ହବ ନମି ପଉଲସ୍ତ୍ୟ ଭୃଗୁ ସାତବଂଶ ୨ ସ୍ୱସ୍ତି ନାରଦ ଦେବର୍ଷି ଶ୍ରୀଅଙ୍ଗୁ ପ୍ରକାଶ ॥ ଜନ୍ମ ଲଭି ମନ୍ଦରାକ୍ଷ ମୁଖରେ ଅଭ୍ୟାସି । ପଥରେ ଦେଖିଲେ ମୁନି ନବଗ୍ରହ ଋଷି ॥ ସେହି ଋଷିଙ୍କୁ ଯେଣୁ ସେ ନୟନେ ଦେଖିଲେ । ତେଣୁ ମୁନିବର ତାଙ୍କୁ ବଚନ ଭଣିଲେ ॥ ବୋଇଲେ ହେ ମୁନିବର କେବଣେ ଯାଉଥିଲ ॥ କେବଣ ନଗରେ କେଉଁ କର୍ମ କରୁଥିଲ । ୨୦ । ଶିତଗତ କାମତ ଯେ ପରଶୁରମାନ । ନବଗ୍ରହ ନାମ କିପାଁ ବହିଲ ଅପଣ ॥ ନାରଦ ଅଗ୍ରତେ ନବ-ଗ୍ରହ କହୁଛନ୍ତି । ଅପଣ ଯାହା ପୁଚ୍ଛିଲେ ଅଟ୍ଟେ ବ୍ରହ୍ମ-ଯଜ୍ଞ ॥ ସୌରାଷ୍ଟ୍ରଦେଶେ ମୋ ଜନ୍ମ ଭରଦ୍ୱାଜବଂଶେ । ଅଭ୍ୟସ୍ତ-ମନୁର ସୁତ ଜାଣିମା ବିଶେଷେ ॥ ଜନମକାଳରେ ନବଗ୍ରହ ଥିଲେ ରହି । ବହୁତବଧାନେ ଯେବା ଦଣ୍ଡମଣ୍ଡ ଦେଇ ॥ ରାହୁ ଦବସ ବୋଲିଣ ବେନ କାଳ ଜାଣ । ଦବସେ ସୂର୍ଯ୍ୟଙ୍କପ୍ରଭା ଗତେ ଚନ୍ଦ୍ରାୟଣ ॥ ଦବସେ ଜନ୍ମିଲେ ଲଭେ ବଶାଶଏ ମୋକ୍ଷ । ରାହେ ଶଏ ଅଠବର୍ଷ ଆୟୁଷ ପ୍ରତ୍ୟକ୍ଷ ॥ ସୂର୍ଯ୍ୟ ଅୟନ ନେଉଳ ଦଶାଟି ଅଟଇ । ଚନ୍ଦ୍ରାୟଣ ନାକ୍ଷତ୍ରିକ ଦଶା ସେ ବୋଲାଇ ॥

Digitized by PPRACHIN, SOA

ରବିଙ୍କ ଦଶାରେ ରକ୍ତ କୁଷ୍ମାଣ୍ଡ ଘୋଟ ଜପିବା ବୃଷେ ଯେବା
ଜନ୍ମ ଯେବା ମୁଖ୍ୟ ଯୋଗ । ସନ୍ଧ୍ୟାନ କରନ୍ତୁ ଶୋଭିଣୀ ବସାଳେ
ରହଣ । ଆଦିତ୍ୟହୃଦୟ ମନ୍ତ୍ର ହେତୁକଲ ଜାଣ । ଅଦିତ୍ୟ ହୃଦୟ ମନ୍ତ୍ର
ଜପାଇ ସ୍ମରଣ । ଅଗସ୍ତି ବିପ୍ରବରଙ୍କୁ କରାଇ ବରଣ । ୩ । ଆଦି-
ବାରେ ଅଧିବାସ ଆଦିତ୍ୟହୃଦୟ । ଅଗସ୍ତି କରାଇ ଦର୍ଭ ବାଧି ପଦ୍ମ-
ମୟ ॥ ଉତ୍ତମ ପାତ୍ରରେ ନାନା [illegible] ଭର । ଅଗପତ୍ରଶୁଳ୍କ
ଏକ-ବର୍ଣ୍ଣ ଧାନ୍ୟେ କରଇ ॥ ପୂର୍ଣ୍ଣ୍ୟବର୍ଣ୍ଣ ପୁଷ୍ପମାନ ଏକତ୍ର କରିବ ।
ଗୋରସ ଯେତେକ ଦ୍ରବ୍ୟ ଯତନେ ସ୍ଥାପିବ । ଦଶୋଟି ଗୁବାକ ତହିଁ
ଚିଣାମି ରଖାଇ । ଦୁବ ଯେ ବଦରୀପତ୍ର ଯତନରେ ଥୋଇ । ମଧୁ
ଖଣ୍ଡ ନାରିକେଳ ଅଂଶୁ କନ୍ଦମୂଳ । ଇତ୍ୟାଦି ଯେତେକ ଦ୍ରବ୍ୟ
ସୁମଧୁର ଫଳ । କଦଳୀ ମିଶ୍ରିତ ପଞ୍ଚାମୃତ ଅର୍ଦ୍ଧ କିଛ । ନୂତନ
ବସନମାନ ସେ ନେ ସମ୍ଭାଇ । ତହୁଁ ବାଲାର୍କବେଳାରେ
ଜଳଘାଟେ ଯାଇ । ଅନ୍ଧନାଥ ଅସୁଖିବେ ଯେଉଁବେଳେ ଉଇଁ ॥
ସଙ୍କଳ୍ପ କରିବେ ବିପ୍ର ନାମ ଗୋତ୍ର ନେଇ । ମହାଦଶା ଉଚ୍ଚାରିବେ
ଅର୍କ ନାମ ଧ୍ୟାଇ ॥ ସବୁ ମନ୍ତ୍ରରାଜ ଅଟେ ଆଦିତ୍ୟହୃଦୟ । ଶାନ୍ତି
ଲଭିଣ ରହନ୍ତି ସେହି ନବଗ୍ରହ । ସପ୍ତବିଂଶଦିନଯାଏ ଅଟଇ ପ୍ରମାଣ ।
ସଂକ୍ଷେପତଃ ଏ ଦିନରେ କରାଇ ସମ୍ପୂର୍ଣ୍ଣ । ୪୦ । ଅବରେନ ଉପା-
ସ୍ତ୍ରକୁ ହେଉଛଇର ମନ । ଏ ପିଥ ସ୍ଥାନରେ ଶୁଦ୍ଧ ଗୋମୂତ୍ର ଲେପଣ ।
ମୁରୁଜ ଲେଖନ କର ପଦ୍ମର ଆକାର । ତହିଁ ମଣ୍ଡଳ ସ୍ଥାପିବ କର
ସମାଦର । ଆଦିତ୍ୟମନ୍ତ୍ରକୁ ଯୁକ୍ତେ ଜପିକେ କରାଇବ । ଜପେ
କରାଇଣ ନନ୍ଦି-ହୃଦେ ଉଚ୍ଚାରିବ । ଲିଖିତ ବିଧିରେ ଦ୍ରବ୍ୟ ଯେତକ
ଲୋଡ଼ା ହେବ । ସେହିଠାରେ ସବୁ ନେଇ ଯତନେ ସ୍ଥାପିବ । ଆଦିତ୍ୟ
ହୃଦୟ-କର୍ମ ଏମନ୍ତ ବିଧାନ । ବ୍ୟାସ-ଭାଷା ଅଗସ୍ତି ଶୁଣିଣ ତୋଷ
ମନ । ନଶାରେ ପୂଜିବ ଚନ୍ଦ୍ର ବିଧିର ଉଦନ୍ତେ । ନାରଦପୁରାଣେ
ଲେଖି ଚନ୍ଦ୍ରାୟଣ ବ୍ରତେ । ଶୁକ୍ଳପୁଷ୍ପ ଦେଇ ଚନ୍ଦ୍ର-ଦ୍ରବ୍ୟମାନ ସ୍ଥାପି ।

Digitized by PPRACHIN, SOA

ପୂଜି ନବ ବସ୍ତ୍ର ବେଦବାକ୍ୟରେ ସମର୍ପି ॥ ହୋମ କରାଇଣ ଚନ୍ଦ୍ର ସହସ୍ର ଯେ ନାମ । ବକାରେ ପଢ଼ିବ ସ୍ତୋତ୍ର ରୋଗ ବିମୋଚନ ॥ ଚତୁର୍ଦ୍ଦଶଦିନଯାଏ ଶିବଙ୍କୁ ପୂଜିବ । ପୁଣ୍ୟଫଳ ପାଇ ତହୁଁ ଶାନ୍ତିକ ଲଭିବ ॥ ମହାଦଶା ପଡ଼ିଥିଲେ ଶାନ୍ତିକ ଭଜିବ । ବ୍ୟାସ-ଭାଷା ଅଗ ସ୍ତିକ ଅଟଇ ସୁଲଭ । ୫୦ । ବ୍ୟାସ-ମୁଖ ଶୁହୁଁଣ ବୋଲନ୍ତି ମହାମୁନି । ନବଗ୍ରହ ଋଷି ଯେ ନାରଦଅଗେ ଭଣି ॥ ନବଗ୍ରହ ବୋଲି କିପାଁ କହିଲେ ସେ ନାମ । କହ ପରାଶର-ସୁତ ଏଥିରବିଧାନ ॥ ତବ ମୁଖରୁ ଶୁଣିବି ପୁରାଣସଂହିତ । ତବ ବିହିତ କର୍ମର ସକଳ ବ୍ୟବସ୍ଥା ॥ ବ୍ୟାସ ମହର୍ଷି ବୋଲନ୍ତି ଶୁଣ ହେ ଅଗସ୍ତି । ନବଗ୍ରହ ନାମ ଗୋଟି ଯେରୂପେ ହେଲନ୍ତି ॥ ଅଭିମନ୍ୟୁ ଯେ ଏକଦିନେ ଚଳିଗଲେ । ବ୍ରହ୍ମାଙ୍କ ନିକଟେ ଯାଇଁ ପ୍ରବେଶ ହୋଇଲେ ॥ ବସିଛନ୍ତି ବେଦବର ଯୋଗଧ୍ୟାନ କରି । ନବଗ୍ରହ ଧ୍ୟାନ ଗତେ ଛନ୍ତି ଅନୁସରି ॥ ଅଭିମନ୍ୟୁ ଦେଖିଲେ ସେ ନବଗ୍ରହଙ୍କୁ । କିଏ କିଏ ବୋଲି ପୁଚ୍ଛାକଲେକ ତାହାଙ୍କୁ ॥ ଏହି ବେକଜନ କିପାଁ ବିରୂପ ହୋଇଲେ । ଗଣ୍ଡି ମୁଣ୍ଡ ବେନି ଏକ ଶରୀର ଧଇଲେ ॥ କହିଣ ବିନାଶ କର ମୋର ମନଛନ୍ଦ । ଆଦ ଅନ୍ତ କହଣ କହିବ ଯଥାଭିବ ॥

ନବଗ୍ରହ ଉବାଚ ।

ନବଗ୍ରହ ମଧ୍ୟେ ଶ୍ରେଷ୍ଠ ଶୁକ୍ର ବୃହସ୍ପତି । ଶୁଣ ହେ ଅଭିମନ୍ୟୁ ଆମ୍ଭର ଉତ୍ପତ୍ତି । ୬୦ ।

ଶୁକ୍ର ଉବାଚ ।

ଭୃଗୁ ଯେ ବୋଲନ୍ତି ତୁମ୍ଭେ ଶୁଣ ମୋର ବାଣୀ । ଦୈତ୍ୟମାନଙ୍କର ଶ୍ରେଣୀ ଛନ୍ଦ ଦ୍ୱନ୍ଦ୍ୱ ବାଣୀ ॥ ଶ୍ୱେତବରାହ କଳ୍ପରେ ଦେବ ନାରାୟଣ । ଯୋଗମାୟା ରୂପକୁ ସେ ଧଇଲେ ଆପଣ ॥ ମହିଷାସୁର ନାଶିବାକୁ ସ୍ତ୍ରୀରୂପ ଧରି । ଶୂଳ ପ୍ରହାରିଲେ ମାତା ଦକ୍ଷ କରେ ଧରି ॥ ଶୋଣିତ ବହିଲା ତାଁର ଅତ୍ୟନ୍ତ ଗହଳ । ସେହି ରୁଧିର ଧଇଲେ ଅପେ କର-

Digitized by PPRACHIN, SOA

ତଳ ॥ ବସ୍ତ୍ରଉଲେ ମଲ୍ଲରାଜ ଉପନମୂରତ । ତେଣୁକର ଧଇଲେ
ସେ ବୀରବରମୂର୍ତ୍ତି ॥ ସହସ୍ରେକ ଯୋଦ୍ଧା ସେହୁ ହେଲେ ବୀରବର ।
ହସ୍ତରେ ଧଇଲେ ଶସ୍ତ୍ର ତୋଳ ଦୁର୍ବାଙ୍କୁର ॥ ଗୃରୁମସ୍ତ ବୋଲିକର
ସେନ ଏକ ନାମ । ଅତ୍ୟନ୍ତ ଗାଢ଼ ସ୍ୱରୂପେ ରବ ହେଲେ ଜନ୍ମ ॥
ନାମ ଚରୁ ଦ୍ୟନ୍ତେ ତହିଁ ଚତ୍ର ଚଅଇଲା । ଚଳାଚଳ ମନ୍ତ୍ର ଧ୍ୟାନେ
ଚନ୍ଦ୍ରମା ଜନ୍ମିଲା ॥ ଚୌଷଠି ସହସ୍ର ଗୁଣ ଅଟେ ହିମକର । ଶ୍ୱେତ
ବୃଷ ଗାଢ଼ ଛତ୍ର ଧଇଲେ ଶରୀର ॥ ହିମା ଶୁ ବୋଲିଣ ତହିଁ ଦେଲେ
ଏକନାମ । ଅନ୍ତ୍ର ରୁଧିରରୁ ହେଲେ ଚନ୍ଦ୍ରମା ଜନମ । ୭୦ । ଭୂପତି
ମଣ୍ଡଳ ମନ୍ତ୍ରେ ମଙ୍ଗଳ ଜନ୍ମିଲେ । ମହୀସୁତ ବୋଲିକର ନାମ ଗୋଟି
ଦେଲେ ॥ ବୃଷଭ ମନ୍ତ୍ରରୁ ବୁଧ ହୋଇଲେ ଜନମ । ପଣ୍ଡିତପଣେ
ସେହୁ ହିଁ ହେଲେ ଅଗ୍ରଗଣ୍ୟ ॥ ରଣ ପଞ୍ଜରରୁ ଜୀବ ହୋଇଲେକ ଜାତ ।
ବୃହସ୍ପତି ବୋଲିକର ନାମ ତା ବିଖ୍ୟାତ ॥ ଦେବତାଲୋକର ଗୁରୁ
ସେହୁତ ବୋଲଇ । ଅଗତ ମୃତ୍ୟୁ ବପାକ ସକଳ ଜାଣଇ ॥ ସୌରାଷ୍ଟ୍ର
ବପାକ ମନ୍ତ୍ରେ ଅଟନ୍ତି ଶୁକ୍ର ଜାତ । ମନ୍ତ୍ରଣାଭାବରେ ଅଟନ୍ତି ଜାଣ
ସର୍ବ ତତ୍ତ୍ୱ ॥ ସ୍ୱାଭାବିକ ହେତୁ ନ୍ୟାସ ବୋଲି ମନ୍ତ୍ର ଦେନ । ତତକ୍ଷଣେ
ଜନ୍ମ କରାଇଲେ ନାମ ଶନି ॥ ମନ୍ଦ ବୋଲି ନାମ ଗୋଟି ହୁଦେ ଘୃଣା
କଲେ । ଦେଖିଣ ଶରୀର ମନ୍ଦବାକୁ ଇଚ୍ଛା କଲେ ॥ କୋପ କରି
ମର୍ଦ୍ଦିବାକୁ କେଶ କରେ ଦ୍ୟନ୍ତେ । ଦେଖି କରି ଛାୟା ଦେବୀ ଧରି
ବେନ ହସ୍ତେ ॥ ପ୍ରତିପାଳନ କଲେ ସେ ଅଦ୍ଭୁତ୍ୟରମଣୀ । ସୂର୍ଯ୍ୟ-ପୁତ୍ର
ବୋଲି ନାମ ସେ ଦାନରୁ ଭଣି ॥ ଅରୁଣ ଅଗସ୍ତ୍ୟ ବୋଲି ଏକ ମନ୍ତ୍ର
ଦେଲା । ଶେଷ ପାଇ ରୁଧିରରୁ ପୁଚ୍ଛେ ଜନ୍ମିଲା । ୮୦ । ଉତ୍ସର୍ଗରେ
ଅଦ୍ଭୁତ୍ୟମଣ୍ଡଳ ସେ କିଣଇ । ଦେଖି କରି ଗ୍ରହନାଥ ମନେ ବିଚା-
ରଇ ॥ କ ଜାଣି ସ୍ୱର୍ଗକୁ ଏହୁ କରିବ ନପାତ । କେମନ୍ତେ ଏ ପାପିଷ୍ଠକୁ
କରାଇବା ହତ ॥ ମନରେ ବିଚାର କରି ସୂର୍ଯ୍ୟନାରାୟଣ । ନତ୍ୟ-
ପୁରେ ଅଧୀଶ୍ୱରେ କଲେକ ସେ ଧ୍ୟାନ ॥ ବ୍ୟାସ ମହର୍ଷି କହିଲେ

Digitized by PPRACHIN, SOA

ଅଗସ୍ତି ଅଗର । ବ୍ରୀକ ବଳରାମ ଦାଣେ ରଖ ଚକ୍ରଧର । ୮୪ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ପ୍ରଥମୋଽଧ୍ୟାୟଃ ।

୨ୟ ଅଧ୍ୟାୟ ।

ଅଥର୍ବବେଦ ମତେ ଯଜ୍ଞରେ ଜନ୍ମ ବଧର କଥା । ୨

ଅଗସ୍ତି ଉବାଚ ।

ଅଗସ୍ତି ବୋଲନ୍ତି ବ୍ୟାସ ପାଦ ପଦ୍ମ ଧରି । ଏଥିର ଉତ୍ପନ୍ନ ଚରିତ କହିବା ବିସ୍ତାରି ॥

ବ୍ୟାସ ଉବାଚ ।

ବ୍ୟାସ ମହର୍ଷି ବୋଲନ୍ତି ଶୁଣ ହେ ଅଗସ୍ତି । ନିତ୍ୟ ନିରଞ୍ଜନେ ଧ୍ୟାନ କଲେ ଛାୟାପତି ॥ ଧ୍ୟାନେ ଚତୁର୍ଭୁଜ ଖଣ୍ଡା ଦେଲେ ବେନି କରେ । ବିନାଶ କର ଭୁ ତମ ପୁରୁଷ ସତ୍ବରେ ॥ ଚନ୍ଦ୍ର ସୂର୍ଯ୍ୟ ବେନି ଖଣ୍ଡା ହସ୍ତରେ ଧଇଲେ । ତନ୍ତୁ ପୁରୁଷର କଣ୍ଠେ ବେଗେ ପ୍ରହାରିଲେ ॥ ପ୍ରହାରନ୍ତେ ବେନିଖଣ୍ଡ ହୋଇଲେକ ମୂର୍ତ୍ତି । ଘୋର ନାଦ କରି ସେହୁ ଉଠିଲ କୁଅନ୍ତି ॥ ଅଭ ବେଳେ ଖଣ୍ଡା କଣ୍ଠେ ପ୍ରହାରନ୍ତି ନେଇ । ବେନି ଖଣ୍ଡ ହୋଇ ସେହୁ ପ୍ରହାର କରଇ ॥ ଦେଖିଣ ଦେବତାଗଣ ସୁଧା ବରଷିଲେ । ଅମୃତ ପାନ କରିଣ ଶାନ୍ତିକ ଭଜିଲେ ॥ ଯଜ୍ଞରେ ଦୂଷିତ ହେଲେ ଚନ୍ଦ୍ର ସୂର୍ଯ୍ୟ ବେନି । ସେ ଛାୟାରେ ଲୁକାଇ ହୋଇବେ କର୍ମ ଯେନି ॥ କୃଷ୍ଣରେ ପ୍ରଚ୍ଛପ ପଥ ସୂର୍ଯ୍ୟ ଅଙ୍ଗେ ତାପ । ଜାଣିଣ ପୁରାଣ ଲୋକେ କହଇ ଉତ୍ସୁକ ॥ ପୂର୍ଣ୍ଣିମା ପ୍ରଚ୍ଛପ-ସନ୍ଧି ଚନ୍ଦ୍ର ଗ୍ରାସ୍ୟା କରଇ । ସଟଲେ କରିବେ ଦାନ ଧନ-ଅଧିକାରୀ । ୧୦ ।

ଏମନ୍ତେଣ ନବ ଜଣ ହୋଇଲେ ଜନମ । ଯୋଗମାୟା ବୁଧିବରୁ ହେଲେ ଉତପନ୍ନ । ଅମ୍ଭେ ନବଗ୍ରହ ମିଳି ଏକରୂପ ହୋଇ । ଦୁର୍ଗଅନ୍ଧ ତନସ୍ଥବ ମୁଖ ବିସ୍ତାରଇ ॥ ନୈଷ୍ଠାସୁର ଯଜ୍ଞେ ରକ୍ତବୀଜ କଲେ ହତ ।

Digitized by PPRACHIN, SOA

ଅସୁର ଉଦରେ ସର୍ବ କରଇ ସମ୍ଭୂତ ॥ ତେବେ ସେ ମୈଷାକୁ ନାଶ
କଲେ ଯୋଗନାନ । ସେ ଦିନରୁ ବୋଲାଇଲେ ନବଗ୍ରହ ନାମ ॥
ଶୁକ୍ରଙ୍କ ବଚନେ ଶାନ୍ତ ଅଭସ୍ତ ଯେ ମନୁ । ଅପଣାର ଦୁଃଖ ହୃଦେ
ବର୍ଦ୍ଧି ଇଲେ ତେଣୁ ॥ ବୋଇଲେ ହେ ଭୃଗୁ ତୁମ୍ଭେ କର ଅବଧାନ ।
କପାଇଁ ଅସୁର କୁଳେ ନୋହିଲା ନନ୍ଦନ ॥ ଅକର୍ମୀ ହୋଇଲି ମୁହିଁ
କର୍ମଫଳ ନାହିଁ । କି ଅବା ଅକର୍ମ ମୁହିଁ ପୂର୍ବେ କରିଛଇଁ ॥ ଏଥି
ନିମନ୍ତେ ଅମରପୁରକୁ ଅଇଲି । ବ୍ରହ୍ମାଙ୍କ ସମ୍ମୁଖରେ ମୁହିଁ ଦୁଃଖ ଜଣା-
ଇଲି ॥ ଭୃଗୁ ବୋଇଲନ୍ତି ଅଭସ୍ତ-ମନୁର ବଚନେ । ଅହେ ରାଜଋଷି
ବସ ଶୁଣ ଏକମନେ ॥ ଅମ୍ଭ ଅଜ୍ଞା ଦେନ ଭୁହ ନିଜସ୍ଥାନେ ଚଳ ।
ଏକ ଉପାସ୍ୟ କରିଣ ଲଭ କର୍ମ-ଫଳ । ୨୦ । ଶାର୍ଦ୍ଦୂଳକ ବୋଲି
ଏକ ବ୍ରତ ଯେ ଅଛଇ । ମେଷମାସେ ଉଦ୍ୟାପନ୍ନ କର ବେଗେ
ଯାଇ ॥ ଶୁକ୍ଳପକ୍ଷରେ ଦଶମୀ ତିଥି ହୋଇ ଥିବ । ସୂର୍ଯ୍ୟଙ୍କର ବାସ-
ରହିଁ ସେ ଦିନ ରହିବ ॥ ନବଗ୍ରହଙ୍କ ମଣ୍ଡଳ ଯତନେ ସ୍ଥାପିବ । ସେ
ଯାହାର ବିଧି ଦ୍ରବ୍ୟ ସକଳେ ପୂଜିବ ॥ ଏକ ଏକ ବୋଲି ନାମ କରି
ଉଚ୍ଚାରଣ । ଦ୍ୱିଜଙ୍କୁ ଅଣାଇଁ ଏଥି ଲଭିବ କାରଣ ॥ ଘୃଅ ଦୃତେ ବିଧି-
ମତେ ହୋମ ସେ କରିବ । ଯେ ଯାହା ସମିଧକୁଣ୍ଡେ ଆହୁତିରେ ଦେବ ॥
ଯେ ଯାହାର ଶକ୍ତିମତେ ଦେବ ତହିଁ ଚରୁ । ଅଜ୍ଞାମର ପୁଅ ହେବ
ଯେହ୍ନେ ମହାମେରୁ ॥ ଭୃଗୁଙ୍କ ବଚନେ ମନୁ ବେଗ ହୋଇ ଗଲେ ।
ଅପଣା ମନ୍ଦିରେ ଯାଇ ପ୍ରବେଶ ହୋଇଲେ ॥ ଭୃଗୁଙ୍କର ବଚନ କାମିନୀ
ଅଗେ କହି । ନବଗ୍ରହଙ୍କୁ ପୂଜିଲେ ପୁଅ ଲଭିବଇଁ ॥ ଅଥର୍ବ ବେଦର
ନ୍ୟାସ୍ତ କେମନ୍ତ ଚରିତ । ତବ ମୁଖରୁ ଶୁଣିଲେ ସ୍ଥିର ହେବ ଚିତ୍ତ ॥

ବ୍ୟାସଦେବ ଉବାଚ ।

ବିଧିବିଧାନ ସମସ୍ତ ସଂକ୍ଷେପି କହିଲେ । ବିପ୍ରଙ୍କୁ ବରଣ କରି
ବେଗେ ଅଣାଇଲେ । ୩୦ । ସଙ୍କଳ୍ପ କରିଣ ବ୍ରତ କଲେ ଉଦ୍ୟା-
ପନ । ମେଷମାସ ଶୁକ୍ଳପକ୍ଷ ଦଶମୀର ଦିନ ॥ ଶାର୍ଦ୍ଦୂଳକ ବ୍ରତରାଜ ସେ

Digitized by PPRACHIN, SOA

ବନରେ ହୋଇ । ନବଗ୍ରହ ପୂଜା କରି ଶାନ୍ତିକୁ ଲଭଇ ॥ ତରୁ ନେଇଣ କାମିନୀ ଗର୍ଭକୁ କ୍ଷେପିଲେ । ସେହି ବନ ଉଦରରେ ବନ୍ଦୀ ବାସ କଲେ ॥ ନ ମାସ ଛବିଶ ଦିନେ ଲଭିଲେ ଜନମ । ଦେଖିଣ ଅଭ୍ୟସମନ ହରଷିତ ମନ ॥ ଗଣନ୍ତଙ୍କୁ ଅଣାଇଣ ବାଛି ଦେଲେ ନାମ । ବେଗ ହୋଇ ପୂଜିବାରୁ ଲଭିଲେ ନନ୍ଦନ ॥ ନବଗ୍ରହ ନାମରେ ସେ ବିଦିତ ହୋଇଲେ । ଅଗସ୍ତି ବ୍ୟାସଙ୍କୁ ଶୁଣି ସନ୍ତୋଷେ ଲଭିଲେ ॥

ଅଗସ୍ତି ଉବାଚ ।

ଅଗସ୍ତି ପୁଚ୍ଛିଲେ ବ୍ୟାସଦେବଙ୍କ ଅଗ୍ରତେ । ନାରଦ ପ୍ରସ୍ତାବ କହ ମହାମୁନି ମୋତେ ॥ ଅଥର୍ବ ବେଦର ନ୍ୟାସ୍ୟ କେମନ୍ତ ଚରିତ । ତୁମ୍ଭ ମୁଖରୁ ଶୁଣିଲେ ସ୍ଥିର ହେବ ଚିତ୍ତ ॥

ବ୍ୟାସଦେବ ଉବାଚ ।

ବ୍ୟାସ ମହର୍ଷି ବୋଲନ୍ତି ଶୁଣ ହେ ଅଗସ୍ତି । ଅଥର୍ବ ବେଦର ନ୍ୟାସ୍ୟ ନାରଦ ବିଭୂତି ॥ ଦ୍ରାବିଡ଼ ବୋଲିଣ ଦେଶ ବାରଧି-ଉତ୍ତର । ଦ୍ରାବିଡ଼େଶ୍ୱର ନାମରେ ନୃପତି ତହିଁର । ୪୦ । ସୁଜଶର୍ମା ବୋଲିଣ ଅଟନ୍ତି ପୁରୋହିତ । ରୁଦ୍ରଗଣ ଯାଗ ବୋଲି କଲେକ ବିଖ୍ୟାତ ॥ ଆପଣାର ବନ୍ଧୁବର୍ଗ ପୁଣି ବନ୍ଧୁଜନ । ଜଣେ ଜଣେ ଅଣାଇଲେ କରି ଆମନ୍ତ୍ରଣ ॥ ଦ୍ରାବିଡ଼ଦେଶରେ ସେହି ଉତ୍ସବ କରାଇ । ରୁଦ୍ରଗଣ ଯାଗ ଆରମ୍ଭକୁ ବର ପାଇ ॥ ଯାଗ ଭୂମି ନିଉଛାଳ ତଳ ବୀଜ ବୁଣି । ବୃକ୍ଷ ଉତ୍ପନ୍ନ ହୁଅନ୍ତେ ବେଦୀ ନିରୂପଣି ॥ ସଙ୍କଳ୍ପ କଲେକ ସେହି ବେଦ-ବିଧିମତେ । ଯାଗରେ ପରମବ୍ରହ୍ମ ବେଦର ଉଦିତେ ॥ କୁଣ୍ଡରେ ଅନଳଦେବ ଆସି ପ୍ରବେଶଇ । ଅଦ୍ଭୁତ ଦେଖିଣ ତହିଁ ସମିଧ ପକାଇ ॥ ବହୁଘୃତ ଧାରା ପାଇ ଅଗ୍ନି ହେଲେ ଉଭା । ଘୃତ ପାଇ ପଞ୍ଚଅଗ୍ନି ଲଭିଲେ ସନ୍ତୋଷ ॥ ସୁଜଶର୍ମା ଦ୍ୱିଜବର ସାବିତ୍ରୀ ଉଚ୍ଚାର ।

Digitized by PPRACHIN, SOA

ମନମଧରେ ସନ୍ତୋଷ କଲନ୍ତେ ତାଙ୍କରି ॥ ସ୍ମରନ୍ତେ ଦିବ୍ୟରୂପ ପ୍ରକାଶିତ ହେଲା । ବେଦ ଶୃଙ୍ଗ ବେଦ କର୍ଣ୍ଣ ନାମ ପୃଷ୍ଟବଳା । ଦେଖିକରି ଦ୍ୱିଜବର ହୋଇଲା ଆଶ୍ଚର୍ଯ୍ୟ । ସାବିତ୍ରୀ ଗାୟତ୍ରୀ ମଧ୍ୟୁଁ ଜାତ ହେଲା ଷଣ୍ଢ । ୫୦ । ବସ୍ତ୍ର କରଣ ସର୍ବେ ଏକ ଏକ କରି । କୁଳାନ୍ତକ ଧନୁକୁ ସେ କରରେ ଓଟାରି ॥ ଓଟାରନ୍ତେ ଧନୁବର ଅଜ୍ଞାନ ହୋଇଲା । ଷଣ୍ଢକୁ ବନ୍ଧଣ ଯଜ୍ଞକୁଣ୍ଡେ ପକାଇଲା ॥ କୁଣ୍ଡରେ ପଡ଼ନ୍ତେ ଷଣ୍ଢ ଉଦ୍ଧର୍ଗିଲା ପ୍ରାଣ । ତାହାର ଆତ୍ମାରୁ ହେଲା ପୁରୁଷେକ ଜନ୍ମ ॥ ଦେଖିଣ ସମସ୍ତ ଲୋକେ ତଟସ୍ଥ ହୋଇଲେ । ଏମନ୍ତ ସମୟେ ଋଷି ନାରଦ ମିଳିଲେ ॥ ପାଦ ଧଉତ କରାଇ ଆସନେ ବସାଇ । ଯେ ଯାହାର ମାନ୍ୟ କଲେ ଜଣେ ଜଣେ ହୋଇ ॥ ଯାଗର ବୃଧାର୍ନ ତାଙ୍କୁ ସକଳ କହିଲେ । ଶୁଣିଣ ନାରଦମୁନି ଆଶ୍ଚର୍ଯ୍ୟ ମଣିଲେ ॥ ଏମନ୍ତ ଶୁଣି ନାରଦ ବୋଲନ୍ତି ବଚନ । ଅଭୁବେଳେ ଯାଗ ତୁମ୍ଭେ କର ଅରମ୍ଭଣ ॥ ନାରଦ ବଚନେ ରାଜ-ଶର୍ମା ଦ୍ୱିଜ-ବର । ଗତ ଯାଗ ଅରମ୍ଭଣେ କଲେକ ସମ୍ଭାର ॥ ଅଗ୍ନି ସଂଯୁତ କରଣ ଅଗ୍ନି ଜାତ କରି । ସାବିତ୍ରୀମନ୍ତ୍ରକୁ ସେହି ଗାୟତ୍ରୀ ଉଚ୍ଚାରି ॥ ଉଚ୍ଚାରନ୍ତେ ଷଣ୍ଢ ପୁଣି ଲଭିଲା ଜନମ । କୁଳାନ୍ତକ ଧନୁ ତାକୁ କଲାକ ନିଧନ । ୬୫ । କୁଣ୍ଡରେ ପଡ଼ନ୍ତେ ସେହୁ ଋଷିମୂର୍ତ୍ତି ହେଲେ । ଷଣ୍ଢ ଦେହୁଁ ପୁରୁଷେକ ବାହାର ହୋଇଲେ ॥ ଦେଖିଣ ନାରଦମୁନି ବୋଲନ୍ତି ବଚନ । ଅଷ୍ଟାବକ୍ରଁ ଅଇଲେ ସେ କହିବେ ବିଧାନ ॥ ରାଜ-ଶର୍ମା ବୋଇଲେ ହେ କରସି ବସ୍ତ୍ର । ଆଗମନ ଏଥକୁ କରିବେ ଦ୍ୱିଜବର ॥ କେ ଯାଇ ବାରତା ତାଙ୍କୁ ଦେବ ହେ ବହନ । ଶୁଣିଣ ନାରଦମୁନି ଚଢ଼ି ମନୋଯାନ ॥ କୂଟଗିରିପର୍ବତରେ ତପ କରୁ-ଥିଲେ । ତାଙ୍କ ତର୍ପଣବେଳରେ ନାରଦ ମିଳିଲେ ॥ ତର୍ପଣ ତ୍ୟଜିଣ ଋଷି ତାହାଙ୍କୁ ପୁଚ୍ଛିଁଲେ । ଅହେ ଅକାହ୍ୱତନୟ କେଉଁଣେ ବଜେ କଲ୍ଲ ॥ ବ୍ୟାସମହର୍ଷି କହିଲେ ଅଶେଷ ଆଗର । ନାରଦପୁରାଣ ଗ୍ରନ୍ଥ-

Digitized by PPRACHIN, SOA

ବଧାନ ବେଭାର ॥ ବଳବ୍ରମ ଦାଶ କଲେ ପ୍ରାକୃତେ ଲକ୍ଷଣ । ହର ହର ବୋଲ ମୁଖେ ଲଭିବ ସୁଜନ ॥

ଇତି ଶ୍ରୀ ନାରଦ ପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଦ୍ୱିତୀୟୋଧ୍ୟାୟଃ ।

—o:o—

ତୃତୀୟ ଅଧ୍ୟାୟ ।

ସେଖ ସୟଦ ମୋଗଲ ପଠାଣଙ୍କର ଜନ୍ମ ବିବରଣ ।

ଅଗସ୍ତି ଉବାଚ ।

ବ୍ୟାସର ମୁଖକୁ ଚାହିଁ ଅଗସ୍ତି ବୋଲନ୍ତି । ଏଥିଅନ୍ତେ କବା କୃତ୍ୟ କଲେ ବ୍ରହ୍ମସୁତ ॥ ଏଥିର ବଧାନ ମୋତେ କହିବାକ ହେଉ । ତବ ମୁଖୁଁ ଶୁଣିଲେ କାରଣ ଲଭିବଇଁ ॥

ବ୍ୟାସଦେବ ଉବାଚ ।

ବ୍ୟାସମହର୍ଷି ବୋଲନ୍ତି ଶୁଣ ତପୋଧନ । ଅଷ୍ଟାବକ୍ର ନାରଦଙ୍କୁ ବୋଲନ୍ତି ବଚନ ॥ କେଉଁ ସମେ କଲ ତୁମ୍ଭେ ନାରଦ ଗୋସାଇଁ । ସ୍ୱରୂପ କାରଣ ମୋର ଅଗେ କହ ହେଇ ॥ ବୋଲନ୍ତି ନାରଦମୁନି ରୁଷିଙ୍କ ଆଗରେ । ଏକେ ସମେ କଲୁ ଅମ୍ଭେ ଦ୍ରାବିଡ଼ଦେଶରେ ॥ ଦ୍ରାବିଡ଼େଶ୍ୱର ବୋଲଣ ତହିଁ ନୃପନାଥ । ରାଜଶର୍ମା ତାହାଙ୍କର ଅଟେ ପୁରୋହିତ ॥ ରୁଦ୍ରଯାଗ ବୋଲି ଯାଗ କରନ୍ତି ଆରମ୍ଭ । କୁଣ୍ଡରେ ଅଗ୍ନିତ ଦ୍ୟନ୍ତି ପଢ଼ି ମନ୍ତ୍ରଭାଗ ॥ ଅନ୍ତେ ଶେଷ ହୁଅନ୍ତେ ଗାୟତ୍ରୀ ସ୍ମରନ୍ତି । ମନ୍ତ୍ରର ମଧ୍ୟରୁ ଏକ ଷଣ୍ଢ ଉତପତ୍ତି ॥ କୁଳାନ୍ତକ ବୋଲି ଧନ୍ଦ ଷଣ୍ଢ କରେ ବଧ । ଯାଗେ ପଡ଼ ବିନାଶ ଭଜଲା ସେହି ଷଣ୍ଢ ॥ ଷଣ୍ଢଦେହରୁ ହୋଇଲା ପୁରୁଷେ ବାହାର । ଅମ୍ଭଙ୍କୁ ପୁଚ୍ଛିଲେ ତହିଁ ଏଥିର ବିଚାର ॥ ୧୦ ॥ କହ ମହାମୁନି ଏହି ଅପୂର୍ବ ଚରିତ । ନାରଦଙ୍କ ବଚନେ କହନ୍ତି ଅଷ୍ଟାବକ୍ର ॥ ସେ ଷଣ୍ଢ ରୁଧିରେ ଜାତ ହେବେ ମୁସଲମାନ । ସେଖ ସୟଦ ଅବର ମୋଗଲ ପଠାଣ ॥ ପୃଥ୍ୱୀର

Digitized by PPRACHIN, SOA

ବ୍ୟବହାର ଶ୍ରୀମୁଖ କାହାଣୀ । ଗ୍ରାମ ରତ୍ନେମ ବେକ ପଥ ଅମ୍ଭେ ଥିଲୁଁ ଶୁଣି ॥ ନାରଦ ବୋଇଲେ ତୁମ୍ଭେ ଶୁଣ ଋଷିବର । ଦ୍ରାବଡ଼ଦେଶକୁ ତୁମ୍ଭେ ଚଳ ଧାଉକାର ॥ ଏଥିର କାରଣ ଯାଇ ସେଠାରେ କହିବ । କହିଣ ସବୁର ମନ ତୋଷ କରାଇବ ॥ ନାରଦ ସେ ଅଷ୍ଟାବକ୍ର ବେଗେ ଚଳିଗଲେ । ଦ୍ରାବଡ଼ଦେଶରେ ଯାଇଁ ପ୍ରବେଶ ହୋଇଲେ ॥ ଯାଗସ୍ଥାନରେ ମିଳିଲେ ବେଗେ ମୁନିବର । ଅଷ୍ଟାବକ୍ରଙ୍କୁ ଦେଖିଣ କଲେ ନମସ୍କାର ॥ ଯାଗର ବିଧାନମାନ କହିଲେ ବିସ୍ତାର । ପ୍ରତିକାର କର ତୁମ୍ଭେ ଅହେ ତପସ୍ୱୀ ॥ ଅଷ୍ଟାବକ୍ର ବୋଇଲେ ଶୁଣ ହେ ଦ୍ୱିଜବର । ଅଉବେଳେ ଯାଗ ତୁମ୍ଭେ କରାଅ ସମ୍ଭାର ॥ ଋଷିର ବଚନେ ଯାଗ ପୁଣି ଆରମ୍ଭିଲେ । ସମ୍ଭାର କରି ସମିଧେ ଆହୁତି ଅର୍ପିଲେ ॥ ୨୦ ॥ ଆହୁତି ଶେଷ ହୁଅନ୍ତେ ଗାୟତ୍ରୀ ସ୍ମରନ୍ତି । ଜାତ ହେଲା ଷଣ୍ଢ-କାୟା ଯେନ ନିଜ ମୂର୍ତ୍ତି ॥ କୁଳାନ୍ତକ ଧନୁ ନେଇ ଯାଗେ ପକାଇଲା । ଯାଗରେ ପକାନ୍ତେ ଷଣ୍ଢ ପ୍ରାଣ ଉତ୍ସର୍ଗିଲା ॥ ସେ ଷଣ୍ଢ ଦେହରୁ ଏକ ପୁରୁଷ ବାହାର । ତାହା ଦେଖି ଅଷ୍ଟାବକ୍ର ବୋଲନ୍ତି ଉତ୍ତର ॥ ଶୁଣ ରାଜଶର୍ମା ଦ୍ୱିଜ ଆମ୍ଭର ବଚନ । ଦନ୍ତବକ୍ର ଋଷିଙ୍କି ହେ ଆଣଅ ବହନ ॥ ଯେସନକେ ଅସନ୍ତ୍ର ଋଷି କର ହେ ବିପ୍ରବର । ନାରଦେ ବୋଲନ୍ତି ତାଙ୍କୁ ପୁଣି ଦ୍ୱିଜବର ॥ ଯାଅ ହେ ନାରଦ ମୁନି ଦନ୍ତବକ୍ରେ ଆଣ । ଋଦ୍ରଗନ୍ଧ ଯାଗ ପ୍ରାପ୍ତ ହୋଇବ କାରଣ ॥ ଶୁଣିଣ ଦେବର୍ଷି ତହୁଁ ବେଗେ ଚଳିଗଲେ । ଋଷ୍ୟପାକୁ ପର୍ବତରେ ପ୍ରବେଶ ହୋଇଲେ ॥ ଯୋଗ ଧ୍ୟାନେ ବସିଥିଲେ ଦନ୍ତବକ୍ର ମୁନି । ନାରଦ କହିଲେ ତାଙ୍କୁ ଯାଗର କାହାଣୀ ॥ ଶୁଣି ଦନ୍ତବକ୍ର ତହୁଁ ସକଳ କହିଲେ । ନାରଦ ମୁନି ତାହାଙ୍କୁ ଘେନିଣ ଆଇଲେ ॥ ଦ୍ରାବଡ଼ଦେଶରେ ଅସି ହୋଇଲେ ପ୍ରବେଶ । ଦେଖିଣ ସେ ରାଜଶର୍ମା ଲଭିଲେ ସନ୍ତୋଷ ॥ ୩୦ ॥ ଋଷିଙ୍କ ଅଗ୍ରତେ ଯାଗସମ୍ଭାର କହିଲେ । ଶୁଣି ଋଷିବର ତାଙ୍କୁ ପ୍ରତ୍ୟୁତ୍ତର

Digitized by PPRACHIN, SOA

ଦେଲେ ॥ ବୋଇଲେ ହେ ଯାଗ ତୁମ୍ଭେ କର ଉତପନ୍ନ । ଦେଖିବା ସ୍ୱରୂପ ତାର କେମନ୍ତ ବିଧାନ ॥ ଦନ୍ତବକ୍ରର ବଚନେ ବ୍ରହ୍ମଶର୍ମା ଦ୍ୱିଜ । କୁଣ୍ଡରେ ଅହୃତ ଦେଲେ ଉଚ୍ଚାରଣ ବେଦ ॥ ମନ୍ତ୍ର ଶେଷେ ଉଚ୍ଚାରିଲେ ଗାୟତ୍ରୀ ସାବିତ୍ରୀ । ମନ୍ତ୍ରରୁ ଉତ୍ପନ୍ନ ହୋଇ ଦିବ୍ୟ ଷଣ୍ଡ ମୂର୍ତ୍ତି ॥ କୁଳାନ୍ତକ ଶର ତାକୁ ପ୍ରହାର କରନ୍ତେ । ମୃତ୍ୟୁ ଲଭି ଭସ୍ମ ହେଲା କୁଣ୍ଡମଧ୍ୟରେ ॥ ସେ ଷଣ୍ଡ ଦେହରୁ ଏକ ପୁରୁଷ ବାହାର । ଦେଖି ଦନ୍ତବକ୍ର ମୁନି ବୋଲନ୍ତି ଉତ୍ତର ॥ ଅଷ୍ଟାବକ୍ର ନାରଦ ଆବର ସର୍ବଜନ । ଶୁଣିଥିଲୁଁ ରୁଦ୍ରଗନ୍ଧଯାଗର ବିଧାନ ॥ ଋକ ଯଜୁ ସାମାଥର୍ବ ଏହି ବେଦ ଚାରି । ଚାରିଯୁଗେ ଚାରି ବେଦ କର୍ମ ଅନୁସରି ॥ ଦ୍ରାବିଡ଼ ଦେଶରେ ମହାରାଷ୍ଟ୍ର ସେନାପତି । କହିବା ଅଥର୍ବବେଦ ଦୃଢ଼ କରି ମତି ॥ ବ୍ରହ୍ମଶର୍ମା ଦ୍ୱିଜଙ୍କୁ ସେ ବୋଲନ୍ତି ବଚନ । କାଏ ତୁମ୍ଭଙ୍କୁ କହିଲା ଯାଗର ବିଧାନ । ୪୦ । ରୁଦ୍ରଗନ୍ଧ ଯାଗ ବୋଲି କେମନ୍ତ ଲକ୍ଷଣ । ଏ ଯାଗ କରଇଲେ ହୁଏ କିସ ଲାଭ ପୁଣ ॥ ଆତ୍ମଜ କି ବାଞ୍ଛାଗତ କନ୍ୟାର କାରଣ । ବ୍ରହ୍ମଶର୍ମା ଦ୍ୱିଜକୁ ସେ ପୃଚ୍ଛା କଲେ ପୁଣ ॥ ଦନ୍ତବକ୍ର ବଚନେ ବୋଲନ୍ତି ଦ୍ୱିଜବର । ଏକ ଦିନେ ନିଦ୍ରାଗତେ ଥିଲି ଶଯ୍ୟାନର ॥ ଶ୍ରୀ ନାରାୟଣ ପୁରୁଷ ବିପ୍ରରୂପ ଧରି । ରାଏ ଅର୍ଦ୍ଧରେ ମିଳିଲେ ଶଯ୍ୟନେ ମୋହରି ॥ ବୋଇଲେ ହେ ଦ୍ୱିଜ ତୁହି କରି ଅବଧାନ । ବିପାକେ କହିବା ତୋତେ ହୋଇବ ନନ୍ଦନ ॥ ରୁଦ୍ରଗନ୍ଧ ଯାଗ ତୁହି କଲେ ଉଦ୍ୟାପନ । ପାଇବୁ ସକଳ ଦ୍ରବ୍ୟ ନିଷ୍କଣ୍ଟକ ଧନ ॥ ଗୃଅ ଯୁକ୍ତେ ଅହୃତ ବିଦଶୀକାଷ୍ଠେ କରି । ଯଥାବେଦରେ ଅହୃତ ମନ୍ତ୍ରକୁ ଉଚ୍ଚାରି ॥ ଏହା କହି ଅନ୍ତର ହୋଇଲେ ଦ୍ୱିଜବର । ରାଏ ଶେଷେ ସର୍ବେ ମିଳି କରନ୍ତୁ ବିଚାର ॥ ବିଚାର କରଇ ଯାଗ କଲୁଁ ଉଦ୍ୟାପନ । ବିଧି ବିଧାନେ ହୋଇଲା ଏମନ୍ତ ଲକ୍ଷଣ ॥ ଏଥିର କାରଣ ମୋତେ କହ ଋଷିବର । ତବ ମୁଖରୁ ଶୁଣିଲେ ଚିତ୍ତ ହେବ ସ୍ଥିର ॥ ଏକ ବେଦେ ଚାରି ସଂଖ୍ୟା ଦେଖାଇଲେ କେହି । ଚାରିବେଳ ଷଣ୍ଢ

Digitized by PPRACHIN, SOA

ଯାଗେ ଅଛୁ ନଷ୍ଟ ହୋଇ । ୫୮ । କୁଳାନ୍ତକ ଧନୁ ଷଣ୍ଡ ଅଦେଏ ଫଟାଇଲା । ସକାର ବୋଇଲେ ଶର ପୁରୁଷ କହିଲା । ସେଶ ବୋଇଲେ ସଂଜ୍ଞାଟି ହୋଇଲା ପ୍ରକାଶ । ଅଦେତ୍ୟଦେବତା ଇଷ୍ଟ ଉପାଳମ୍ଭ ରସ । ନାରଦବଚନେ ଯାଗ କଲେକ ସମ୍ଭାର । ପୁଣି କୁଳାନ୍ତକ ଧନୁ କଲେକ ପ୍ରହାର । ଖଣ୍ଡରୁ ନେଇଣ ସେହୁ ଯାଗେ ପଚାଇଲା । ଶକାରେ ପୁରୁଷ ତାର ସକାର ଭକଲା । ସୈମ୍ଯଦ ବୋଇଲେ ସଂଜ୍ଞା ହୋଇଲାକ ତାର । ଅର୍କହିଁ ଦେବତା ତାର ଅଟେ ଅନୃତର । ୫୯ । ନାରଦ ବଚନେ ଅଷ୍ଟାବକ୍ରେ ଅଣାଇଲେ । ତାହାଙ୍କ ବଚନେ ପୁଣ ଯାଗ ଅରମ୍ଭିଲେ । କୁଳାନ୍ତକ ଧନୁ ଷଣ୍ଡ ଯାଗେ ପକାବନ୍ତେ । ମୋଷ ବୋଲି ଉଠାଇଲା ସେହୁ ହୃଦଗତେ । ମୋଗଲ ବୋଇଲେ ସଂଜ୍ଞା ହୋଇଲା ତାହାର । ଏକଇ ଦେବତା ଇଷ୍ଟ ଅଟେ ବ୍ୟବହାର । ଅଷ୍ଟାବକ୍ରର ବଚନେ ଅମ୍ଭଙ୍କୁ ଅଣାଇ । ଅମ୍ଭର ବଚନେ ଯାଗ ଅରମ୍ଭିଲ ଯାଇ । ୬୦ । କୁଳାନ୍ତକ ଧନୁ ଷଣ୍ଡ ଯାଗରେ ପକାନ୍ତେ । ପରମ ପୁରୁଷ ବୋଲି ସ୍ଫୁରେ ହୃଦଗତେ । ପଠାଣ ବୋଇଲେ ସଂଜ୍ଞା ହେଲା ଉଚ୍ଚାରଣ । ଏକଇ ପୁରୁଷ ଇଷ୍ଟ ଲକ୍ଷ ସୃଜାରଣ । ଅଥର୍ବବେଦରୁ ଜାତ ହୋଇ ଅସ୍ତ୍ରନ୍ତର । ସାମବେଦ ଅନ୍ତ ଋଷି ରହିଣ ଠାଙ୍ଗର । ନାଡବେଦ କୃଦର କୁନ୍ତରି ରୂପନ୍ତଲା । ବର୍ଣ୍ଣଶଙ୍କର ହେତୁରୁ ଜାତ ଯାନକୁଳା । ଦ୍ୱାଦଶତନ୍ତ୍ରରେ ବ୍ରତ ଶୃଦ୍ର ସେସେବନ । ଅପନ ଦେବତା ପୂଜି ଅପନ ମାସେଣ । ଦ୍ୱାପର ଉସ୍ତ୍ରକ ବଧ ଦ୍ୱିତୀୟା ହନରୁ । ଏକାଦଶ ଛ ସଙ୍ଗତ କର୍ମ ମହାମେରୁ । ଯାତନା ପାତନା ଅଗ୍ନି ଦୂର ହୋଇଥିବ । ଙରାହ ଗୋଦୀପ୍ତ ବୋଲି ନାମହିଁ ସମ୍ଭବ । ଦନ୍ତବକ୍ର ରାଜଶର୍ମା ଦ୍ୱିଜଙ୍କୁ କହିଲେ । ଶୁଣି ରାଜ ପୁରୋହିତ ରାଜା ପାଶେ ଗଲେ । ସିଂହାସନେ ବସିଛନ୍ତି ଦ୍ରାବଡ଼ନୃପତି । ପୁରୋହିତଙ୍କୁ ଦେଖିଣ ପ୍ରଣାମ କରନ୍ତି । ପାଦ ଧୋଇ ଆସନେ ବସାଇ ନୃପବର । ପୂଜା କଲେ କଂହଦନ୍ତେ କଲ ଅଗମନ । ଜ୍ଞାନକାର

Digitized by PPRACHIN, SOA

ବଚନେ ସାଜଶର୍ମା ଦ୍ୱିଜବର । ରୁଦ୍ରଗଣ ଯାଗରହିଁ କହିଲେ
ବେଭାର ॥ ଜାତବେଦ ବ୍ରହ୍ମନ୍ୟାୟ କହିଲେ ବୁଝାଇ । ନାରଦ ସେ
ଅଷ୍ଟାବକ୍ର ଦନ୍ତବକ୍ତ୍ରେ ନେଇ ॥ ସଜଋଷି ନାମ ଶୁଣି ବଦନେ ଉଠିଲେ ।
ରୁଦ୍ର ଗଣ ଯାଗେ ଅଗ୍ନି ପ୍ରବେଶ ହୋଇଲେ ॥ ପୁଚ୍ଛନ୍ତି ଯାଗର ବିଧି
ଉଦନ୍ତ କହନ୍ତି । ନୃପଙ୍କୁ ମଣାଇ କହନ୍ତି ଦନ୍ତବକ୍ର ॥ ସକଳ
କହିଲେ ଋଷି ଅଷ୍ଟ ଅଙ୍ଗ କରି । ଶୁଣି ତୋଷ ଲଭିଲେ ନୃପତି ବୁଦ୍ଧି-
ଧାରୀ ॥ ବୋଇଲେ କୁଳାନ୍ତ ଧନ୍ୟ ନ ଥିବ ମହୀର । କେମନ୍ତେ କରିବା
ନାଶ କହ ହେ ସ୍ୱଚ୍ଛର ॥ ରାଜା-ବାକ୍ୟ ଶୁଣିଣ ନାରଦ ମହାମୁନି ।
ଧନ୍ୟ କଷ୍ଟଦନ ମୁହିଁ ପୂର୍ବେ ଥିଲି ଶୁଣି ॥ ମହାବେଦ ତନ୍ତ୍ର ଯୋଗ୍ୟ ମନ୍ତ୍ର
ବୃଷମାନ । ଏହି କ୍ଷିତିମଣ୍ଡଳରେ ଲଭିଛନ୍ତି ଜନ୍ମ ॥ ସାମବେଦରୁ
ବେଶ୍ୟାଙ୍କ ହେଲେ ଉତପନ୍ନ । ଯାବଣୋଶ୍ୱର ନାଷ୍ଟ ହୋଇଅଛି ଗୁଣ ॥
ଶିଶୁବେଦ ତମଷ୍ଟଣେ ଜନ୍ମ ହେଲେ ଜାଣ । ଜୀବହିଂସା ପାଇଁ ଜନ୍ମ
ହେଲୀହମସ୍ତ ଦଣ୍ଡ ।୮୦। ଋଗ୍ବେଦତତ୍ତ୍ୱକାରୀ ମନ୍ତ୍ରେକ ଅଛଇ ।
ଗାୟତ୍ରୀ ସାବିତ୍ରୀ ଯେନ ପ୍ରଣବ ଉଠଇ ॥ ଅଥର୍ବବେଦରେ ଶାନ୍ତି
ଲଭି କୋଟି ଧନ୍ୟ । ମନ୍ତ୍ରଯୋଗେ ବ୍ୟକ୍ତ ହେବ କୁଳାନ୍ତକ ଧନ୍ୟ ॥
ଧନ୍ୟ ଜାତ ହୋଇବାର ଉପାୟ ଅଛଇ । ପ୍ରହାର କରନ୍ତେ ଯେତୁ
ବିନାଶ ଭଜଇ ॥ କାଂସ୍ୟପାତ୍ରେ ପନରର ଜଳ ପୂରାଇବ । କର୍ପୂର
ଗୁଣ୍ଡି ତହିଁରେ ମିଶ୍ରିତ କରିବ ॥ ମହାର୍ଣ୍ଣବ ଶୁଦ୍ଧ ମଦ ନତ୍ରୁ ପଢ଼ିବ ।
ଧନ୍ୟ ପଟେ ପକାବନ୍ତେ ସେହୁ ହେବ କ୍ଷୟ ॥ ବଧେ ଅବସ୍ଥାର ଧନ୍ୟ
ଶରୁବ ହୋଇଲା । ଝଷୀ ହୋଇ ଗତାଗତ କର୍ମ ନ ଜାଣିଲା ॥
ହେତାଯୁଗେ ରାମଚନ୍ଦ୍ର ହେବେ ଅବତାର । ସବି କୁଳେ ଜାତ
ହୋଇ କରିବେ ସଂହାର ॥ ଋଷିମାନଙ୍କ ପୂର୍ବେ ମୁହିଁ ଶୁଣିଣ ଅଛଇଁ ।
ବ୍ୟାସଦେବ ଅଗସ୍ତିଙ୍କି କହିଲେ ବୁଝାଇ ॥ ନାରଦପୁରାଣ ଗ୍ରନ୍ଥ
ଭାଷାରେ ପ୍ରକାଶ । ବଳରାମ ଦାସଙ୍କୁ ରକ୍ଷ ହେ ପୀତବାସ ।୮୧।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ
ତୃତୀୟୋଽଧ୍ୟାୟଃ ।

Digitized by PPRACHIN, SOA

୪ର୍ଥ ଅଧ୍ୟାୟ ।

ଗନ୍ଧର୍ବ ଯାଗ କରିବା ନିମନ୍ତେ ଦ୍ରାବିଡ଼ ରାଜାଙ୍କୁ ନାରଦଙ୍କର ଉପଦେଶ ପ୍ରଦାନ ।

ଅଗସ୍ତି ଉବାଚ ।

ଅଗସ୍ତି ବୋଲନ୍ତି ବ୍ୟାସଦେବଙ୍କୁ ଶୁଣ । ଏଥୁ ଅନ୍ତେ କି କହିଲେ ନାରଦଗୋସାଇଁ ॥ ଏଥିର ଚରିତ ମୋତେ କହ ତପ-ସ୍ୱୀ । ତବ ମୁଖରୁ ଶୁଣିଲେ ଯିବଇଁ ନିସ୍ତରି ॥

ବ୍ୟାସଦେବ ଉବାଚ ।

ବ୍ୟାସ ମହର୍ଷି କହନ୍ତି ହେ ଅଗସ୍ତି ଶୁଣ । କୁଳାନ୍ତକ ଧନୁ ଯଜ୍ଞ ନାରଦ ବିଧାନ ॥ ଆଉ ଥରେ ଯାଗକୁହିଁ ସେଜ୍ଞ ଆରମ୍ଭିଲେ । ଅଦ୍ଭୁତ ଦେଖିଣ ଦ୍ୱିଜ ଗାୟତ୍ରୀ ଜପିଲେ ॥ ମନ୍ତ୍ରମଧ୍ୟେ ହୁତ୍ ଜାତ ହେଲା ଚିତ୍ତକ୍ଷଣ । କୁଳାନ୍ତକ ଧନୁ ତହିଁ କରନ୍ତି ସନ୍ଧାନ ॥ କାଶ୍ୟପଘାଟେ କର୍ପୂର ପଞ୍ଜର ନେଇ ଥୋଇ । କୁଳାନ୍ତକ ଧନୁ ପରେ ଦେଲେକ ପକାଇ ॥ ଧନୁ ପରେ ପଡ଼ିବାରୁ ଭସ୍ମ ମୂର୍ତ୍ତି ହେଲା । ସେ ଧନୁ ଦେହରୁ ଏକ ପୁରୁଷ ଜନ୍ମିଲା ॥ ସେହୁଁ ଜନମ ଲଭିଣ ବୋଲଇ ବଚନ । ମୋତେ ଜନ୍ମ କରାଇଲ ବ୍ରହ୍ମାଙ୍କ ନନ୍ଦନ ॥ ଯେଣୁ ମୋର ଅଭିଶାପ ନାରଦ ଗୋସାଇଁ । ସ୍ୱୟଂ ଅନାଦର ଅଗ୍ନି ଥିଲ ଜାତ ହୋଇ ॥ ସୁରା ପାନ କରାଇଣ ମୋତେ ନାଶ କଲ । ମୋହର ପତନ ପାଇଁ ତୁମ୍ଭେ ଯେ ଇଚ୍ଛିଲ ॥ ୧୦ ॥ ଶୁଣିର ହୁଁହତା ଲଭ ଶୃଣ୍ଡି ପୂର୍ଣ୍ଣବାଚ । ସ୍ୱର୍ଗରେ କରିବ ଯାଗ ଯେବେ ଅଭିଶାପ ॥ ଏହା କହିଣ ପୁରୁଷ ଶୂନ୍ୟେ ବନ୍ଦି-ନିଲା । ନଭ୍ୟପୁରେ ପ୍ରବେଶିଣ ସ୍ୱସ୍ଥାନେ ରହିଲା ॥ ଏଥୁ ଅନ୍ତରେ ଚରିତ ଶୁଣ ଦେଇ ମନ । ନାରଦକୁ ପୂଜା କଲେ ଦ୍ରାବିଡ଼ରାଜନ ॥ ଯାଗ ପୂର୍ଣ୍ଣ କରାଅ ହେ ବ୍ରହ୍ମାର ନନ୍ଦନ । ଅଷ୍ଟାବକ୍ର ଦନ୍ତବକ୍ର ବୋଲନ୍ତି ବଚନ ॥ ଯାଅ ହେ ନାରଦମୁନି ବେଗେ ବେଗ ହୋଇ । ବ୍ରହ୍ମାଙ୍କ ଉତ୍ତରେ ଯାଇଁ କହିବ ମଣିଷ ॥ ଏମନ୍ତେ ନାରଦ ମୁନି ବେଗେ

Digitized by PPRACHIN, SOA

ଚଳିଗଲେ । ସୁଧର୍ମା ସଭାରେ ପିତାମହଙ୍କୁ ମିଳିଲେ ॥ ପାଦରେ ପ୍ରଣାମ କଲେ ନାରଦ ଗୋସାଇଁ । କଲ୍ୟାଣ ବାଞ୍ଛିଲେ ପିତା ଉଠ ବାବୁ ତୁହ । ରୁଦ୍ରଗଣ ଯାଗ-ବିଧି ସକଳ କହିଲେ । ଶୁଣି ବେଦବର ତହୁଁ ଆଶ୍ଚର୍ଯ୍ୟ ମଣିଲେ ॥ କେବଣ ଚରିତ ଏହୁ କେବଣ ବିଧାନ । ଦ୍ରାବିଡ଼ଦେଶକୁ ତହୁଁ କଲେକ ଗମନ ॥ ସେହି ଦେଶରେ ଯାଗର ନିକଟେ ମିଳିଲେ । ଦେଖିଣ ବ୍ରହ୍ମାଙ୍କ ପାଦେ ପ୍ରଣିପାତ କଲେ । ୨୦
ସୁବାସିତ ଜଳେ ପାଦ ଧୋଇଣ ବନ୍ଦନେ । ସୁବସ୍ତ୍ର କମ୍ବଳ ନେଇ ବସାଇ ଆସନେ ରୁଦ୍ରଗଣ ଯାଗ-କଥା ସକଳ କହନ୍ତି । ଶୁଣି ବେଦବର ତହୁଁ ମନେ ପାଇ ଖେଦ ॥ ତଦନ୍ତରେ ବୋଇଲେ ସେ ପୂର୍ବର ବିଧାନ । ଯାହା ସେ କରନ୍ତି କିମ୍ପା କି କରନ୍ତି ଆନ ॥ ଏବେ ଯାଗ ପୂର୍ଣ୍ଣାହୁତି ଦେଇ ପୂର୍ଣ୍ଣ କର । ଏହା ଅନ୍ତରେ କହିଲେ ବେଦବରେ ବିଚାର । ରାଜଶର୍ମା ଦ୍ୱିଜ, ବ୍ରହ୍ମା-ବଚନେ ଚଳିଲେ । ପୂର୍ଣ୍ଣାହୁତି ଦେଇ ଯାଗ ପୂର୍ଣ୍ଣ କରାଇଲେ ॥ କଶ୍ୟପସ୍ୟ ଗଣେଶାଦି ବିସର୍ଜନ ହେଲା । ରାଜା ପୁରୋହିତ-ବେନ ବ୍ରହ୍ମା ପାଶେ ମିଳି । ବୋଲନ୍ତି ସେ ବେଦ-ବର କର ହେ କାରଣ । ତବ ମୁଖରୁ ଶୁଣିଲେ ତୃପ୍ତ ହେବ ମନ ॥ ବୋଲନ୍ତି ସେ ବେଦବର ଶୁଣ ନୃପମଣି । କହିବୁଁ ଯାଗର ବିଧି ଅପୂର୍ବ କାହାଣୀ ॥ ଅଥର୍ବ ବେଦୀ ବ୍ରାହ୍ମଣ ଅନ୍ୟାୟ ଅର୍ଜିଲା । ରୁଦ୍ରଗଣ ଯାଗ ସେହୁ କପାଁ ଆରମ୍ଭିଲା ॥ ମନ୍ତ୍ର ନ ଜାଣିଣ ବିଶ୍ୱଦେବା ଜପ କଲା । ଗାୟତ୍ରୀ ଗାଇବୁଁ ତେଣୁ ସର୍ପରୂପ ଧରୁ । ବଶୂବି ନ କରିଲା ଭୂଲ ଗ୍ରନ୍ଥ ଧନ । ନାରଦ ବଚନେ ବିନାଶିଲା ତାକୁ ତେଣୁ ॥ ସେ ଧନ ପୁରୁଷ ବ୍ରହ୍ମେ ଅଭିଶାପ ଦେଲା । ଶୁଣ୍ଡିର ହୁଣ୍ଡା ସ୍ୱସ୍ତି ପୁଣ୍ୟାହ ଭାଷିଲା ॥ ସୂତ୍ରରେ କହରୁ ଯାଗ ବୋଲନ୍ତି ସେ ବାଣୀ । ଅଭିଶାପ ମୋଚଣ ନୁହଇ କେବେ ପୁଣି ॥ ବିନା ଅପରାଧେ ରାମ ବାଳି କଲେ ହତ । ବାଳି ଅଭିଶାପେ ରାମ ଦେହ ହେଲେ ମୃତ ॥ ସ୍ୱୟଂ ରାମ ବାଳି ଶାପ ମୋଚଣ ନ କଲେ ।

Digitized by PPRACHIN, SOA

ଦ୍ୱାପରେ ଜନ୍ମ ଲଭିଲେ ଅଭିଶାପ ଫଳେ । ସେ କଥା ଋଷି ବଖାନେ
କରନ୍ତି ଲେଖନ । ଅନ ହୋଇ ଶୁଣ ତା କହେ କହିବ ମେଶ୍ରଣ ।
ଏଥୁଅନ୍ତରେ ଚରିତ ଶୁଣ ଦେଇ ମନ । ଅଶାର ପୁରୁଷ ଜାଣ ସବ
ମୁସଲ୍‌ମାନ । ସେ ଅଶାପୁରୁଷ ପାଶେ ପ୍ରବେଶ ହୋଇଲେ । ସଜୀବ
ଗଣନା କରି ଜଳ ସେ ପିଇଲେ । ଦ୍ରବ୍ୟ ନାସ୍ତି ଯେତେକ ରୂପ
ପ୍ରକାଶିଲା । ସେ ଗୃହ ଜଣର ଶ୍ରେଷ୍ଠ ଫକର ହୋଇଲା । ବ୍ରହ୍ମାଏ
ଫକରେ ସତ୍ କଲେ ସମର୍ପଣ । ରାଜ ଶର୍ମା ଦ୍ୱିଜ ଏବେ ଅମୃ ବାକ୍ୟ
ଶୁଣ । ୭୦ । ଯୋଗରେ ଗୃହଦ୍ରମାନ ଦେଶ ବନ୍ଧ ହୋଇ । ଏଥିର
କାରଣ ଶାସ୍ତ୍ରେ ଯାହା ଲେଖିଅଛି । ନହିବା ବେଦର ବିଧି ହେତୁ
କର ମନ । ସାତେଗ୍ରବାର ବାକ୍ୟ ଗୋଟି ତାହାର କାରଣ । ସମ
ତୁଲେ ସତ୍ତ୍ୱମାତ୍ର ସୁବର୍ଣ୍ଣ ଘେନିବ । ରୂପକାଷ୍ଠ ଅଣାଇଣ ରୂପେକ
ଗଢ଼ିବ । ସତ୍ୱର ସଦୃଶ ରୂପ କରିବ ନିର୍ମାଣ । ବହିତ ଉତ୍ସର୍ଗେ ତାହା
କରିବ ସ୍ଥାପନ । କୁଶ ସଂଯୋଗରେ ତାହା ଦାନ କରି ଦେବ ।
ସକଳ ଦୋଷହିଁ ଯିବ ଲଭିବ ସୁଲଭ । ଏମନ୍ତ କହିଣ ବ୍ରହ୍ମା ଅମରାଧି
ପୁରେ । ବେଗେଁ ବେଗେ ସେଠାବରୁ ସ୍ୱପୁରେ ଚଳିଲେ । ଏଥୁଅନ୍ତେ
ରାଜଶର୍ମା ଦ୍ୱିଜବର ଭାବି । ବ୍ରହ୍ମା ଯାହା କହିଗଲେ ଦାନ ମୁଖ୍ୟ ବିଧି ।
ରୂପକାଷ୍ଠ ଅଣାଇଣ ରୂପ ଗଢ଼ାଇଲେ । ସ୍ୱର୍ଣ୍ଣରେ ନିର୍ମାଣ ତହିଁ ସତ୍
ଗୋଟି କଲେ । ବିଧାନର ଅନୁସାରେ କଲେକ ନିର୍ମାଣ । ବେଦ
ଗତ ଦ୍ୱିଜବରେ କଲେ ସେ ବରଣ । ବରଣେ ଅଣାଇ ତାଙ୍କୁ ତହିଁ
ବସାଇଲେ । ବେଦ ବାକ୍ୟେ ପୂଜାବିଧି ବ୍ରାହ୍ମଣଙ୍କୁ କଲେ । ୮୦ ।
ପାଦ୍ୟ ଅର୍ଘ୍ୟ ପୁଷ୍ପ ମାଳା ଦେଲେକ ତକ୍ଷଣ । ଦତ୍ତ ବୋଲି ମୁଖରେ
ବୋଇଲେ ସ୍ୱର୍ଣ୍ଣ ଦାନ । ବାକ୍ୟ ମତେ ଦାନ ଦେଲେ ସୁଦକ୍ଷ
ଦ୍ୱିଜରେ । ଦକ୍ଷିଣା ଦେଲେ ତାହାଙ୍କୁ ଉଚିତବିଧିରେ । ଦାନ ଘେନ
ଦ୍ୱିଜବର ସ୍ୱସ୍ତି ମୁଖେ ଭଣି । କର୍ମଶେଷ କରି ତହିଁ ଘେନିଲେ
ମେଲାଣି । ଦାନଦେଇ ଦ୍ୱିଜବର ହରଷ ଲଭିଲେ । ଦ୍ରାବିଡ଼-ନୃପତି

Digitized by PPRACHIN, SOA

ତହୁଁ ବଚନ ପୁଚ୍ଛିଲେ । ଦେଖ ଏ ମୋହର ରାଜ୍ୟ ଅପାରୁଁ ଅପାର । ନାନାବିଧ ରତ୍ନ ଅଛି ମୋର ଭଣ୍ଡାରର । ଗଜ ଅଶ୍ୱ ପଦାତିକ ଗଣନା ନ ଯାଇ । ସବୁହିଁ ସମ୍ପୂର୍ଣ୍ଣ ଅଛି ପୁତ୍ର ମୋର ନାହିଁ । ଏଥକୁ ଉପାୟ ତୁମ୍ଭେ କର ଦ୍ୱିଜବର । ନାରଦ ପ୍ରମୁଖ ଋଷିମାନଙ୍କୁ ପଚାର । ରାଜାର ବଚନେ ଦ୍ୱିଜ ତାହାଙ୍କୁ ପୁଚ୍ଛିଲେ । ନାରଦ ଯେ ଅଷ୍ଟାବକ୍ର ଦନ୍ତବକ୍ର ତୁଲେ । ରାଜାର ନନ୍ଦନ କିପାଁ ନ ହୁଏ ମନ୍ଦିରେ । ହୋଇଅଛି କର୍ମହୀନ କେବଣ ଦୋଷରେ । ଏଥିର ବିଧାନ ତୁମ୍ଭେ କହ ହେ ଗୋସାଇଁ । ତବ ମୁଖୁଁ ଶୁଣିଣ ରାଜାଙ୍କୁ କହିବଇଁ । ୬୦ । ଶୁଣିକରି ଋଷିବର ହେତୁ କଲେ ମନ । ଯାହା ପୁଚ୍ଛା କଲ ତାହା ସାବଧାନେ ଶୁଣ । ରାଜାର କର୍ମଦୋଷରେ ନାହିଁ ଯେ ନନ୍ଦନ । ପୂର୍ବ ଦୋଷେ ରାଣୀ-ଗର୍ଭ ହୋଇଅଛି ଶୂନ୍ୟ । ଗୁରୁପତ୍ନୀ ହରିଥିଲେ ଦ୍ରାବିଡ଼ନୃପତି । ସେ ଦୋଷରୁ ହେଉ ନାହିଁ ତାଙ୍କର ସନ୍ତତି । ଏକଦିନେ ମୃଗବନେ କରି ଯାଇଥିଲେ । ଗୋଦାବରୀ ପଞ୍ଚବଟୀ ସ୍ଥାନରେ ମିଳିଲେ । ଅତ୍ରେୟ ଋଷିଙ୍କ ପତ୍ନୀ ଶୁଭ୍ରକେଶୀ ନାରୀ । ସୁନ୍ଦରପଣେ ଅପ୍ସରା ନୋହେ ତାକୁ ସରି । ଦେଖି ନରପତି କାମଶରେ ବିଦ୍ଧ ହେଲେ । ଗୋଦାବରୀ ନଦୀରୁ ସେ ଜଳ ଅଣୁ-ଥିଲେ । ମୁକୁଳିତ କେଶ ଭରେ ବହଇ ପବନ । ଝିନବାସେ ଫୁଟି ଦିଶୁ-ଥିଲା ସ୍ତନ । ପବନଆଘାତେ ଉରୁଁ ବସନ ଖସିଲା । ବକ୍ଷସ୍ଥଳରେ ଦିଶିଲା ମର୍କତ କାଞ୍ଚୁଲା । ଏମନ୍ତ ନୃପତି ତାକୁ କଲେ ବିଡ଼ମ୍ବନ । ସେହି ଦୋଷରୁ ତାଙ୍କର ନୋହୁଛି ନନ୍ଦନ । ଗନ୍ଧାଦନ ଯାଗକଲେ ହୋଇବ ନନ୍ଦନ । ଋଷି ସମ୍ପୁହରେ ସେ ହୋଇବ ଋଷି-ବର୍ଣ୍ଣ । ୭୦ । ସେ କୁମରଠାରୁ ନାମ ବିଦିତ ହୋଇବ । ରାଜମନ୍ତ୍ରୀ ଦ୍ୱିଜ ଯାଅ ରାଜାଙ୍କୁ କହିବ । ଦ୍ୱିଜବର-ମୁଖରୁହିଁ ବୋଲେ ନୃପନାଥ । ଯାହା କହିଲ ସେ କଥା ଅଟଇ ଯେ ସତ୍ୟ । ଏକଦିନେ ମୃଗ ବନେ କରି ଯାଇଥିଲି । ପଞ୍ଚବଟୀ ଗୋଦାବରୀ ନଦୀତଟେ ମିଳିଲି ମନ୍ତ୍ର-

Digitized by PPRACHIN, SOA

ଦାତା ଅଟନ୍ତି ଅନେକସ୍ତୁ ଗୃଷ୍ଟି ମୋର । ଗୁରୁପତ୍ନୀଙ୍କ ମର୍ଦ୍ଦିଲ ନଗର
କୂଳର ॥ ଅପୂର୍ବ ସୁନ୍ଦରୀ ନାରୀ ନୟନେ ଦେଖିଲି । ବହ୍ବଳ ହୋଇଣ
ତାକୁ ବଳତ୍କାର କଲି ॥ ସେ ଦୋଷୁଁ ମୋଚନ ମୋତେ କର
ଦ୍ୱିଜବର । ଯାହା ସେ ବୋଇଲେ ତାହା ନୃପର ଅନ୍ତର ॥ ରାଜାର
ବଚନେ ଦ୍ୱିଜ ବୋଲନ୍ତି ବଚନ । ଏକମନେ ଶୁଣ ତୁମ୍ଭେ ଦ୍ରାବଡ଼-
ରାଜନ ॥ ନାରଦ ଯେ ଅଷ୍ଟାବକ୍ର ଦନ୍ତବକ୍ର ମୁନି । ଶ୍ରୀମୁଖରେ
ମୋତେ ଯାହା ଅଛନ୍ତି ଭଣି ॥ କଲେକ ଗୋଦାନ ଯାଗ ହୋଇବ
କୁମର । ଗୁରୁପତ୍ନୀ-ହରଣର ଦୋଷ ଯିବ ପାର ॥ ପତ୍ନୀର ଉଦରୁ
ଏକ ହୋଇବ ସନ୍ତତ । ଋଷି ସମ୍ମୁଖରେ ସେହୁ ଗଣନା କୁଅନ୍ତି ।୮୦।
ଏହା ଶୁଣି ନରପତି ହରଷିତ ମନ । ବୋଇଲେ ହେ ଦ୍ୱିଜବର
ଋଷିଙ୍କି ଆଣ ॥ ନାରଦ ଯେ ଅଷ୍ଟାବକ୍ର ଦନ୍ତବକ୍ର ଜ୍ଞାନ । ପ୍ରଣାମ
କହିଣ ତାଙ୍କୁ କର ହେ ଦସ୍ତିନ ॥ ଯେମନ୍ତେ ଆମ୍ଭ ମନ୍ଦିରେ ହୋଇବେ
ପ୍ରବେଶ । ବିନୟ-ବାକ୍ୟ କହିଲେ ଲଭିବେ ହରଷ ॥ ରାଜାର
ବଚନେ ଦ୍ୱିଜ ବେଗେ ଚଳିଗଲେ । ନାରଦ ସମ୍ମୁଖରେ ଯାଇ ପ୍ରବେଶ
ହୋଇଲେ ॥ ରାଜଶର୍ମା ଦ୍ୱିଜ ତାଙ୍କୁ ବୋଲଇ ବଚନ । ତୁମ୍ଭଠାକୁ
ପଠାଇଲେ ଦ୍ରାବିଡ଼ରାଜନ ॥ ରାଜାର ଉଦନ୍ତ ଶୁଣ ବ୍ରହ୍ମାର
ନନ୍ଦନ । ଗୁରୁପତ୍ନୀ ହରଣର କହିବେ ବିଧାନ ॥ ସମ୍ମତ ହୋଇଲେ
ରାଜା କହିବାକୁ କର୍ମ । ଗୋଦାନ କରିଲେ ଯାଗେ ହୋଇବ
ନନ୍ଦନ ॥ ତେଣୁକରି ପଠାଇଲେ ମୋତେ ନୃପବର । କୃପାକରି
ରାଜାର ମନ୍ଦିରେ ବିଜେ କର ॥ ତୁମ୍ଭେ ଯେ ନାରଦ ମୁନି ପୁରୁଷ
ପୁରାଣ । ଅଗତି ଜଗତ କଥା ସମସ୍ତଙ୍କ ଜାଣ ॥ ଅଷ୍ଟାବକ୍ର ଋଷିଙ୍କର
ଅପାର ମହିମା । କେ କହି ପାରିବ ତାଙ୍କ ଗୁଣ ପରିସୀମା ।୯୦।
ଦନ୍ତବକ୍ର ଋଷିଙ୍କର ଯେତେକ ଯେତେ ଖ୍ୟାତି । ବ୍ୟାସମହର୍ଷି ବୋଇଲେ
ଶୁଣ ହେ ଅଗସ୍ତି ॥ ନାରଦ ପୁରାଣ ଗ୍ରନ୍ଥେ ଅପୂର୍ବ ରହସ୍ୟ । ପାଦ-
ପଦ୍ମେ ସେବେ ଦାସ୍ୟ ବଳରାମ ଦାସ ॥

Digitized by PPRACHIN, SOA

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଚତୁର୍ଥୋଽଧ୍ୟାୟଃ ।

୫ମ ଅଧ୍ୟାୟ ।

ଦ୍ରାବଡ଼ ରାଜା ପୁତ୍ର କାମନା ଛଳେ ଗଙ୍ଗାଦ ଯାଗର ଉପାଖ୍ୟାନ ବର୍ଣ୍ଣନ ।

ଅଗସ୍ତି ଉବାଚ ।

ଅଗସ୍ତି-ମୁନି କହନ୍ତେ ବ୍ୟାସଙ୍କ ଅଗ୍ରତେ । ଏଥୁଅନ୍ତେ କବା କଲେ ରାଜପୁତ୍ରେହତେ ।। ଏଥିର ବଧାନ ମୋତେ କହ ତପୋଧନ । ତବ ମୁଖରୁ ଶୁଣିଲେ ହୋଇବଇଁ ଶାନ୍ତ ।।

ବ୍ୟାସଦେବ ଉବାଚ ।

ବ୍ୟାସ ମହର୍ଷି ବୋଲନ୍ତି ଶୁଣ ହେ ଅଗସ୍ତି । ଯାହା ପୁଚ୍ଛାକଲ ଶୁଣ ଦୃଢ଼କର ମତି ।। ବ୍ରହ୍ମାଶର୍ମା ଦ୍ୱିଜବର ଋଷିଅଗେ କହ । ଅପଣ ପ୍ରାର୍ଥନା ମୋର ସେବନମା ଗୋସାଇଁ ।। ରାଜାର ମନ୍ଦିରେ ବଜେ କର ଧାଉକାର । ଦ୍ୱିଜର ବଚନେ ବଜେ କଲେ ମୁନିବର ।। ଦ୍ରାବଡ଼-ନୃପତି ଗୃହେ ପ୍ରବେଶ ହୋଇଲେ । ଦେଖିଣ ନୃପତି ତାଙ୍କୁ ବହୁ ମାନ୍ୟ କଲେ ।। ଧୂପଦୀପ ନଇବେଦ୍ୟ ବସନ ଚାମର । ନାନା-ଦ୍ରବ୍ୟେ ପୂଜାକଲେ ମୁନିଙ୍କ ପଯ୍ୟନ୍ତ ।। ଦଣ୍ଡରେ ଛରଣ ଧରି ଅଷ୍ଟେ ଉଭାହୋଇ । କହନ୍ତି ନୃପତିବର ଆସନେ ବସାଇ ।। ମୋର ନିବେଦନ ତୁମ୍ଭେ ଶୁଣ ଋଷିବର । ଦ୍ରାବଡ଼ ଦେଶର ମୁହିଁ ଅଟେ ନୃପବର ।। ରଥଗଜ ପଦାତିକ ଅପାର ଅଛନ୍ତି । ଭଣ୍ଡାରେ ଅମୂଲ୍ୟଧନ ଅଛଇ ସମ୍ପତ୍ତି ।। ୧୦ । ଚଳ ଅଚଳ ମୋହର ଅଛି ଦ୍ରବ୍ୟଧନ । କେ କରବ ଭୋଗ ନାହିଁ ମୋହର ନନ୍ଦନ ।। ଗୃହର ରଚନା ବିନା କାତକର୍ମ-ବଧି । ସନ୍ତତି ହୋଇଲେ ବିନା ଧନହିଁ ସମ୍ବାଦ ।। ଗୃହେ ଖେଳ ରସ ଯାର ବାଳ ଭାଷା ନାହିଁ । ଗୃହସ୍ଥର ଗୃହର ଶୋଭା

Digitized by PPRACHIN, SOA

କେବେହେଁ ନ ହୋଇ । ଅପୁତ୍ରିକ ଲୋକଙ୍କର ନ ଥାଇ କାରଣ ।
ଗର୍ଭେ ନାହିଁ କୋହେ ସେହୁ କୌଣସି କାହିଁଲେଣ । ଏଥକୁ ଉପାୟ କର
ତୁମ୍ଭେ ଋଷିବର । ଏହା କହି ନରପତି ଓଳଗେ ପଦ୍ମର । ନୃପତି
ବିନୟ ଶୁଣି ନାରଦ ଗୋସାଇଁ । ଅଷ୍ଟାବକ୍ର ଦନ୍ତବକ୍ର କଲ୍ୟାଣ
ବାଞ୍ଛଇ । ଉଠ ବୋଲି ନୃପତିଙ୍କୁ ବୋଲନ୍ତି ବଚନ । ବେନକର
ଯୋଡ଼ି ଉଭା ଦ୍ରାବଡ଼ ରାଜନ । ନାରଦ ପ୍ରହୃଷ୍ଟ ସର୍ବେ ବୋଲନ୍ତି
ବଚନ । ଗୁରୁପତ୍ନୀ ହରିଲୁ ତୁ ଦ୍ରାବଡ଼ରାଜନ । ସେ ଦୋଷରୁ
ବୃଦ୍ଧେ ତୋର ନୋହିଲା ନନ୍ଦନ । ଦୋଷର ଉପାୟ ଶୁଣ ଦୃଢ଼ କର
ମନ । ପୂର୍ବେ ମୃଗୟା ନିମନ୍ତେ ବଣବନେ ଗଲୁ । ଗୋଦାବରୀ ପଶ୍ଚି-
ବହି ନିକଟେ ମିଳିଲୁ । ୨୦ । ଅତ୍ରେୟ ଋଷି ଯେ ତୋର ସ୍ତ୍ରୀ
ନାମବାଣୀ । ଜଳ ଆଣିବାକୁ ଯାଇଥିଲେ ତାଙ୍କ ନାରୀ । ନଦୀରୁ
ପୂରାଇ ଜଳ-ଘଟ ଦେନ ଯାନ୍ତେ । ତୁ ତାଙ୍କୁ ଦେଖିଲୁ ପଥେ ସେ
ଦେଖିଲେ ତୋତେ । ତା ରୂପ ଦେଖିଣ ରାଜା ଅଧୈର୍ଯ୍ୟ
ହୋଇଲୁ । ସୁନ୍ଦରୀ ଦେଖିଣ ତାକୁ ବିଡ଼ମ୍ବନ କଲୁ । ବିଡ଼ମ୍ବନେ
ଗୁରୁପତ୍ନୀ ଛାଡ଼ି ନ ପାରିଲୁ । ଅମୋଘ ହୋଇଣ ଗୃହେ ସେହିକ୍ଷ-
ରହିଲୁ । ସେହି ଦୋଷରୁ ସନ୍ତାନ ନୁହଇ ତୋହର । କହିବା
ଉପାୟ ତୋହ୍ନତ ପ୍ରତିକାର କର । ଗୁରୁ-ପତ୍ନୀ ହରଣର -ପୁରାଣ-
ବିଧାନ । ଏକମନେ ହେ ରାଜନ ସାବଧାନେ ଶୁଣ । ଗର୍ଭାଦ୍ଧ
ବୋଲିଣ ଯାଗ ଏକଇ ଅଛଇଁ । ସେହି ଯଜ୍ଞ କଲେଂ ରାଜା ଦୋଷ
ପାର ଯାଇ । ଦୋଷ ଦୂର ହେଲେ ତୋର ହୋଇବ ସନ୍ତାନ । ଅନ୍ତ-
କାଳେ ତୋତେ ସେହୁ କରାଇବ ଗତି । ଋଷିର ଉଦନ୍ତେ ରାଜା
ବୋଲଇ ବଚନ । ସ୍ୱାହା ମୋତେ କହିଲ ନାରଦ ତପୋଧନ ।
ଗର୍ଭାଦ୍ଧ ଯାଗର ବିଧି କେମନ୍ତ ପ୍ରକାର । କହ ମହାମୁନି ମୋତେ
ବିହିତ ବିସ୍ତର । ୩୦ । ବିଧାନ କହିଲେ ଯାଗ କର ଆରୋପଣ ।
ଯାଗ ସମାପନ କଲେ ଲଭିବା ନନ୍ଦନ । ସମ୍ପତ୍ତି ଭକ୍ତି ଦେହ

Digitized by PPRACHIN, SOA

ପୁଣ୍ୟମାନ କରଇ । ପୁଣ୍ୟରେ ପ୍ରାପତ ସିନା ହୋନ୍ତି ନରବର ॥ ଏଥିକି ଶୋଚନା ମୋର ନାହିଁ ଋଷିବର । କହ ମୁଁ କରିବି ଯାଗ-ବିଧିର ସମ୍ଭାର ॥

ନାରଦ ଉବାଚ ।

ବୋଲନ୍ତି ନାରଦ ମୁନି ଶୁଣ ନୃପବର । କହିବା କେମନ୍ତ ଯାଗ ଉତ୍ସବର ରୀତି ॥ ଯାଗଭୂମି ଶୋଧିବ ଯେ ଜଳମଞ୍ଜି ବୁଣି । ବୃକ୍ଷମାନ ଅଙ୍କୁରନ୍ତେ ବେଦୀ ନିର୍ମାଣି । ଗୁଆଘୃତ ସହସ୍ରେକ କରିବ ପ୍ରମାଣ । ସମିଧ ଅଣାଇ ଯାଗେ ଅଗୁରୁଚନ୍ଦନ । ତ୍ରିକୋଣ କରିଣ ବେଦୀ ନିର୍ମାଣ କରି । ତ୍ରିଦେବ ପୂଜିବ ଆରାଧନେ ତ୍ରିପୁରାରି ॥ ବିଶ୍ୱେ-ଶ୍ୱରନାଥ ପୂଜି ଦେବ ଅଧିକାରି । ସଂକଳ୍ପରେ ଉଚ୍ଚାରଣ କରିବ ଶ୍ରୀହରି ॥ ଋକ୍‌ବେଦରୁ ଉତ୍ତମଦ୍ୱିଜ କରିବ ବରଣ । ଅଥର୍ବ ବେଦ ଛୁମ୍ଭର ନହୁଇ ପ୍ରମାଣ । ଜଗତର ବିମୋକ୍ଷଣ ଋକ୍‌ବେଦ ନାମ । ଯଜୁର୍ବେଦ ସର୍ବପୂର୍ଣ୍ଣ କରେ ମନସ୍କାମ । ୪୦ । ସାମବେଦ ନ୍ୟାୟ-ଶାସ୍ତ୍ର କର୍ମସିଦ୍ଧି ହୋଇ । ଉକ୍ତବେଦରୁ ଉତ୍ତମଦ୍ୱିଜ ବରଣ କରାଇ ॥ ଜ୍ଞାତି ବନ୍ଧୁ ଆମନ୍ତ୍ରିଣ ତାହାଙ୍କୁ ଆଣିବ । ମନ ଆନନ୍ଦରେ ସର୍ବେ ଉତ୍ସବ କରିବ ॥ ନାନାବିଧ ବାଦ୍ୟ-ନାଦ ନୃତ୍ୟଗୀତ ରସ । ସୁସ୍ୱରରେ ଶଙ୍ଖନାଦ କରି ଅଭିଳାଷ ॥ ଶୁଣିଣ ନୃପତି ପାଶେ ଦ୍ୱିଜ ଦେଲେ ନେଇ । ସଞ୍ଜକରି ସମସ୍ତେ କହିଲେ ଶାସ୍ତ୍ର ଫେଇ ॥ ଯାଗବି-ଧାନମାନ ସମସ୍ତ କହିଲେ । ଯେ ଯାହାର ଦ୍ରବ୍ୟମାନ ବହିନେ ଆଣିଲେ ॥ ରାଜଆଜ୍ଞା ଘେନ ସର୍ବ ସମ୍ଭାର ଆଣନ୍ତି । ରାଜାପାଶେ ଦ୍ୟନ୍ତେ ନେଇ ଦେଖିଲେ ନୃପତି ॥ ଦ୍ୱିଜଙ୍କୁ ଆଦେଶ ଦେଲେ ବେଦୀ ନିର୍ମାଣେ । ରାଜଆଜ୍ଞା ଘେନ ଶିରେ ଚଳିଲେ ଦହନେ ॥ ଦ୍ୱିଜମାନେ ତ୍ରିକୋଣରେ ବେଦୀ ନିଆଇଲେ । ଯେ ବିଧିବିଧାନେ ସବୁ ଆୟୋଜନ କଲେ ॥ ଉକ୍ତବେଦରୁ ଉତ୍ତମଜଣ ବରଣେ ଅଣାଇ । ଯାଗର ସମ୍ଭାର ବେଦୀସ୍ଥାନେ ଦେଲେ ଥୋଇ ॥ ବାଦ୍ୟ ନୃତ୍ୟ-

Digitized by PPRACHIN, SOA

ନାରିଗଣ ବନ୍ଦନ୍ତ ଅଣିଲେ । ବ୍ରହ୍ମ ତୂର୍ଗ ଅଣାଇଣ ଯାଗ ଆରମ୍ଭିଲେ
ଦ୍ରାବଡ଼ଦେଶର ଅଟେ ଦ୍ରାବିଡ଼ି ନୃପତି । ଗନ୍ଧାବ ଯାଗରେ ସେହୁ
ଉତ୍ସବ କରାନ୍ତି । ବାଦ୍ୟମାନଙ୍କ ଶବଦେ ନକ୍ଷିଲକ ମହୀ ।
ସ୍ଥାନେ ସ୍ଥାନେ ନୃତ୍ୟ ଗୀତ ହୋଇଲା ଯେ ତହିଁ ॥ ଶଙ୍ଖ ଦୁନ୍ଦୁଭିର
ଧ୍ୱନି ବେଦର ଭଣ୍ଡି ସ୍ୱନ । ହୁଳହୁଳୀ ନାଦେ କମ୍ପେ ଦ୍ରାବଡ଼ ଭୁବନ ॥
ଦ୍ୱିଜିଗଣ ଏମନ୍ତେ ସଂକଳ୍ପ ଆରମ୍ଭିଲେ । ରାଜା ରାଣୀଙ୍କୁ ବେଦୀରେ
ସ୍ଥିତି କରାଇଲେ ॥ ମଙ୍ଗଳରେ ଉଚ୍ଚାରନ୍ତେ ବେଦର ବଚନ । ଅଧ୍
ସ୍ୱର୍ଗେ ରହି ଦେଖୁଥାନ୍ତି ଦେବଗଣ ॥ ଶବଦେନ କେବଳ ଯେ ପୁଷ୍ପ
ବୃଷ୍ଟି କଲେ । ବନ୍ଧୁବାନ୍ଧବଗଣ ତହିଁ ରହିଣ ଦେଖିଲେ ।୧୯।
କେ ବୋଲନ୍ତି ଦ୍ରାବଡ଼ନୃପତି ଭାଗ୍ୟବାନ । ଗନ୍ଧାବ ଯାଗକୁ
ଆସ୍ଥେ କଲୁଁ ଦରଶନ ॥ ଅଗୁରୁ-ବାସ ଗ୍ରହଣ କରନ୍ତି ସକଳ ।
ଯାଗପୂର୍ଣ୍ଣେ ନୃପତି ପାଇବେ ଦିବ୍ୟ ଫଳ ॥ ରାଜା-ପାଟରାଣୀ
ତହିଁ ରହିଣ ଦେଖିଲେ । ତରୁ ଗର୍ଭକୁ କ୍ଷେପିଲେ ସନ୍ତତିର
ଫଳେ ॥ ଏହି ସନ୍ତାନର ନାମ ହୋଇବ ସୁରଥ । ଈଶ୍ୱରଙ୍କୁ ସେବିଣ
ପାଇବେ ଜମ୍ବୁଦ୍ୱୀପ ।୨୦। ଏମନ୍ତ ବଚନ ଦେବେ ଯାଗ ଦେଖୁ-
ଛନ୍ତି । ବେଦବର ପୂଜା କଲେ ସିଦ୍ଧ ଗଣପତି ॥ ପଞ୍ଚ ଦେବତା
ପୂଜିଣ ନବଗ୍ରହ ପୂଜି । ଦିକପାଳ ଯଗଦନ୍ତୀ ମନ୍ତ୍ରରାଜ ବୁଝି ॥ ପୂଜକଲେ
ସକଳ ଦେବ ବେଦ ବିଧାନରେ । ଅଗ୍ନି ଦେବତାଙ୍କୁ ନେଇ କୁଣ୍ଡରେ
ସ୍ଥାପିଲେ ॥ ସମସ୍ତେ ଅଗ୍ନିରେ ଯାଗ ପ୍ରତ୍ୟାହୃତି ଦେଲେ । ତହୁଁ
ଅଗ୍ନିକୁଣ୍ଡେ ଯାଇଁ ପ୍ରବେଶ ହୋଇଲେ ॥ ଅଷ୍ଟାଦଶ ମାତୃଗଣ ଅଷ୍ଟା
ଦଶ କର୍ମ । ପଞ୍ଚଦଶ ତିଥିରେହିଁ ଷୋଡ଼ଶ ପ୍ରମାଣ ॥ ସପ୍ତବିଂଶ ନକ୍ଷତ୍ର
ଯେ ସପ୍ତବିଂଶ ଯୋଗ । ଏକାଦଶ କରଣହିଁ କରଇ ସଂଯୋଗ ।୨୧
ଯେ ଯାହାର ଅହୂତି ସେ ବିଧିମତେ ଦେଲେ । ବାର ଚନ୍ଦ୍ର ଅଷ୍ଟ
ଧନ୍ଦ ନକ୍ଷତ୍ରଙ୍କ ତୁଲେ ॥ ସପ୍ତବାର ଚନ୍ଦ୍ର ଅର୍କେ ଆହୂତି ଦିଅନ୍ତି ।
ବେଦ ବଚନରେ ଯୋଗେ ଦିଅନ୍ତି ଅହୂତି ॥ ଯାଗ ଶେଷକାଳେ

Digitized by PPRACHIN, SOA

ବଟେଶ୍ୱର ଚରୁ ଦେଲେ । ପୂର୍ଣ୍ଣାହୂତି ଦେଇ ଯାଗ ପୂର୍ଣ୍ଣ କରାଇଲେ ॥ ରାଜା ରାଣୀ ପୁଷ୍ପାଞ୍ଜଳି ଦେବ ଦେବେ ଦେଇ । କଶ୍ୟପସ୍ୟ ଗଣନାଥ ଅଗଚ୍ଛ କରାଇ । ୭୦ । ରାଜା ରାଣୀ ଲଲାଟରେ ଦେଲେ କଶ୍ୟପସ୍ୟ ॥ ଦେଖିଣ ଶଦ୍ଧାଦ୍ଧ ଯାଗ ହରଷ ବିଦଶ ॥ ଏମନ୍ତେ ଉତ୍ସବେ ନାରୀ ଚରୁ ଗର୍ଭେ କ୍ଷେପି । ଯାଗ ପୂର୍ଣ୍ଣ ବିଧାନେଣ ଚରୁ ବାଜ ମୂର୍ତ୍ତି ॥ ସନ୍ତୋଷ ଲକ୍ଷଣ ବ୍ରହ୍ମା ନାରଦ ଗ୍ରମୂରେ । ପ୍ରବେଶ ହେନରୁ ମୁହିଁ ପୃଚ୍ଛେ ବ୍ୟବ-ହାରେ ॥ ତବ ଅଜ୍ଞା ଅନୁସାରେ ଯାଗ ପୂର୍ଣ୍ଣ କଲ । ତଦନ୍ତ ଋଷିତ ମୋତେ କହିବା ବସ୍ତାର ॥ ତବ ମୁଖରୁ ଶୁଣିଲେ ସ୍ଥିର ହେବ ଚିନ୍ତା । ଫେଡ଼ି ମନୋଭ୍ରାନ୍ତି ମୋର କହିଣ ଉଦନ୍ତ । ୭୫ ।

ନାରଦ ଉବାଚ ।

ବୋଇଲନ୍ତି ନାରଦ ମୁନି ଶୁଣ ନୃପବର । ଏହାର ଉଦନ୍ତ ଜାତ ହୋଇବ କୁମର ॥ ନାମ ଗୋଟି ତାହାର ହୋଇବ ସୁରସେନ । ତଦନ୍ତେ ଦ୍ରାବଡ଼ ଦେଶେ ହେବ ନୃପଗଣ ॥ କମେ ହେବ ଦୁହିତା ନଇବ ପ୍ରଦାନ । କାବେରୀକୌଶିକା ବୋଲି ଦୁହିତାର ନାମ ॥ ୭୮ ସୁରସେନ ବଭା ଅନ୍ତେ କଷ୍ଟ ହେନ ଯିବ । ଯନ୍ତ୍ରତ ନୋହିଲା ବୋଲି ଦୁର୍ଗୋଙ୍କୁ ପୂଜିବ ॥ ସୁରଥୀ ରଥୀ ନଷ୍ଟକ ବ୍ରତର ବେଭାର । ବ୍ରତ ଉଦ୍ୟାପନ କଲ ବଶିଷ୍ଠ ଗୋଚର । ୮୦ । ବିଧିପୂର୍ବ ଜିଣ ତାକୁ ବଶିଷ୍ଠ କହିଲେ । ସେ ବ୍ରତ କରିବ ରାଜା ସନ୍ତତର ଛଳେ ॥ ବ୍ରତ ପୂର୍ଣ୍ଣ କରନ୍ତେଣ କୌଶିକ ଉଦରେ । ସୁରଥ ରହିବେ ଯାଇଁ ଶୁଣ ମନ ସ୍ଥିରେ ॥ ଜନ୍ମ ଅନ୍ତେ କୁମରର କଷ୍ଟ ହେନ ଯିବ । ଗାନ୍ଧାର ରାଜା ଦୁହିତା ପ୍ରଦାନ କରିବ ॥ ହତବଳ ଧାର୍ମିକପଣେ ପାଳିବେ ସେ ଭୂମି । ଦାତାପଣେରେ ତାହାର ଉଟିବ ଯେ ଧ୍ୱନି ॥ ବଭା ହୋଇ କଷ୍ଟହେନ ଅନ୍ତର ହୋଇବ । ସନ୍ତତ ନମନ୍ତେ ଯାଇଁ ଈଶରେ ପୂଜିବ ॥ ପୂଜନ୍ତେ ଈଶ୍ୱର ତାକୁ ବୋଲିବେ ବଚନ । ବର ଦେଲି ପିତା ପୁତ୍ରେ ହେବ [illegible] ପିତାବଧ ଅନୁଷ୍ଠାନେ ମନରେ ସ୍ମରଣ । ତାର ଜନ୍ମପଥ

Digitized by PPRACHIN, SOA

ନାମ ଶୁଣ ଦଣ୍ଡଧାର । ଏମାନରେ ସୁରଥ ବେଗେ ଚଳିଯିବ । ମାର୍କଣ୍ଡ ଅଶ୍ରମେ ଯାଇଁ କ୍ଷଣେ ଚଉ ଦେବ । ନାରଦବଚନେ ରାଜା ସନ୍ତୁଷ୍ଟ ହୋଇଲେ । ଅଷ୍ଟାବକ୍ର ଦଣ୍ଡବନ୍ତ ଅଶ୍ରମେ ମିଳିଲେ । ନିତ୍ୟ ମନ ରହୁ ମୋର ତୁମ୍ଭର ପଦ୍ମରେ । ନାରଦ ମୁନି-ତାହାଙ୍କୁ ଅଶୀର୍ବାଦ କଲେ । ୧୯ । କଲ୍ୟାଣ କରଣ ଋଷି ବେଗେ ଚଳିଗଲେ । ଏମନ୍ତେ ନାରଦ ମୁନି ମେଲଣି ହୋଇଲେ ॥ ମନୋଯାନରେ ବସିଲେ ନାରଦ ଗୋସାଇଁ । ଦ୍ରାବଡ଼ ନୃପତି ତାଙ୍କୁ ପ୍ରଣାମ କରଇ । ବେଦାନ୍ତର ଭୋଳ ତାଙ୍କୁ ବୋଲନ୍ତି ବଚନ । କର୍ମ ଅନୁସାରେ ଭୋଗ କରିବ ହେ ଜାଣ । ଅର୍ପଣାର କାଳକର୍ମ ଅନ କେ ଭୁଞ୍ଜିବ । ଅନବ୍ରତ ଅଭଖ୍ୟଙ୍କୁ ଅବଧି ତୋଷିବ ॥ ସବୁ ମିଥ୍ୟା ସତ୍ୟ ଅଟେ କେବଳ ଅହାକୁ । ନାରଦ ଏହା ବୋଲିଣ ହୋଇଲେ ଅନ୍ତର । ତଦନ୍ତରେ ନରପତି ମନ୍ଦିରେ ମିଳିଲେ । ବ୍ୟାସଦେବ ଅଗସ୍ତିଙ୍କୁ ମଣାଇ କହିଲେ ॥ ନାରଦପୁରାଣ ଚଉ ବଖରେ ଉକତ । ବଳରାମ ଦାଶ ସେବେ ଶ୍ରୀ ଚରଣାଶ୍ରିତ । ୧୬ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ପଞ୍ଚମୋଽଧ୍ୟାୟଃ ।

୬ଷ୍ଠ ଅଧ୍ୟାୟ ।

ଦ୍ୱିଜ ନାରାୟଣ ପଣ୍ଡାଙ୍କ ପତ୍ନୀ ଅନ୍ନ ଦାନର ଫଳ
ପ୍ରଶ୍ନ ଛଳେ ତାହାଙ୍କର ବର୍ଷ ଉଦ୍ଦେଶେ ଦେଶଭ୍ରମଣ
ଚମ୍ପକବୃକ୍ଷ ଏବଂ ଅଶ୍ୱ ସହିତ କଥୋପକଥନ ।

ଅଗସ୍ତି ଉବାଚ ।

ବ୍ୟାସଦେବ ଅଚ୍ଛନ୍ତି ବୋଲନ୍ତି ମୁନିବର । ନାରଦ କହିଲେ ସାର ନୃପତି ଅଗର । ଦ୍ରାବଡ଼ନୃପତି ଅଗେ ନାରଦ ଗୋସାଇଁ । ସବୁ ସାର ଅନ୍ନ ଦାନ ମୁନି ଗଲେ କହି । ଏଥିର ଚରିତ କହ

Digitized by PPRACHIN, SOA

ପରାଶରସୁତ । ତବ ମୁଖରୁ ଶୁଣିଲେ ଛେଦିବ ମୁକ୍ତ । ୭ ।

ବ୍ୟାସଦେବ ଉବାଚ ।

ଶୁଣ ହେ ଅଗସ୍ତି ତୁମ୍ଭେ ଏହାର ବଚନ । ଅନ୍ନ ଦାନର ପ୍ରଧାନ ଏକମନେ ଶୁଣ ॥ ରାଜଋଷି ବସଇ ଯେ ମାଳବ ଦେଶରେ । ନାରାୟଣ ପଣ୍ଡା ଗଙ୍ଗାକୂଳେ ତପ କରେ ॥ ଗ୍ରାମ ନାମ ରତ୍ନାକର ନିବାସୀ ଅଟଇ । ବାଞ୍ଛାବଟମୂଳେ ଦ୍ୱିଜ ଧ୍ୟାନ କରୁଥାଇ ॥ ଅତଥିଜନଙ୍କୁ ସେବେ କାତ୍ୟ ମୂଳାଧାର । ଅନ୍ନଦାନ ନ ଦେଲେ ସେ ନ କରେ ଆହାର ॥ ରୂପଟେ ଦଅଇ ଦାନ ନ କହ କାହାରେ । ଶତେବାର କନ୍ୟାଦାନ ଉତ୍ସର୍ଗେ ବେଦରେ ॥ ଏମନ୍ତେ ସେ ପ୍ରତଦିନ ଅନ୍ନ ଦାନ ଦେଇ । ଦାନ ଛନ୍ନ ଦେଇ ପଛେ ଭୁଞ୍ଜିବାକୁ ଯାଇ ॥ ଏମନ୍ତେଣ ଏକଦିନେ ତା ପତ୍ନୀ ବୋଲଇ । ମୁଁ ଯାହା ପୁଚ୍ଛିବି କହ କପଟ ନ କହ । ୧୦ । ପ୍ରତଦିନ ଅନ୍ନଦାନ ଦଅ କି କାରଣ । କହ ସ୍ୱାମି ତୁମ୍ଭେ ମୋର ଏଥିର ପ୍ରଧାନ ॥ ଶୁଣି ନ ଶୁଣିଲେ ପଣ୍ଡା କହି ନ କହଲେ । ଏହିପରି ପ୍ରତଦିନ ଦାନ ଦେଉଥିଲେ ॥ ବତ୍ସର କଲା ବ୍ରାହ୍ମଣୀ ଆପଣା ମନର । ଭୁଞ୍ଜିବାକୁ ଦେବ ମୁହିଁ ଅର୍ଦ୍ଧେକ ଆହାର ॥ ପ୍ରତଦିନ ତା ଆହାର କ୍ଷୀଣ ସେ କରଇ । ଯାହା ଭୁଞ୍ଜିବାକୁ ଦଏ ଅଧେ ଦାନ ଦେଇ ॥ କରେ ଥିଲା ଧନ ଦ୍ରବ୍ୟ ନ ଛଡ଼ାଇ ବାଟ । ଏହି-ରୂପେ କଷ୍ଟଦିନ କଲା ସେ ଅକଷ୍ଟ ॥ ଦିନୁ ଦିନ କ୍ଷୀଣ ହେଲା ବ୍ରାହ୍ମଣ-ଶରୀର । ଅଗ୍ନିର ବଶ୍ଚନେ ଯେସନେ ଦଶେ କଳେବର ॥ ପଣ୍ଡାକୁ ଦେଖିଣ ବତ୍ସରଇ ତାର ନାରୀ । ଅଦଭୁତ କର୍ମ କଲ ସ୍ୱାମୀ ଯେ ମୋହର ॥ କି ବୁଦ୍ଧି କରିବ ମୁହିଁ କଲନ ବର୍ଷର । ଯେବେ ସ୍ୱାମୀ ମୋହର ତ୍ୟଜବ କଳେବର ॥ କାନ୍ତ ନ ଥିଲେ ଶୋଭିତ ନୁହେ ନାରୀରତ୍ନ । ଚନ୍ଦ୍ର ନ ଥିଲେ କି ଶୋଭା ଦଶେ ତାରାଗଣ ॥ କେ ଦେଲା କୁକଷ୍ଟ ବୁଦ୍ଧି କି କର୍ମ ମୁଁ କଲି । ବଡା ଦୋଷେ ସ୍ୱାମିକ ମୁଁ ଏବେ ଦଣ୍ଡ ଦେଲି । ୨୦ । ଯୋଡ଼ ମୋର ବୁଦ୍ଧି ଯୋଡ଼ୁ ମୋହର

Digitized by PPRACHIN, SOA

ଶରୀର । ବଦେହ ନବରେ ଛନ୍ତି ମାୟା କଳେବର ଧନ ସମ୍ପଦ ସମସ୍ତ ମାୟାରେ ଜଡ଼ିତ । ଛାୟା ପ୍ରାୟ ବ୍ରହ୍ମାଣ୍ଡଯାଏଁ ଯୋଡ଼ଇ-ବିପଥ ଆକାରୁଁ ଜନ୍ମଇ ରୂପ ବିକାର କୁସଙ୍ଗ । ମାୟାରେ ପ୍ରକୃତିରୂପ ଅଟଇ ବିଭଙ୍ଗ ॥ ଏମନ୍ତେ ବ୍ରାହ୍ମଣୀ-ହୃଦେ ଜ୍ଞାନ ପ୍ରସନ୍ନିଲା । ଜୀବର ଉପରେ ଦୟା ତାହାର ଜନ୍ମିଲା ॥ ମନ ଅଟେ ଚଇତନ୍ୟ ବୋଲଇ ସ୍ୱାଧୀନ । ପ୍ରାପ୍ତ ଧନ ହରାଇଲୁ ହୋଇ ହତଜ୍ଞାନ ॥ ପରମ ପୁରୁଷ ତେଜ ଗର-ଗଡ଼ ପୂଜ । ଅଧୀନ ଦେବତା ହୃଦେ ମନ ଜ୍ଞାନେ ଭଜ ॥ ତୀର୍ଥ ବ୍ରତ ପରିଶ୍ରମ ମନର ବିଭ୍ରମ । ଶରୀରକୁ ନଲେ ଠାବ ପାଇ ଦିବ୍ୟ ଧନ ॥ ଶରୀର ବାହିଲେ ଜୀବ ନିଶ୍ଚୟ ମରନ୍ତି । କେହୁ ମୋତେ ନରାଇଲା ଏତେକ ଅନୀତି ॥ ଏମନ୍ତ ବିଚାର ସେ ଗାର୍ଗବ ନାରୀବର । ପତି-ପାଦ ପୂଜିବାରେ ମନ କଲା ସ୍ଥିର ॥ ଏମନ୍ତେ ପତିଙ୍କ ସେବା କରଇ ନିତ୍ୟରେ । ଏକଦିନେ ବସିଣ ସେ ଶୟନ-ମନ୍ଦିରେ । ୭୦ । ଚରଣେ କରନ୍ତେ ସେବା ହୃଦେ ବିଚାରଇ । ବୋଲେ ପ୍ରାଣନାଥ ବୋଲ ଯାହା ମୁଁ ପୁଚ୍ଛଇଁ ॥ ପ୍ରତିଦିନ ଅନ୍ନଦାନ କର କି କାରଣ । ଦାନ କରିବାର ଫଳ କହ ମୋ ଆଗେଣ ॥ ତୁ ମୋହର ପ୍ରାଣନାଥ ମୁଁ ତୋହର ନାରୀ । ମାୟା ନ କରିଣ ମୋତେ କହ ହେ ବିସ୍ତାରି ॥ ତୁମ୍ଭଠାରୁ ଅନ୍ୟ ମୋର କେହି ସଖା ନାହିଁ । କହ ପ୍ରାଣେଶ୍ୱର ମୋତେ ଏ ଫଳ ବୁଝାଇ ॥ ବ୍ରାହ୍ମଣୀ ବଚନେ ଦ୍ୱିଜ ବୋଲଇ ଉତ୍ତର । ଅନ୍ନଦାନ ଫଳ ମୋତେ ନୁହଇ ଗୋଚର ॥ ବିପ୍ରଙ୍କୁ କରିବ ଠାବ ତୁମ୍ଭର ନିମନ୍ତେ । ଅନ୍ନଦାନ-ଫଳ ମୁହିଁ ପୁଚ୍ଛିବି ଗୁପତେ ॥ ସେ ଯାହା କହିବେ ତାହା କହିବି ସୁନ୍ଦରୀ । ଏମନ୍ତେଣ ଦ୍ୱିଜବର ଚତୁ ସ୍ଥିରକରି । ସେଣିକରି ଉଦିତ ହୋଇଲେ ଦିନକର । ସ୍ନାନ ଶଉଚ ସାରିଲା ତହୁଁ ଦ୍ୱିଜବର ॥ ଅପଣାର ନିତ୍ୟକର୍ମ ସାରିଣ ବହନ । ଖୁଞ୍ଚି ପୋଥି ବେନିଣ ବାହାରେ ତତକ୍ଷଣ ॥ ବିଷ୍ଣୁର ଉଦ୍ଦେଶେ ଦ୍ୱିଜ କରଇ ଗମନ । ଧୀରେ ଧୀରେ ଚଳିଲା ବହୁଦୂର ପୁଣ ॥ ୮୦ ।

Digitized by PPRACHIN, SOA

ଯାଅନ୍ତେ ଅଧିକ ବେଳ ପଥରେ ହୋଇଲି । ଚମ୍ପକ ବୃକ୍ଷ-ମୂଳରେ ଯାଇ ବିଶ୍ରାମିଲି । ବଶ୍ୟଇଲା ବୃକ୍ଷରାଜ ଏତ ବ୍ରହ୍ମ ମୂର୍ତ୍ତି । ମୋର ଦୁଃଖ କେବେହେବ ଫିଟିବ ଦୁର୍ଗତି । ବୋଲଇ ଚମ୍ପକ ବୃକ୍ଷ ଶୁଣ ଦ୍ୱିଜମଣି । କି କମନ୍ତେ ଭ୍ରମୁଅଛ ଏତେ ଦୁଃଖେ ପୁଣି । ବୃକ୍ଷର ବଚନେ ଦ୍ୱିଜ ବୋଲନ୍ତି ବଚନ । ପତି ପତ୍ନୀ ଶୟନରେ ଥିଲୁଁ ବେନଜନ । ମୋହର ଘରଣୀ ମୋତେ ପୁଚ୍ଛିଲାକ ବାଣୀ । ଅନ୍ନଦାନ କତ୍ୟ ଦେଅ କହିଁ ନାନ୍ତମତି । ଏଥିର କେତେ ବା ଫଳ କିବା ଶାସ୍ତ୍ରେ କହି । ଅନ୍ନଦାନ-ଫଳ ସ୍ୱାମି କହ ମୋତେ ଯେଇ । ତେଣୁ ବସ୍ତୁ ଉଦ୍ଦେଶରେ ମୁହିଁ ଯାଉଅଛି । ଦ୍ରୂପ କହନ୍ତି ବୃକ୍ଷ ଏହି ଦୃଢ଼ ଭକ୍ତି । ଦ୍ୱିଜର ବଚନେ ବୃକ୍ଷ ବୋଲଇ ବଚନ । ମୋହର ବନସ୍ତୁ ଶୁଣ ସୁବେଦୀ ବ୍ରାହ୍ମଣ । ଶ୍ୱେତବରାହ କଳ୍ପରେ ମାଣ୍ଡାର ଉଦରେ । ଗର୍ଭରୁ ଜାତ ହୋଇଲୁଁ ପାଞ୍ଚ ସହୋଦରେ । ଏକଦିନେ ଚଳି ମୁହିଁ ପ୍ରୟାଗର ସ୍ନାନ । ମୁନି ତପସ୍ୱିଙ୍କ ମୂଳେ ଅସଂଖ୍ୟ ବ୍ରାହ୍ମଣ । ୬୦ । ଜଳଘାଟେ ଦନ୍ତମୂଳ ସୁମାର୍ଜ୍ଜନ କରି । ଜଣ୍ଡ୍ରା-ମଳ ସଂହରଣ ଦେଲି ଦୂର କରି । ବେଦଭାଗ ହୋଇ ବେଦ ଘାଟରେ ପଢ଼ନ୍ତିଲି । ଗଉତମ ଋଷି ତହିଁ ଅସନ ପାଇଲେ । ଅସନେ ବସିଣ ମୁନି ମନ୍ତ୍ର ଉଚ୍ଚାରିଲେ । ବିଧାନରେ ମୃତ୍ତିକାରେ ଜୀବନ୍ୟାସ ଦେଲେ । ଜଣ୍ଡ୍ରା-ମଳ କାଟି ଏଣ୍ଡ୍ରି ଜୀବଦାନ ପାଇ । ଦୁର୍ମେନ ହୋଇଲି ସେ ଅସନ ଫୁଟି ତହିଁ । ଦେଖି ଗଉତମ ତହିଁ ମନ୍ତ୍ର ଉଚ୍ଚାରିଲେ । କୋପାନଳ ହୋଇ ମୋତେ ଅଭିଶାପ ଦେଲେ । ବୋଇଲେ ହେ ବୃକ୍ଷ ତୋତେ ଯେ କଲି ଛେଦନ । ଚମ୍ପକ ବୃକ୍ଷ ହୋଇ ହେଉ ସହସ୍ରେ ଜନମ । ଅତି ଅଭିଳାଷୀ ପୁଷ୍ପ ନାମ ବୋଲାଇବ । ଯୁବା ବୟସ କାଳରେ ମୃତ୍ୟୁକୁ ଲଭିବ । ବତଶ ବୟସ ଊର୍ଦ୍ଧ୍ୱ ଆୟୁ ନୋହେ ତାର । ବୃଦ୍ଧ ବୃକ୍ଷ ନାମ ଧରି ତେନ୍ତୁଳ ପ୍ରଚାର । ଏମନ୍ତେ ସେ ବୃକ୍ଷରାଜ କାରଣ ମାଗଇ । ତବ ଦରଶନେ ମୋତେ ସୁଗତି କରାଇ । ଶୁଣ ହେ ତେନ୍ତୁଳି ଦ୍ରୁମ

Digitized by PPRACHIN, SOA

ମୋହର ବିଧାନ । ବିରାଧ କୌଣଳଣ ନାମ ଦେତତ୍ୱା ଯୁଗେଶ ।
ପିତାସତ୍ୟ ପାଳି ରାମ ଅଗତ ବନକୁ । ପଞ୍ଚବଟୀ ବନେ ହର ଜନକ-
କନ୍ୟାକୁ ॥ ତାହାର ଉଦ୍ଦେଶେ ରାମ ବନେ ବନେ ଭ୍ରମି । କିଷ୍କିନ୍ଧ୍ୟା
ପର୍ବତେ ମାଲ୍ୟବନ୍ତେ ମେଳ ହେଲା ॥ ଚାତୁର୍ମାସ୍ୟ-ନିବାସ କରି ବି
ଭୋ ମୂଳେଣ । ବିଶ୍ରାମ କର ରହିଲେ ପାଞ୍ଚରୁ କାରଣ ॥ ସୁଗନ୍ଧ ପାଇଣ
ନୂହ ନିତ୍ୟପୁରେ ଯିବୁ । ଈଶ୍ୱର ଦେଖନେ ବାଦ୍ୟ ଡମରୁ ହୋଇବୁ ॥
ତୋତେ ଶିବ କରେ ଘେନ ଥିବେ ଅନବ୍ରତେ । ଦ୍ୱାପରେ ନାରକା-
ସୁର ବିନାଶର ଅର୍ଥେ ॥ ଏମନ୍ତେ ମୁକ୍ତି ପାଇ ନିତ୍ୟରେ ମିଳିବୁ ।
ସୁପଥ କାରିଣ ଲଭି ସୁସ୍ୱାଦ ଭୁଞ୍ଜିବୁ ॥ ଏହା କହି ଗଉତମ ଧ୍ୟାନରେ
ବସିଲେ । ଦ୍ୱିଜଅଗେ ବୃକ୍ଷଗଜ ସଜଳ, କହିଲେ ॥ ଏବେ କି
ଦୋଷରୁଁ ମୋର ନୋହିଲା କୁସୁମ । କିବା କର୍ମ-ଦୋଷ ମୋର
କପାଳ-ଲେଖନ ॥ ପ୍ରସ୍ଫୁଟିତ କୁସୁମର ବାସ ଅଗୋଚର । ଦେବ
ଦେଖୀ ବାସ ନ୍ୟନ୍ତ ନରେ ମନୋହର ॥ ମୋର ଦୁଃଖ ବନ୍ଧୁ ଅଗେ
କହିବ ମଣାଇ । ବୃକ୍ଷର ଉଦନ୍ତେ ଦ୍ୱିଜ ତହୁଁ ଚଳିଯାଇ । ୭୦ ।
ନିର୍ଜ୍ଜନ ପଥରେ ସେହୁ କଲେକ ଗମନ । ସନ୍ଧ୍ୟାକାଳେ ପ୍ରବେଶିଲେ
ଯାଇ ଘୋରବନ ॥ ନର-ବାଣୀ ନ ଶୁଣଇ ନାହିଁ ଗ୍ରାମ ଘର ।
ଭଗ୍ନ ହୋଇଅଛି ଏକ ଅଶ୍ୱ ସେ ପଥର ॥ ଅନ୍ଧକାର ହେଲା ପଥ
ଦ୍ୱିଜ ରହେ ତହିଁ । ଏମନ୍ତେ ଚିନ୍ତନ୍ତେ ଦ୍ୱିଜ ମନେ ବିଚାରଇ ॥
ଏ ଘୋର ବନରେ କେଉଁଣେ ଯିବ ଅନ୍ଧକାରେ । ସାହା ନାହିଁ କେହି
ସଙ୍ଗେ ଏ ନିଶା କାଳରେ ॥ ମନେ ବିଚାରଣ ଅଶ୍ୱ ପାଶରେ
ରହିଲା । ନିସଙ୍ଖାକୁ ଅଣ୍ଡ ପକ୍ଷୀ ପଥରେଁ ହୋଇଲା ॥ ତହୁଁ ଦ୍ୱିଜବର
ସେ ଆସନ ପାର ବସି । ହୃଦପଦ୍ମେ ଅନବ୍ରତ ବିଷ୍ଣୁନାମ ଘୋଷି ॥
ଏମନ୍ତେଣ ଉଚ୍ଚୈଃଶ୍ରବା ଦ୍ୱିଜବରେ କହି । କେଉଁଣେ ବନେ କର ଅଛ
ସୁବେଦୀ ଗୋସାଇଁ ॥ ପଥ ବଣା ହୋଇଣ ଯେ ନିର୍ଜ୍ଜନେ ଅଇଲ ।
ବ୍ୟାଘ୍ର ଭଲ୍ଲୁକର ଭୟ ସକଳ ଛାଡ଼ିଲ ॥ କେବଣ ଗ୍ରାମରେ ବାସ

Digitized by PPRACHIN, SOA

କିବା ନାମ ତୋର । କିବା ଗୋତ୍ର ସଂଜ୍ଞା ଅଟେ ତୋର ଦ୍ୱିଜବର ॥ କିବା ଦୁଃଖେ କିବା ଦ୍ୱନ୍ଦ୍ୱେ କଲ ଆଗମନ । ମାୟା ନ କରିଣ କହ ସତ୍ୟବେଦୀ ବ୍ରାହ୍ମଣ । ୮୦ । ଅଶ୍ୱର ବଚନେ ଦ୍ୱିଜ ବୋଲଇ ବଚନ । ଯାହା ପୁଛା କଲ ତୁମ୍ଭେ ଚିତ୍ତମୂର୍ତ୍ତିରେ ଶୁଣ ॥ ମାଳବ ବୋଲିଣ ଦେଶ ଗଙ୍ଗାର କୂଳେଣ । ରତ୍ନାକର ବୋଲି ଗ୍ରାମ ଅଛଇ ଯେ ନାମ ॥ ତହିଁର ନିକଟେ ଦ୍ରୁମ ଅଛି ବାଞ୍ଛାବଟ । ଯେ କରନ୍ତି ତପ-ଧ୍ୟାନ ହୁଅନ୍ତି ମୁକତ ॥ ରାଜଋଷିଙ୍କ ବଂଶରେ ଦ୍ୱିଜକୁଳେ ଜାତ । ନାରାୟଣ ପଣ୍ଡା ବୋଲି ମୋ ନାମ ବିଖ୍ୟାତ ॥ ଯଜୁର୍ବେଦ ବ୍ରାହ୍ମଣ ମୁଁ କାଣ୍ୱଶାଖା ଗୋଟି । ଗୃହଦ୍ୱନ୍ଦ୍ୱେ ଷଦ୍‌ଗୁଣ ନ ଭଜଇଁ ଶ୍ରୀପତି ॥ ବାମାଙ୍ଗୀ ବୋଲି ମୋହର ଭାର୍ଯ୍ୟାଙ୍କର ନାମ । ଏକଦିନେ ରାତ୍ର-କାଳେ ଶଯ୍ୟାରେ ଶୟନ ॥ କରିଣ ମୋତେ ପୁଛିଲା ସେହି ଦିବ୍ୟକଥା । ବୋଇଲା ହେ ପ୍ରାଣନାଥ ଯେନ ମୋ ବ୍ୟବସ୍ଥା ॥ ଅନ୍ନଦାନ-ଫଳ ମୋତେ କହ ପ୍ରାଣନାଥ । ତବ ମୁଖାରୁ ଶୁଣିବି ଏଥିର ବୃତ୍ତାନ୍ତ ॥ ସେଥିର ଚରିତ ତାକୁ କହି ନ ପାରିଲି । ବିଷ୍ଣୁଙ୍କ ଉଦ୍ଦେଶେ ସ୍ଥାନେ ସ୍ଥାନେ ମୁଁ ଭ୍ରମିଲି ॥ ଯେବା ସ୍ଥାନେ ଥିବେ ବିଷ୍ଣୁ କରି ନିବେଦନ । ସେ ନିମନ୍ତେ ତ୍ୟଜିଣ ଅଇଲି ଗୃହ ଧନ । ୯୦ । ଦ୍ୱିଜଙ୍କ ବଚନେ ଅଶ୍ୱ କହଇ ବଚନ । ମୋର ଦୁଃଖ ଜଣାଇବ ବିଷ୍ଣୁଙ୍କ ପାଶେଣ ॥ ଜାତରେ ମୁଁ ପଶୁ ଅଟେଁ ମୋର ଭକ୍ଷ୍ୟ ତୃଣ । କିବା ଅପରାଧେ ମୁହିଁ ନ କରେଁ ଗମନ ॥ ନ ଚଳଇ ପାଦ ମୋର ନ ଯାଏଁ ମୁଁ କେଣେ । ଶୟନ ନ କରଇ ଉଭା ହୋଇ ଅନୁକ୍ଷଣେ ॥ କି ପାତକ କିବା ଦୋଷ ଅଛଇ ମୋହର । ବିଷ୍ଣୁଙ୍କୁ କହିବ ଦୁଃଖ ମୋର ଦ୍ୱିଜବର ॥ ଏମନ୍ତ ହୋଇଲା ଶେଷ ଉଦେ ଛାୟାପତି । ବ୍ୟାସଙ୍କ ଭାଷା ଶୁଣିଣ ସନ୍ତୁଷ୍ଟ ଅଗସ୍ତି ॥ ନାରଦ ପୁରାଣ ବଳେ ଭାଷାରେ ଲେଖନ । ବଳରାମ ଦାସକୁ ହେ ରଖ ନାରାୟଣ । ୯୬ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସଦେବ ଅଗସ୍ତି ସମ୍ବାଦେ ନାମ ଷଷ୍ଠୋଽଧ୍ୟାୟଃ ।

Digitized by PPRACHIN, SOA

୭ମ ଅଧ୍ୟାୟ ।

ନାରାୟଣ ପଣ୍ଡା-ସହିତ ଧନୀ ବ୍ରାହ୍ମଣର କଥୋପକଥନ ।

ଅଗସ୍ତି ଉବାଚ ।

ବ୍ୟାସପାଦ ଧରି କରେ ବୋଲନ୍ତି ଅଗସ୍ତି । ଏଥିଅନ୍ତରେ ଚରିତ କହ ବ୍ରହ୍ମସୁତ ।

ବ୍ୟାସଦେବ ଉବାଚ ।

ବ୍ୟାସଦେବ ବୋଲନ୍ତି ହେ ଶୁଣ ମୁନିବର । ଦ୍ୱିଜଅଗେ ଅଣ୍ଟ ଯେ କହିଲି ଫୁଣି ତାର ॥ ନିଶିଶେଷେ ଦ୍ୱିଜବର କରଇ ଗମନ । ପଥରେ ଦେଖିଲା ସେହୁ ଗତାଗତ ଜନ ॥ ମଧ୍ୟାହ୍ନ ବେଳେ ମିଳିଗଲା ଯମୁନାର କୂଳ । ରକ୍ତବର୍ଣ୍ଣ ଦଶେ ଏକ ସରୋବର ଜଳ ॥ ବଟମୂଳେ ଏକଦ୍ୱିଜ ବସିଣ ଅଛଇ । ନାରାୟଣ ପଣ୍ଡା ଯେ ମିଳିଲେ ତହିଁ ଯାଇ ॥ ଆପଣାର ଦ୍ରବ୍ୟମାନ ବୃକ୍ଷମୂଳେ ଥୋଇ । ପାଦ ଧୋଇ କଲା ସେହୁ ଜଳମଧ୍ୟେ ଯାଇ ॥ ହସ୍ତରେ ଜଳ ନିଅନ୍ତେ ଦିଶେ ରକ୍ତବର୍ଣ୍ଣ । ନ କଲେ ସେ ଆଚମନ ବାଇଲା ତା ମନ ॥ ଧନବନ୍ତ କୃଷ୍ଣ ପଣ୍ଡା ବୃକ୍ଷମୂଳେ ଥିଲା ଦ୍ୱିଜବର ଗମନ ସେ ନୟନେ ଦେଖିଲା ॥ ବୋଇଲା ସୁକୃତ ମୋର ଧନ ଧନ ହେଉ । କରାଇବି ଜଳଯୋଗ କି ଖାଇଲେ କେହୁ ॥ ଏମନ୍ତେ ସେ ଦ୍ୱିଜ କୁମ୍ଭ କଖରେ ଘେନିଲା । ଯମୁନାନଦୀରୁ ଜଳ ଅଣିକରି ଦେଲା ॥ ୬୦ ॥ ମୁଖ ପକ୍ଷାଳଣ ଦ୍ୱିଜ ପାଦକୁ ଧୋଇଲେ । ଦ୍ୱିଜ ଦ୍ୱିଜ ନମସ୍କାର ମାନ୍ୟ-ଧର୍ମ୍ମ ହେଲେ ॥ କି ନିମନ୍ତେ କେଉଁଠାକୁ କରୁଛ ଗମନ । ଏଠାବରେ ସ୍ନାନ କରି କର ଜଳପାନ ॥ ଦ୍ୱିଜବର ବଚନେ ସେ ସ୍ନାନ କରି ଗଲା । ଯମୁନାନଦୀରେ ପଶି ସ୍ନାନାଦି ସାରିଲା ॥ ତର୍ପଣ କରିଣ ଦ୍ୱିଜ ବାହୁଡ଼ ଆସନ୍ତେ । ପଥରେ ଭେଟିଲେ ତହିଁ ଏକହିଁ ଅଥଏ ॥ ମାନ୍ୟ କରିଣ ତାହାଙ୍କୁ ଘେନାଇ ଅଇଲେ । ଆପଣାର ନିତ୍ୟକର୍ମ୍ମ କହନେ ସାରିଲେ ॥ ଜଳପାନ ଦେଲେ ଦ୍ୱିଜ ମନେ ତତ୍ତ୍ୱ କରି ।

Digitized by PPRACHIN, SOA

ସୁମନେ ଭୋଜନ କଲେ ଅତିଥି ଉଲ୍ଲାସେ । ଉଦର ପୂର୍ଣ୍ଣ ହୁଅନ୍ତେ
କଲ୍ୟାଣ ବାଞ୍ଛନ୍ତି । ବସ୍ତ୍ର ଲଜ୍ଜା ଲକ୍ଷଣ ଦୃଢ଼ କର ମତି ॥ ସେ ଗ୍ରାମ-
ନବାସୀ ଦ୍ୱିଜ ଦ୍ରବ୍ୟ ଅଣୁଥିଲା । ଦୈବେ ବେଳେ ଅଧ୍ୟଅନ୍ନ ଛୁଣ୍ଡିଣ ପଡ଼ିଲା ॥
ଉଛୁଳି ପଡ଼ିଲା ଦେଇଥିବା ଦ୍ରବ୍ୟମାନ । ହେଟମୁଣ୍ଡ ହୋଇଣ
ବସିଲା ସେହିସ୍ଥାନ ॥ ଏଣେ ଦୁଇ ଦ୍ୱିଜ ପାନ ଭୋଜନ ସାରିଲେ ।
ପକ୍ଷେମକୁ ଦୁଃଖ କରି ପାଦ ଧୋଉଥିଲେ । ୧୦ । ରୋଦନ କରୁଛି ଦ୍ୱିଜ
ପଥରେ ବସିଣ । ପାଦ ଛିଣ୍ଡି ରୁଧିର ବହୁଛି ଘନଘନ ॥ ଯାଇଣ
ଦେଖିଲେ ଦ୍ୱିଜ ଅତିହିଁ ଅସ୍ଥିର । ପୁଚ୍ଛା କଲେ ଏ କାହିଁତ କେମନ୍ତ
ବେଭାର ॥ ବୋଇଲା ସେ କୃଷ୍ଣ ପଣ୍ଡା ମୁଁ ଅଭାଗା ଜନ । ତବୀ ପାଇଁ
ଅଣୁଥିଲ କରେ ଜଳପାନ ॥ ପଥରେ ଝୁଣ୍ଟି ପଡ଼ନ୍ତେ ଉଛୁଳି ପଡ଼ିଲା ।
ମନେ ଦୁଃଖ ଉପୁଜନ୍ତେ ଲୋତକ ଗଳିଲା ॥ ଅତିଥି ଯେ ଦ୍ୱିଜ ତୁମ୍ଭେ
ପଥେ ଯାଉଥିଲ । ଅଭାଗାକୁ ସ୍ନାନଜଳ ବୋଲିଣ ବୋଇଲ । ୧୫ ।
ଏଣୁକରି ମନେ ମୋର ଦୁଃଖ ଉପୁଜଇ । ବେନି ଦ୍ୱିଜ ବସିଣ ହୁଅନ୍ତି
କୁହାକୁହି ॥ ନାରାୟଣ ପଣ୍ଡା ବସି କହିଲେ ବଧାନ । ବସ୍ତୁରି ଉଦ୍ଦେଶେ
ମୁହିଁ କରିବି ଗମନ ॥ ଯାହା ସେ କହିବେ ତାହା ତୋ ଆଗେ
କହିବି । ବନ ଗମନେ ଅଇଲେ ନାରାୟଣ ସେବା ॥ ଶୁଣି କୃଷ୍ଣ ପଣ୍ଡା
ତାକୁ ବୋଲଇ ଉତ୍ତର । ଏକ ଦୁଃଖ ଦ୍ୱିଜବର କହିବ ତାହାର ॥
ନଳଛବି କଢ଼ାଇଲି ସରୋବର କରି । ସେ ଜଳ ରୁଧିର କାହିଁ
ହୋଇଲା ମୋହରି । ୨୦ । କିବା ପାପ ଅଛି ମୋର ନବେଦ କହିବ ।
ବାହୁଡ଼ି ଅସିବାବେଳେ ମୋତେ କହିଯିବ ॥ ନାରାୟଣ ଆଗେ ଦୁଃଖ
କରି ନିବେଦନ । ଯେବା ମୋ କର୍ମରେ ଥିବ ବିଧାତା ଲେଖିଣ ॥
ଏହିରୂପେ ଦ୍ୱିଜବର ତହୁଁ ଚଳିଗଲେ । ଅନ୍ତଃସ୍ଥରେ ନାରାୟଣ
ଅନ୍ତରେ ଜାଣିଲେ ॥ ବିପ୍ରରୂପ ଧଇଲେ ସେ ଦେବ ଶ୍ରୀପତି ।
ଯେବଣ ପଥରେ ବିପ୍ର ଗମନ କରୁଛି ॥ ନାରାୟଣ ପଣ୍ଡା ପ୍ରଭୁ ପଥେ
ଭେଟ ହୋଇ । କେଉଁଣେ ଯାଉଅଛି ତୁମ୍ଭେ ସେବେଧି ଗୋସାଇଁ ।

Digitized by PPRACHIN, SOA

ବୋଇଲେ ମୁଁ ନାରାୟଣ ଉଦ୍ଦେଶେ ଯାଉଛି । ମନମଧ୍ୟରେ ବେଦନା
ମୋହର ହୋଇଛି । ତାଙ୍କୁ ଦେଖିଲେ ଯିବ ହୃଦର ବେଦନା ।
ତାହାବାକୁ ନାମ ସେ ବହିଲେ ବଜ୍ରସେହା । ଯେବା ଦୁଃଖ ଅଛି କହ
ମୋହର ଆଗର । ପାଇଲେ ମୁଁ ଦୁଃଖ ତୋର ନେବ ଗୁରୁଭାର ।
ଏମନ୍ତେ ସେ ଦ୍ୱିଜବର ବୋଲନ୍ତି ବଚନ । ଯେବେ ନାରାୟଣ ଦେଖା
ଶଙ୍ଖ ଚକ୍ର ଯେହ । ଦ୍ୱିଜବର ବଚନେ ଦେଖାନ୍ତି ପ୍ରଭୁ କାୟେ ।
ଚତୁର୍ଭୁଜେ ଶଙ୍ଖ ଚକ୍ର ଗଦା ପଦ୍ମ ଶୋହେ । ୪୦ । ନୟନେ
ଦେଖିଲା ଦ୍ୱିଜ ଅନନ୍ତ ମୂରତି । ହୃଦପଦ୍ମେ ମୁଁ ରକ୍ଷା କାଳାକ ଦବ୍ୟସ୍ତୁତି ।
ହୃଦେ ବିକଶିଲା ତାର ଚରଣ କମଳ । ସବୁ ଦୁଃଖ ଯିବ ମୋର
ପାଇବ ସୁଫଳ । ଅବସ୍ୟ ପାଦପଦ୍ମକୁ ଚିନ୍ତା ଯେ କରନ୍ତି । ବର୍ଦ୍ଧମାନ
ଦେଖି ତାଙ୍କୁ ଦୂରନ୍ତୁ ଡରନ୍ତି । ଅଭସ୍ତ ପଦ୍ମପାଦରେ କରିବା ଆଶ୍ରୟ ।
ଯାହା ଅଗ୍ରେ କଲେ କାଣ ସର୍ବକର୍ମ ଜୟ । ଯେଉଁ ପାଦପଙ୍କଜରେ
ତୁଳସୀ ଭୂଷଣ । କଲେ ଚିନ୍ତା ତାହାଙ୍କୁ ହରନ୍ତି ଦୋଷମାନ । ଯେଉଁ
ପାଦପଦ୍ମ ଗୋଟି କମଳା ବୋଳାସେ । ହରଷରେ ଧରନ୍ତି ସେ କୁଚ-
କଳଶେ । ଯେଉଁ ପାଦପଦ୍ମ ଗୋଟି ଲଭେ ଖଗେଶ୍ୱର । ହରିର
ବାହନ ସେହୁ ବହଇ ପୁଷ୍କର । ଦୈତ୍ୟର କଳତଭାବେ ବସ ସେ
ହୋଇଲେନା । ଭକତବତ୍ସଲ ହରି ତାକୁ ଦୟା କଲେ । ଉତ୍ତାନ ପାଦ
ବୋଲିଣ ଏକଇ ରାଜନ । ଧ୍ରୁବ ବୋଲିଣ ଅଟଇ ତାହାର ନନ୍ଦନ ।
ପିତା କୋଳେ ପୁତ୍ର ଦିନେ ବସିବାକୁ ଗଲା । ପାଟରାଣୀ ନନ୍ଦନ ବସେ
ବସାଇ ନ ଦେଲା । ୫୦ । ଏମାନ ପାଇ ପାଞ୍ଚବରଷ କୁମର ।
ମଧୁବନେ ତପ ଆରମ୍ଭିଲା ମହା ଘୋର । ହରି ଚରଣେ ହିରଣ୍ୟ-
କଶିପୁ ରାଜନ । ପ୍ରହ୍ଲାଦ ବୋଲି ଥିଲା ତାହାର ନନ୍ଦନ । ବିଷ ଜଳ
ଅନଳରେ ତାକୁ କଷ୍ଟ ଦେଲା । ଶ୍ରୀହରି ଚରଣ ଗୁଡ଼ ବୋଲିଣ
ବୋଇଲା । ବାନ୍ଧି ପକାଇଲା ନେଇ ସମୁଦ୍ର ଭିତର । ଗିରିବରମାନ
ନେଇ ବସାଇ ଉପର । ଏତେ ଦୁଃଖେ ପ୍ରହ୍ଲାଦ ଚିନ୍ତଇ ଚରଣ ।

Digitized by PPRACHIN, SOA

ଏ ଯେଉଁ ଚରଣ ହରେ ଭବଭୟମାନ ॥ ଚନ୍ଦ୍ରା କର ପଦ୍ମପାଦ
ଭେଟି ପ୍ରହ୍ଲାଦ । ଦୁର୍ଗତି ମୋକ୍ଷ କରାଇ ଦେଲା ଇନ୍ଦ୍ରପଦ ॥ ଏହ
ପାଦପଦ୍ମ ଦ୍ୱୟ ଚନ୍ଦ୍ରଲେ ଅଦ୍ଭୁତ । ଶୂନ୍ୟପୁରୁଷ ଉଦରୁଁ କଲେ
ଉତପତ୍ତି ॥ ଏହ ପାଦପଦ୍ମ ଦ୍ୱୟ ଜଗତେ ପ୍ରକାଶ । ସ୍ୱୟଂ ଅଦ୍ଭୁତର
ଗର୍ଭେ କରଥିଲ ବାସ ॥ ଧନ୍ୟ ସପ୍ତବେଦ କନ୍ୟା ଧନ୍ୟ ତା ଉଦର ।
ଗର୍ଭରେ ଧଇଲେ ସେ ବାମନ ଅବତାର ॥ ଏହ ଚରଣକୁ ବଳି
ଶିରରେ ମଣ୍ଡିଲ । ସପତ ବ୍ରହ୍ମାଣ୍ଡ ଏହ ପାଦରେ ମର୍ଦ୍ଦିଲ ।୬୦।
ବଳରାଜା କେତେଦନ ତପ କଲା କାହିଁ । ଏତେଜନ୍ମ ସେ ଏତେ
ହ୍ରସ୍ୱ ଶୁଣିଲ ତ ନାହିଁ ॥ ଯୋଗିଜନମାନେ ବନ୍ଦ ଏ ବେନ ଚରଣେ ।
ବଳର ମଣ୍ଡଳ ପରେ କରଇ ଅରୋହଣ ॥ ଏହ ପାଦପଦ୍ମରୁ ହିଁ ଦ୍ରବଛନ୍ତି
ଗଙ୍ଗା । ଦୁରନ୍ତ ଅର୍ଣ୍ଣବେ ବନ୍ଦେ ହୋଇଣ ଅଲଗା ॥ ପାଦପଦ୍ମ
ଲଗିବାରୁ ଧନ୍ୟ ସୁରନଦୀ । ଶିରରେ ଶଙ୍କର ଧରଛନ୍ତି ବହୁପ୍ରଦୀ ॥
ନାନାତୀର୍ଥ ଜଳମାନ ସେବନ ବେଦପତି । ଏ ବେନ ଚରଣେ ।
ଅଭିଷେକ ସେ କରନ୍ତି ॥ ଏ ବେନ ଚରଣ ଚନ୍ଦ୍ର ସ୍ୱର୍ଗେ ସୁରପତି ।
ଉନ ଭୁବନକୁ ଭୋଗ ସେ ଏବେ କରନ୍ତି ॥ ଦ୍ରୋହୀ ନାରାୟଣ ପଣ୍ଡ୍ୟା
ତା ଦୁଃଖ ଜଣାଇ । ଅଭୟ ପାଦ ଦେଖିଣ ସବୁ ସୁଖ ପାଇ ॥ ଦ୍ୱିଜ-
ମୁଖ ଶୁଣି ହରି ହରଷ ଲଭିଲେ । କହ ଦ୍ୱିଜ ଦୁଃଖ ତୋତ୍ତ ବୋଲିଣ
ବୋଇଲେ ॥ ଭକତ ଭାବରେ ମୋତେ ବନ୍ଧନ ତୁ କଲୁ । ତୋହର
ଭକ୍ତିରେ ଅମ୍ଭେ ପ୍ରସନ୍ନ ହୋଇଲୁଁ ॥ ହରିଙ୍କ ବଚନେ ଦ୍ୱିଜ କରଇ
ଉତ୍ତର । ବୃଷ ଅଶ୍ୱ ଧନ ବନ୍ତ ଉଦନ୍ତ ବେଭାର ।୭୦। ବାରତା
ବୁଡ଼ାଇ ଦୁଃଖ ମୁହିଁ ନ କହଲେ। ଶିଙ୍ଗକେଶରୀ ପୁରାଣେ ଋଷି ସେ
ବୋଇଲେ ॥ ବାରତା ବୁଡ଼ାଇ କାଷ୍ଠବେଙ୍କ ଦ୍ରବ୍ୟ ନାଶ । ଧ୍ରୁବ
ସାଧୁ ବଚନେ ସେ ହୋଇ ମନୋଦଶ ॥ ଏମନ୍ତ ଉତ୍ତର ଦ୍ୱିଜ
ହୃଦରେ ଭାବଇ । ପର କାର୍ଯ୍ୟ ଅଶେ କରଇ ମୋର ଦୁଃଖ କହ ॥
ପର ଉପକାରେ ଲଭ ସ୍ୱର୍ଗର ସମ୍ପତ୍ତି । ଏମନ୍ତେଣ ଦ୍ୱିଜବର ହୃଦରେ

Digitized by PPRACHIN, SOA

ପାଉନ୍ତି । ବ୍ୟାସଦେବ ଅଗସ୍ତିଙ୍କି କହିଲେ ବିଧାନ । ନାରଦ ପୁରାଣ ଗ୍ରନ୍ଥ ମୁକ୍ତି ଉପକ୍ଷାନ । ବଳରାମ ଦାସ କଲେ ଭାଷାରେ ଲେଖନ । ନିତ୍ୟ ସେବା ଇଚ୍ଛଇ ସେ ପ୍ରଭୁ ନାରାୟଣ । ୭୬ ।

ଇତି ଶ୍ରୀ ନାରଦ ପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ସପ୍ତମୋଽଧ୍ୟାୟଃ ।

—:0:✱:0:—

୮ମ ଅଧ୍ୟାୟ ।

ନାରାୟଣ ପଣ୍ଡାଙ୍କର ନାରାୟଣଙ୍କ ନିକଟରେ ଚମ୍ପକ-ବୃକ୍ଷ ଏବଂ ଅଶ୍ୱର ଦୁଃଖ ନିବେଦନ ।

ଅଗସ୍ତି ଉବାଚ ।

ବ୍ୟାସଦେବଙ୍କ ଅଗ୍ରତେ କହନ୍ତି ଅଗସ୍ତି । ଦ୍ୱିଜବର ବଚନେ କ ବୋଇଲେ ଶ୍ରୀପତି । ଏଥିର ଚରିତ ମୋତେ କହ ତପୋଧନ । ତବ ମୁଖୁଁ ଶୁଣିଲେ ଲଭିବା ଦିବ୍ୟଜ୍ଞାନ ।

ବ୍ୟାସଦେବ ଉବାଚ ।

ବ୍ୟାସ ବୋଇଲନ୍ତି ଶୁଣ ହେ ରାଜର୍ଷି ଅଗସ୍ତି । ବିଷ୍ଣୁଙ୍କ ଅଗ୍ରତେ ଦ୍ୱିଜ ବିନୟେ କହନ୍ତି । ଶୁଣିମା ତ୍ରୈଲୋକ୍ୟନାଥ ମୋହର ଉତ୍ତର । ଆସନ୍ତେ ପଥରେ ମୋତେ ଦେଖିଲେ ଦୁଃଖଭର । ଚମ୍ପକ ବୋଲଣ ବୃକ୍ଷ ପଥରେ ଅଛଇ । ବପୁ ଯେ ବିଶାଳ ତାର ବାନ୍ଧୁ ମେଲିଛଇ । ମଧ୍ୟାହ୍ନ କାଳେ ତା ମୂଳେ କଲଇଁ ବିଶ୍ରାମ । ମୋତେ ପୃଚ୍ଛା କଲାକ ଚମ୍ପକ ନାମେ ଦ୍ରୁମ । ବୋଇଲା ହେ ଦ୍ୱିଜ କେଣେ ଗମନ କରୁଛ । ମାୟା ନ କରଣ ମୋତେ କହସି ପ୍ରତ୍ୟକ୍ଷ । ବିଷ୍ଣୁ ଉଦ୍ଦେଶେ ଯାଉଛି ବୋଲନ୍ତେ ଉତ୍ତର । ଶୁଣି ବୃକ୍ଷ ବିନୟରେ କହେ ସମାଚାର । ରାଜ-ପଥେ ଅଛି ମୁହିଁ ନାମ ମୋ ସୁରସ । କେଉଁ ଦୋଷରୁ ମୋହର ନ ଫୁଟଇ ପୁଷ୍ପ । ପୁଷ୍ପର ଅଟେ ସୁବାସ ଦେବତାଙ୍କ ଯୋଗ୍ୟ । କ ପାପେ ଲଭିଲା ବୃକ୍ଷ ଏମନ୍ତ ଦୁର୍ଯୋଗ ।। ଏହା ମୋତେ କହିବା ହେ

Digitized by PPRACHIN, SOA

ଦେବ ନାରାୟଣ । ତାର ଦୋଷ ମୋତେ କହ ତୋଷ କର ମନ ॥ ନାରାୟଣ ବୋଲନ୍ତି ହେ ଶୁଣ ଦ୍ୱିଜବର । ଚମ୍ପକ ବୃକ୍ଷର ଘ୍ରାଣ ନ ଦେଖି ଧାନର ॥ ସେ ବୃକ୍ଷ ମୂଳରେ ଗୁପ୍ତ ଧନମାନ ଛନ୍ତି । ସୁବର୍ଣ୍ଣ ରତ୍ନପ୍ରମାନ ରଙ୍ଗାକୃତ ହୋଇ ॥ ସେହି ଜ୍ୱାଳାରେ ଚମ୍ପକ ପୁଷ୍ପ ନ ଫୁଟଇ । ବୃକ୍ଷକୁ କହିବ ଦ୍ୱିଜ ଏ କଥା ବୁଝାଇ ॥ ସେତୁ ଯାହାକୁ ଖୋଳିବ ଧନ ଯେବେ ଗଲେ । ଦ୍ରୁମକେ ଫୁଟିବ ପୁଷ୍ପ ରହି କାଳେ କାଳେ ॥ ଏମନ୍ତ ଶୁଣିଣ ଦ୍ୱିଜ କରଇ ବିଚାର । ରାବେ ଅଶ୍ୱ ସାହା ମୋତେ ଯୋର ବିପିନର ॥ ତାହା ଦୁଃଖ ନ କହିଲେ ଦୋଷୀ ମୁଁ ହୋଇବି । ଅବର ଶ୍ରୀ ପାଦପଦ୍ମ ସ୍ତୁତି ଆରମ୍ଭିବ ॥ ଏମନ୍ତ ସେ ଦ୍ୱିଜବର ପାଦପଦ୍ମ ଧର । ତ୍ରେତାଯୁଗେ ଜାତ ହେଲୁ ଅଯୋଧ୍ୟା ନଗରୀ ॥ ରାଜା ଦଶରଥ ପୁଣି କଉଶଲ୍ୟା ରାଣୀ । ପାଦପଦ୍ମ ଧ୍ୟାନ କରି ହୃଦ ବେନି ପ୍ରାଣୀ ॥ କଲୁ ଦୟା ତାହାଙ୍କୁ ହେଲେ ପୂର୍ଣ୍ଣ କାମ । ପରମ ପୁରୁଷ ଜାତ ଉଭୁକ୍ତ ଶ୍ରୀରାମ । ୬୦ । ଶୁକ ସନକାଦି ଯେଉଁ ଚରଣେ ନମନ୍ତି । ନନ୍ଦନରେ ରହି ଯୋଗୀ ଯାହାକୁ ଖୋଜନ୍ତି ॥ ତୁହି ରାମରୂପେ ଦଶରଥର ନନ୍ଦନ । ତୋ ମହିମା ସଂସାରରେ କରନ୍ତି କୀର୍ତ୍ତନ ॥ ଭରତ ଲକ୍ଷ୍ମଣ ଶତ୍ରୁଘ୍ନଙ୍କ ସହିତେ । ଏହି ବେନି ଚରଣେ ଖଣ୍ଡନ୍ତି ଅନନ୍ତରେ ॥ ବିଶ୍ୱାମିତ୍ର ମୁନି ଆସି ଚରଣେ ଖଟିଲେ । ଯଜ୍ଞ ସ୍ଥାନେ ଯଜ୍ଞପୁରୁଷଙ୍କୁ ଭେଟାଇଲେ ॥ ଯଜ୍ଞକୁ ସେ ମୁନିବର କଲେକ ସଫଳ । ଯଜ୍ଞରେ ସେହୁ ଦେଖିଲେ ଶ୍ରୀପାଦ-କମଳ ॥ ପାଦ-ପଦ୍ମ ଲାଗିବାରୁ ଗଉତମ ନାରୀ । ମହା ଘୋର ଅଭିଶାପୁଁ ତରିଲେ ସୁନ୍ଦରୀ ॥ ଏହି ବେନି ପାଦ-ପଦ୍ମ ଜନକ ସେବିଲେ । ବେନି ପାଦେ ରହିକରି ଜାନକୀ ପୂଜିଲେ ॥ ଏହି ପାଦ ଦେଖିଣ ଅବର ପର୍ଶୁଧର । ଚରଣ ଚନ୍ଦ୍ରଣ ସେ ହୋଇଲେ ଯୋଗେଶ୍ୱର ॥ ଚରଣ ସେବାରେ ହନୁମାନ ଯେ ରହିଲେ । ଜ୍ଞାନ ଲଭି ମର୍ତ୍ତ୍ୟପୁରେ ଚିରଜୀବୀ ହେଲେ । ଦୁନ୍ଦୁଭି ଅସ୍ଥିରେ ଏହି ଚରଣ ଲାଗିଲା । ସୁଗ୍ରୀବ ରାଜା ଚରଣେ

Digitized by PPRACHIN, SOA

ଶରଣ ପଶିଲ୍ଲି । ୩୦ । ବଳବନ୍ତ ବାଳିକି ନାଶିଲ ଗୋଷ୍ଟବାଣେ ।
ସୁଗ୍ରୀବକୁ ଅଭିଷେକ କଲ ଶ୍ରୀଚରଣେ ॥ ବାରନିଧିର କୂଳରେ କଲ
ହେ ବିନୟ । ତାହାକୁ ପଥ ମାଗିଲ କିଂହଣ ବିନୟ ॥ ଶୁଣି ନ ଶୁଣିଲା
ସେହି ଜଳଧିର ପତି । କରେ କୋଦଣ୍ଡ ଧଇଲ ଆହେ ଦାଶରଥି ॥
କୋପ ମୂରତି ହୋଇଣ ପ୍ରହାର କରନ୍ତେ । ଜଳ ଶୁଖାଇଣ ଜଳ
ଜନ୍ତୁଙ୍କୁ ମାରନ୍ତେ । ଉପୁଜି ପ୍ରଳୟ ନାଥ କରନ୍ତେ ସଂସାର । ଅସ୍ଥିର
ହୋଇ ଅଇଲା ଜଳଧି ଈଶ୍ୱର ॥ ରତନ ମଣି ଘେନିଣ ବରୁଣ ରାଜନ ।
ଏହି ପାଦପଦ୍ମ ତଳେ ପଶିଲା ଶରଣ । ଯେବାବଲରେ ବାନର
ସେତୁବନ୍ଧ ବାନ୍ଧି । ଲଙ୍କାକୁ କଲ ହେ ପଥ ଦେବ ଦୟାନିଧି ॥ ଦେବ
ବାନରଙ୍କ ସେ ଅଗମ୍ୟ ଲଙ୍କାପୁରୀ । ଚରଣ ଦ୍ୱୟ ଅଗ୍ରରେ ଗମନ୍ତି ବିହରି ।
ଚରଣ ସେବଣ ସେ ବାନର ବଳବନ୍ତ । ନ ଭଜି ଚରଣ, ଲଙ୍କାପତି
ହେଲା ହତ ॥ ଶତ୍ରୁଗଣ କ୍ଷୟ କରି ରାଜଗଣ ମାରି । ଅଧା ସ୍ୱର୍ଗେ
ଦେଖୁଥାନ୍ତି ଦେବ ଇନ୍ଦ୍ର, ଫେରି । ୪୦ । ଏହି ପାଦପଦ୍ମ ଦ୍ୱୟ ଦେଖି
ମନ୍ଦୋଦରୀ । ମହା ସତୀ ହୋଇଲା ସେ ନ ହୋଇ ଦୋଷ୍ରୀ ॥ ଏହି
ପାଦପଦ୍ମକୁ ଚିନ୍ତିଣ ବିଭୀଷଣ । ଅମର ହୋଇ ଲଙ୍କାରେ ହୋଇଲା
ରାଜନ ॥ ଦେବ ରାମଂ ରୂପା ଦଶଶିରକୁ ନାଶିଲ । ସତୀ ସୀତାଙ୍କୁ
ଅଗ୍ନି ପରୀକ୍ଷା ଯେ କଲ ॥ ବ୍ରହ୍ମା ରୁଦ୍ର ଇନ୍ଦ୍ର ଚନ୍ଦ୍ର ସର୍ବ ଦେବଗଣ ।
ଦରଶନ କଲେ ବେଢ଼ି ମରାମର ଜନ ॥ ଅଗ୍ନି ପରୀକ୍ଷାରେ ସୀତା
ଦେହବନ୍ତ ହେଲେ । ଅନଳଦେବତା ତାଙ୍କୁ ପାଦେ ସମର୍ପିଲେ ॥
ପୁରୁଷମଧ୍ୟରେ ତୁମ୍ଭେ ଅଟ ସୁଦର୍ଶନ । ଦୂର୍ବାଦଳ ଶ୍ୟାମଳ ଯେ
ବିଶାଳ ଲୋଚନ ॥ ଲଲାଟରେ ମୁକୁଟ ହୀରାର ଦିବ୍ୟକାନ୍ତି । ଈଷତ
ହାସ୍ୟରେ ବିରାଜଇ ଦନ୍ତପନ୍ତି । କର୍ଣ୍ଣଦ୍ୱୟେ ମଣିମୟ ମକରକୁଣ୍ଡଳ ।
ନାସା ଅଛି ଜ୍ୟୋତି-ପ୍ରଭା ଆଦିତ୍ୟମଣ୍ଡଳ ॥ ବେନି ଦୀର୍ଘ ବାହୁ ଅଟେ
ବର୍ତ୍ତୁଳ ସୁନ୍ଦର । ବିଶାଳ ବକ୍ଷସ୍ଥଳ ଯେ ଅଟଇ ଗମ୍ଭୀର ॥ କଉସ୍ତୁଭ
ମଣି ଶୋଭେ ସୁନ୍ଦର ହୃଦରେ । ଆଦିତ୍ୟ କି ଉଇଁ ଅଛି ସୁନୀଳ-

Digitized by PPRACHIN, SOA

ମେଘରେ । ୫୦ । ପୃଥୁଲ ବସ୍ତୀର୍ଣ୍ଣ ଜାନୁ ଅବର ବଳଗ । ମେଘଗ ପର୍ଯ୍ୟ ବାଣୀ ଗମ୍ଭୀର ଲଳିତ । ଉବସିକ୍ତ-ନାବ ବେଦ ଅଟଇ ଚରଣ । ସନ୍ତଜନମାନେ ପାଦେ ପଶନ୍ତି ଶରଣ ॥ କରରେ କୋଦଣ୍ଡ ବାଣ ତୂଣ ଯେ ଶୋହଇ । ପୁଷ୍ପକ ରଥରେ ବଜେ ଜଗତ ମୋହଇ ॥ ସୀତା ଠାକୁରାଣୀ ପଦ୍ମଚରଣ ସେବିଲେ । ନାରାୟଣ ଦ୍ୱିଜ ଗୃହ ସ୍ତୁତ ଆରମ୍ଭିଲେ ॥ ଦେବ ଋଷି ବ୍ରହ୍ମ ଋଷି ଅବର ରାଜର୍ଷି । ଅଭିଷେକ କଲେ ପାଦେ ସର୍ବ ମୂନ ଅସି ॥ ନାନା ତୀର୍ଥ ଦେବ ଧନ ଉପସ୍ଥିତ ହୋନ୍ତି । ଶୂନ୍ୟରେ ଅଣିଣ ଜଳ ଚରଣେ ଢାଳନ୍ତି ॥ ନାଗ ଦେବ ଲୋକ ଯେ ଅବର ନରମାନେ । ନ୍ୟାକ୍ଷଣ କରଣେ ସେ ନମନ୍ତି ଚରଣେ ॥ ଦ୍ୱିଜ-ସ୍ତବ ଶୁଣିଣ ପ୍ରସନ୍ନ ନାରାୟଣ । କିବା ଦୁଃଖ ନିବେଦ ହେ ସୁବେଦ ବ୍ରାହ୍ମଣ ॥ ନାରାୟଣଙ୍କ ବଚନେ ଦ୍ୱିଜବର କହି । ତୁମ୍ଭ ଉଦ୍ଦେଶରେ ପଥେ ଅସୁଥିଲି ମୁହିଁ ॥ ପଥ ବଣା ହୋଇ ଯାଇ ଅରଣ୍ୟେ ମିଳିଲି । ଅଶ୍ୱ ସଖା କହ ରାବେ ବନରେ ରହିଲି । ୬୦ । ସେ ମୋତେ ବୋଇଲା ଦ୍ୱିଜ ମୋହ ନିମନ୍ତେଣ । କୃଷ୍ଣ ଆଗେ ଜଣାଇବ ମୋର ଦୁଃଖମାନ ॥ ପଶୁଜାତି ହୋଇ ମୁହିଁ ତୃଣ ଯେ ଭକ୍ଷଇଁ । ପାଦ ଚଳେନାହିଁ କିବା ପାପ କରଇଁ ॥ କିବା ପୂର୍ବଦୋଷେ ମୋର ଅଟେ ଏ ବିଧାନ । ଦୋଷାନ୍ଧ ପାତକୁଁ ଚଳେ ନାହିଁ ମୋ ଚରଣ ॥ ନାରାୟଣ ପାଦେ ମୋର ଦୁଃଖ ନବେଦିବ । ଯାହା ସେ ବୋଲିବେ ମୋତେ ପଥେ କହିଯିବ ॥ ଦ୍ୱିଜର ବଚନେ ନାରାୟଣ ଧ୍ୟାନ କଲେ । ଜାଣିଲେ ଅଶ୍ୱର ଗତି ଅଶେଷ ପ୍ରକାରେ ॥ ଦ୍ୱିଜର ବଚନେ ତାଙ୍କୁ ବୋଲନ୍ତି ଅନନ୍ତ । ଯାହା ପୁଛାକଲୁ ତାର ଶୁଣ ହେ ବୃତ୍ତାନ୍ତ ॥ ଅସୁରନିର୍ମିତ ମାୟା ନାହିଁ ପାପମାନ । ଅଶ୍ୱ ଖୁରଚରଣରେ ଅଛି ଗୁପ୍ତଧନ ॥ ଯାହାକୁ ବୋଲିବ ଅଶ୍ୱ ଧନ ଦେଖିଗଲେ । ଯୁଗେ ବାହାରିବ ବେଗ ଯିବ ତତକାଳେ ॥ ଏମନ୍ତ ବିଧାନ ଯାଇ ହେ ଦ୍ୱିଜ କହିବ । ଧନ ଥିଲ

Digitized by PPRACHIN, SOA

ନେଲେ ତତ୍କ୍ଷଣେ ସ୍ଥଳେଶ ଚଳିଯିବ । ଏହାଶୁଣି ଦ୍ୱିଜବର ସନ୍ତୋଷ ଭଜଇ । ଯାହା ସେ ବୋଇଲେ ମୋତେ ବ୍ରାହ୍ମଣଗୋସାଇଁ । ୭୦ । ଆବର କଥାଏ ମୋର ଅଛଇ ହୃଦରେ । ସରୋବରତୀରେ ଯାଇ ବସିଲ ଦ୍ୱିଜବର । ତାହାର ତଦନ୍ତ ବନ୍ଧୁ ଆଗରେ କହିବ । ଛେଦେବେସିନା ମୋରଦୁଃଖ ସଙ୍କଟ ଜଣାଇବ । ଏମନ୍ତେଣ ଦ୍ୱିଜବର ହୃଦେ କରୁଥିଲା । ଆବର କହିବ ସୂତ ଦେବ ଚକାଡୋଳା ॥ ବ୍ୟାସମହର୍ଷି କହିଲେ ଅଗସ୍ତି ଆଗର । ନାରଦପୁରାଣ ଗ୍ରନ୍ଥ ଦ୍ୱିଜ-ସ୍ତବ ସାର । ବଳରାମ ଦାଶ କଲେ ପ୍ରାକୃତେ ଲେଖନ । ହର ହର ବୋଲି ଏକା ଲଭିବ ଶୁଦ୍ଧନ । ପରମକୃପାଳୁ ହର କୃପାକର ମୋତେ । ମୋର ମନ ରହୁ ତୁମ୍ଭ ପାଦପଦ୍ମଗତେ । ୭୧ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଅଷ୍ଟମୋଽଧ୍ୟାୟଃ ।

୯ମ ଅଧ୍ୟାୟ ।

ନାରାୟଣ ପଣ୍ଡାଙ୍କର ନାରାୟଣଙ୍କ ନିକଟରେ କୃଷ୍ଣପଣ୍ଡାର ଏବଂ ନିଜର ଦୁଃଖବର୍ଣ୍ଣନ ।

ଅଗସ୍ତ୍ୟଉବାଚ ।

ବ୍ୟାସଦେବଙ୍କୁ ଚରଣେ ଅଗସ୍ତି ବୋଲନ୍ତି । ଏଥୁଅନ୍ତେ ଦ୍ୱିଜବର କଲେ କିବା ସ୍ତୁତି । ୧ । ଏଥିର ଚରିତ ମୋତେ କହ ବ୍ରହ୍ମଶିଷ୍ୟ । ସନ୍ଦେହ ଫିଟିବ ମୋର ଶୁଣି ଦିବ୍ୟରସ । ୨ ।

ବ୍ୟାସଦେବ ଉବାଚ ।

ବ୍ୟାସଦେବ ବୋଲନ୍ତି ଶୁଣ ହେ ମୁନିବର । ନାରାୟଣପଣ୍ଡା ସ୍ତୁତି କରେ ଶ୍ରୀପଯ୍ୟର । ଏକାଦିନେ ବସୁଦେବ ଚରଣ ଧଇଲେ । ଜଗତ-ପିତାଙ୍କୁ ପ୍ରେମଭାବରେ ପାଇଲେ । ପୂର୍ଣ୍ଣଭାବାପନ୍ନ ହେଲେ ତାହାର ଶ୍ରୀପଦ । ଅଡ଼ ନ ରହିଲା ତାର ସଂସାରବପତ୍ତି । ଦେବଙ୍କୁ ଦେଖି

Digitized by PPRACHIN, SOA

ଆଶ୍ରୟ କର ଶ୍ରୀଚରଣ । ଗର୍ଭରେ ଧଇଲେ ସେ ଅନାଦ୍ୟ ନାରାୟଣ ॥ ସକଳ ରକ୍ଷିବୁ ନାଥ ତୋହର ଗର୍ଭରେ । କେମନ୍ତେ କଲୁ ତୁ ବାସ ଦେବକୀଉଦରେ ॥ ଯେବଣ ପାଦପଦ୍ମରୁ ପ୍ରକାଶ ସଂସାର । ଜୀବକୁ ହୋଇଲୁ ସିନା ଦେବକୀ-କୁମର ॥ ନନ୍ଦ ଯେ ଯଶୋଦା ଗୋପୀ-ଗୋପାଳ ସକଳ । ପାଦ-ପଦ୍ମ ଲାଗିଣ ସେ ହୋଇଲେ ନିର୍ମଳ ॥ ଧନ୍ୟ ଧନ୍ୟ ନନ୍ଦରଜା ଧନ୍ୟ ଯଶୋମତୀ । ଶ୍ରୀପଦ୍ମ-ଚରଣ କରେ ଧରଣ ରହୁନ୍ତି ॥ ୧୦ ॥ ଏହି ବେନ ପାଦ-ପଦ୍ମ ଶକଟ ଭଞ୍ଜନ । ତୃଣା ବର୍ତ୍ତ ଅଘା ଷଣ୍ଢ ହୋଇଲେ ମୋଚନ ॥ ଗୋପୀ ଗୋପାଳ ଆବର ଗୋବତ୍ସ ସକଳ । ପାଦ-ପଦ୍ମ ଚିହ୍ନଣ ପାଇଲେ ଦିବ୍ୟଫଳ ॥ ଏହି ବେନ ପଦ୍ମପାଦେ କାଳିକ ଦଳିଲ । ନାଗବାଳଙ୍କୁ ଦଳଣ କମଳ ତୋଳିଲ ॥ ଦାବାନଳ ନିବାରଣ କଲ ହେ ଶ୍ରୀପତି । ଟିହ୍ବଣ ତପେ ପୂଜଲେ ଗୋପର ଯୁବତି ॥ ନନ୍ଦକୁ ଯେ ହରିନେଲା ବରୁଣ ଜନ । ଦେଖିବାନିମନ୍ତେ ସିନା ତୋହ ଶ୍ରୀଚରଣ ॥ ଗୋପର ଗୋବତ୍ସମାନ କରିଣ ହରଣ । ଭୟରେ ବିଧାତା ଆସି ପଶିଲେ ଶରଣ ॥ ଦିନେ ଅଭୟପାଦକୁ ପୂଜିଲା ଅକ୍ରୂର । ଅନେକ ଜନ୍ମର ପାପ କଲା ସେହୁ ଦୂର ॥ ଦେବଙ୍କୁ ଦୁର୍ଲଭ ଅଟେ ଚରଣ-ଉଦକ । କୃପା କଲ ମାଳିକୁ ସୁଦାମା ଅବିବେକ ॥ ଯୋଗୀ ରୁଦ୍ରାଦି ରଖନ୍ତି ହୃଦକନ୍ଦରର । ଯେ ପାଦ ଲାଗି କୁବୁଜା ହୋଇଲା ସୁନ୍ଦର ॥ ଏହି ପାଦ-ପଙ୍କଜରେ କେଶିକ ଦଳିଲ । କୁବଳୟା ଗଜ କଂସ ଦର୍ପହି ନାଶିଲ । ୨୦ । ମାତାପିତା ଚରଣେ ଯେ ନମସ୍କାର କଲା । ଚରଣ-ବନ୍ଧନ ତାର ଅକ୍ଳେଶେ ଫିଟିଲା ॥ କଂସର ବନ୍ଧନ ମାନ କେତେ ବା ଅଟଇ । ଯାହାର ଦର୍ଶନେ ଭବ-ବନ୍ଧନଂ ଫିଟଇ ॥ ଜଗଦ୍ଗୁରୁ ହୋଇଣ ସେବଲୁ ବିଦ୍ୟାଗୁରୁ । ଗୁରୁପୁତ୍ର ଆଣିଦେଲୁ ଯମରାଜାପୁରୁ ॥ ଯମପୁରୁ ଅଣିଦେବା ନୋହେ ଚଦକଥା । ଯମରାଜାର ରାଜା ତୁ ବିଧାତାର ଧାତା ॥ କୃପ ନୃପତି ଅନେକ ଦୁର୍ଗତି ପାଇଲେ । ସ୍ଥାନ-

Digitized by PPRACHIN, SOA

ଜନ୍ମ ଲଭିକରି କୂପରେ ପଡ଼ିଲେ ॥ ବହୁକାଳଯାଏ କୂପମଧ୍ୟରେ ରହିଲେ । ନାନାବିଧ ଦୁଃଖ ବଡ଼ା ଝଣୀହିଁ ସହିଲେ ॥ ଦ୍ୱାରକା ଛୟଜଣ ବନେ ଅଇଲୁ ମାଧବ । ଭ୍ରମିଲୁ ସଙ୍ଗତେ ଘେନି ସକଳ ଯାଦବ ॥ ଶୀବର ନିକଟେ ବନେ ନିଲୁ ଯେ ଗୋସାଇଁ । କୂପ ନୃପଙ୍କୁ ଉଦ୍ଧାରିବାର ପାଇଁ ॥ ଶ୍ରୀଭୁଜରେ ଧରି ତାକୁ କାଢ଼ିଲୁ ବାହାର । ଦାନଧର୍ମ୍ମ ନିଶ୍ଚୟ ସେନ୍ତୁ ହୋଇଲା ଉଦ୍ଧାର ॥ ସ୍ୱାନନ୍ଦ ଗୋଟି ତାର ହୋଇଲା ଅନ୍ତର । ଶ୍ରୀ ପଦ୍ମପାଦରେ ପଡ଼ି ସ୍ତୁଣୀ ନୃପବର । ୫୦ । ଚରଣ ଦେଖିଣ ଦିବ୍ୟ ଶରୀର ପାଇଲେ । ବିମାନେ ବସିଣ ସେହି ଗଗନେ ଯାମ୍ଭାଇଲେ ॥ ଦ୍ୱିଜର ସ୍ତବରେ ପ୍ରଭୁ ହୋଇଲେ ପ୍ରସନ୍ନ । କିବା ଦୁଃଖ ଅଛୁ ମନେ କର ନିବେଦନ ॥ ଏମନ୍ତ ଶୁଣି ବ୍ରାହ୍ମଣ ହରଷ ଅନ୍ତର । ବେଦପାଦ ଧରି କରେ ବୋଲଇ ଉତ୍ତର ॥ ଶୁମ୍ଭର ଶମ୍ଭୁକୁ ପଥେ ଅସ୍ତୁଷ୍ଟଳ ମୁହିଁ । ପୁଷ୍କରିଣୀତଟରେ ଏକ ଦ୍ୱିଜ ବସିଥାଇ ॥ ମୋତେଦେଖି ପୁଚ୍ଛିଲା ସେ ସ୍ୱରୂପ ବଚନ । କେଉଁଣେ ଯାଉଅଛୁ ଦ୍ୱିଜ କର ଅବଧାନ ॥ ମୁଁ ବୋଇଲି ନାରାୟଣ ଉଦ୍ଦେଶେ ଯାଉଛି । ମୋର ଅଟେ ଦୁଃଖ ତାର ବିନୟେ କହୁଛି ॥ ଯମୁନା-କୂଳରେ ଦାସ କୃଷ୍ଣ ପଣ୍ଡା ନାମ । ସରୋବର ଖୋଳାଇଣ ଦେଲା ଜଳ ଦାନ ॥ ପ୍ରୋକ୍ଷଣ କରିଣ ଜଳ ପ୍ରତିଷ୍ଠା ଯେ କଲା । ଶୋଣିତ ବର୍ଣ୍ଣ ପରାୟେ ଜଳହିଁ ଦିଶିଲା ॥ ସ୍ନାନ କରନ୍ତେ ସେ ଜଳ ବିକାର ଜନ୍ମଇ । କିବା ପାତକ ତାହାର ପୂର୍ବରୁ ଅଛଇ ॥ ଏହା ମୋତେ ବିସ୍ତାରିଣ କହ ନାରାୟଣ । ପଥେ ଜଗି ବସିଥିବ ମୋତେ ସେ ବ୍ରାହ୍ମଣ ॥ ଭକତବତ୍ସଳ ପ୍ରଭୁ ଭକ୍ତିଭାବ ନେଇ । ବୋଲନ୍ତି ହେ ଦ୍ୱିଜବର ଶୁଣ ମନ ଦେଇ ॥ ପାପ ଅଛି ପାତକାଦି ନାହିଁ ଯେ ତାହାର । ରଜସ୍ୱଳା କନ୍ୟା ଥିଲା ତାହାର ମନ୍ଦିର ॥ ରଜସ୍ୱଳା ନାରୀ ଯାର ମନ୍ଦିରରେ ଥାଇ । ଯଜ୍ଞ କର୍ମମାନ ତାର କରି ନ ଯୋଗାଇ ॥ ଯଜ୍ଞାଦି କର୍ମ କଲେ ସ୍ୱର୍ଗେ ଦେବଗଣ । ରଜ ଶୋଣିତ ପିତୃଏ କରନ୍ତି ଗ୍ରହଣ ॥

Digitized by PPRACHIN, SOA

ନ ଜାଣିଣ ସରୋବର ଜଳ ନ ପ୍ରୋକ୍ଷଣ । ତେଣୁ ସରୋବର ଜଳ ହେଲେ ରକ୍ତବର୍ଣ୍ଣ ॥ ସେ କନ୍ୟା ପ୍ରଦାନ କଲେ ଦିବ୍ୟଜଳ ହେବ । ଏମନ୍ତ ଦ୍ୱିଜକୁ ତୁମ୍ଭେ ମଣାଇ କହିବ ॥ ଶୁଣି ନାରାୟଣ ପଣ୍ଡା ହରଷ ଅନ୍ତର । ମୋର ଦୁଃଖ ନିବେଦିବ ବଟୁରେ ମନର ॥ ଆମ୍ଭର ବିଷ୍ଣୁ-ପାଦରେ କରୁଛି ସ୍ତୁତି କରୁ । ତେବେ ଅନ୍ନଦାନ କଥା କହିବି ବିସ୍ତାର ॥ ଏମନ୍ତେଣ ଦ୍ୱିଜବର ବେଦପାଦ ଧରୁ । ନମୋ ନାରାୟଣ ବୋଲି ମୁଖରେ ଉଚ୍ଚାରୁ ॥ ମଧୁରିପୁ ମିବପଣ ହୋଇଲା ତୁମ୍ଭର । କେଉଁ ଲଭ ନ ଦେଲ ହେ ଦେବ ଚକ୍ରଧର । ୫୦ । ଅନ୍ତିମରେ ବଳେ କଲ ଶ୍ରୀ ମଧୁସୂଦନ । ଜେତେ କର୍ମ କଲ ସେହୁ ଦେଉଁ ଚକ୍ଷୁଦାନ ॥ ବଡ଼ ସେ ନୁହଇ ତାକୁ ଦେଲ ଚକ୍ଷୁଦାନ । ଏ ଚରଣ ଚିନ୍ତିଣ ଲଭିଲା ଦିବ୍ୟଜ୍ଞାନ ॥ ଜତୁଘରେ ଅଗ୍ନି ଦେଇ ବିଫଳଡ଼ୁ କରୁ । ସବୁ କଷ୍ଟ ଦୂରକଲେ ଚରଣ ସୁମରୁ ॥ ଜତ୍ସବ ଯଜ୍ଞରେ ଯେ ସଜିଲ ନୃପତି । ପାଦଚିନ୍ତି ଦୂରକଲେ ସକଳ ବିପତ୍ତି ॥ ଭକ୍ତି ଭାବେ ପାଦପଦ୍ମ କରଣ ବନ୍ଦନ । ଯଜ୍ଞେ ଅର୍ଘ୍ୟ ଆଣି ଦେଲେ ଧର୍ମର ନନ୍ଦନ ॥ ଧର୍ମନନ୍ଦନର ଧର୍ମ ଅଟଇ ଅପାର । ଯୋଗିଙ୍କର ଅଗୋଚର ଯେବଣ ପୟର ॥ ଏହି ବେଦ ପାଦପଦ୍ମ ଚିନ୍ତିଲେ ଦ୍ରୌପଦୀ । କୁରୁସଭାତଳେ ଥାଇ ନାଶିଲେ ଦୁର୍ଗତି ॥ ପଞ୍ଚପତି ଅଙ୍ଗ୍ରୀ ଛାଡ଼ି ଚିନ୍ତିଲେ ଚରଣ । ପ୍ରଳୟ ଅଗ୍ନିକି ଏହି ଅଟଇ ତାରଣ ॥ ଏହି ଶ୍ରୀଚରଣକୁ ବିଦୁର ପୂଜାକରୁ । ଦୁର୍ଲ୍ଲଭରେ ପୂଜା ତାକୁ କଲ ନରହରି ॥ ପୂଜିଲା ଚରଣ ତୋର ନୋହେ ସେ ନୃପତି । ଭବରେ ତାହାର ଗୃହେ ଭୁଞ୍ଜିଲ ଶ୍ରୀପତି । ୬୦ । ଅଭୟ ପାଦପଦ୍ମକୁ ଭଜି ଧନଞ୍ଜୟ । ସ୍ନେହ ବହି ତାର ପ୍ରଭୁ ହୋଇଲ ସଦୟ ॥ ରଥରେ ସାରଥି ଦେବ ହୋଇଲ ଆପଣ । ତବ ପଦ ଧ୍ୟାନକରି କଲା କର୍ମମାନ ॥ ଭୀଷ୍ମଦେବ ପାଦପଦ୍ମ ମନାଇ ରହିଲେ । ସତ୍ୟର ପ୍ରତିଜ୍ଞା ରଖି ଚକ୍ରେ ଅରୋହିଲେ ॥ ଭୀଷ୍ମଦେବଙ୍କର ଭାଗ୍ୟ କେହି ନ ପାଇଲେ । ଚରଣ ସେବିଣ ନିତ୍ୟ ଦର୍ଶନ ସେ କଲେ

Digitized by PPRACHIN, SOA

ଏକମନେ ଭୂତଗଣ ବା ଚରଣେ ଭେଟିଲେ । ବୈକୁଣ୍ଠ ଦେଖିଣ ସର୍ବ ଦୁଃଖ ପାସୋରିଲେ ॥ ଅଶ୍ୱତ୍ଥାମା ବାଣେ ସେହୁ ଜୀବନ ହାରିଲା । ଚରଣ ଧ୍ୟାନ କରନ୍ତେ ପ୍ରାଣ ସେ ପାଇଲା ॥ ଜୀବଦାନ ଦେବା ବଡ଼ ନୋହେ ଚକ୍ରପାଣି । ସବୁ ରୂପ ଗଢ଼ିବାକୁ ଅଛୁ ତୁ ବିଜ୍ଞାଣି ॥ ଏହୁ ତ୍ରିବନ୍ଦ ପାଦକୁହିଁ ଚିନ୍ତନ୍ତି ଉଦ୍ଧବ । ସାରଭାବ ତୁମ୍ଭଙ୍କୁହିଁ ପାଇଲା ମାଧବ ॥ ଏ ବେଳ ପାଦ ଦର୍ଶନ କାରଣ ଶବର । ଅପରାଧ ମେଣ୍ଟିଣ ପାଇଲା ନଗ୍ରପୁର ॥ ଅଭ୍ୟସ୍ତ ପାଦପଦ୍ମକୁ ସର୍ବଦା ଚିନ୍ତଣ । ଦେହ ସେନ ସ୍ୱର୍ଗପୁରେ ଗଲେ ଧର୍ମନନ୍ଦଣ । ୭୦ । ଯେ ଚରଣ ଚିନ୍ତାକର ସ୍ୱର୍ଗପୁରେ ଯାଇ ? ସେ ଚରଣ ଗତ ମୁକ୍ତି ସମସ୍ତ ଦଅଇ ॥ ମୃତ୍ୟୁ ଦେବତା ସିଂହର ରୂପକୁ ଧରଇ । ଯାହାରେ ବରରେ ମୃତ ସିଂହ ଚରୁଥାଇ ॥ ପ୍ରତ୍ୟକ୍ଷ ଭାବଣ ମନେ ଭ୍ରମ ଯେ ନ କଲା । ଅଭ୍ୟସ୍ତ ପାଦରେ ଆସି ଶରଣ ପଶିଲା ॥ ସଜ୍ଜନ ସମ୍ପତ୍ତିମାନ ସ୍ୱପନ ଅଳୁତ । ଶ୍ରୀହରି ଚରଣେ ଦୃଢ଼େ ବଳାଇଲା ମତ ॥ କୁସୁମ ପ୍ରାୟକ ଜାଣି ଏ ଯୁବା ବୟସ । ଅବିଶ୍ୱାସୀ ଅଟେ ସୁଖ ଅବର ସନ୍ତାପ ॥ ବିଦ୍ୟୁଲ୍ଲତା ପ୍ରାୟ ସିନା ଏ ଦେହ ରଚନା । ତମୋଗୁଣ ଦେଖିକରି କର୍ମରେ ବାସନା ॥ ପାପଭରେ ପରିପୂର୍ଣ୍ଣ ଏ ଭବସଂସାର । ତହିଁରୁ ଉଦ୍ଧାର କର ଦେବ ଚକ୍ରଧର ॥ ଦ୍ୱିଜର ସ୍ତବ ଶୁଣିଣ ଅନାଦି ମାଧବ । ବୋଇଲେ ପ୍ରସନ୍ନ ହେଲୁଁ କହ ଅହେ ଦ୍ୱିଜ ॥ ମାଗ ବର ଦେବା ତୋତେ ଯେବ ମନୋବାଞ୍ଛା । ଧନ ଜନ ମୋକ୍ଷଗତି ଯେବା ତୋର ଇଚ୍ଛା ॥ ଶ୍ରୀହରି ବଚନେ ଦ୍ୱିଜ ବୋଲଇ ଉତ୍ତର । ବରେ କାର୍ଯ୍ୟ ନାହିଁ ଧନେ ଆଶା ନାହିଁ ମୋର । ୮୦ । ଏକଇ ବେଦନା ତୁମ୍ଭ ଚରଣେ କହିବି । ତହିଁର ତଦନ୍ତ ପାଇ ସକଳ ଲଭିବି ॥ ଦ୍ୱିଜର ବଚନେ ପ୍ରଭୁ ବୋଇଲନ୍ତି ଉତ୍ତର । ଯେବା ମନେ ଅଛି ଦୁଃଖ କହ ଦ୍ୱିଜବର ॥ ନିର୍ଭୟ ହୋଇଣ କହ ତୁହି ଦ୍ୱିଜରାଜ । ସୁମୋକ୍ଷ ବିମୋକ୍ଷ କର୍ମ ଅଜ୍ଞା କର୍ମ ତେଜ ॥ ପ୍ରଭୁଙ୍କ ବଚନେ ଦ୍ୱିଜ ବୋଲଇ ଉତ୍ତର । ଶ୍ରୀଚରଣେ ଲଗାଇଣ

Digitized by PPRACHIN, SOA

କେନ ଭୁଞ୍ଜ ଛାର ॥ ଏକଦିନେ ଗୃହେ ମୋର ସଙ୍ଗରେ ଶୟନ । କରିଥିଲା ମୋର ପତ୍ନୀ ଭାର୍ଗବୀ ତା ନାମ ॥ ସେ ମୋତେ ବୋଇଲା ଅନ୍ନଦାନର ବେଭାର । ଅନ୍ନ ଦାନ ଦେଲେ ଫଳ କି ଲଭେ ଶରୀର ॥ ଅନ୍ନ ଦାନ ଦେଉଁ ଯେଣୁ ଖଣ୍ଡନ କରଇ । କିବା ପାପ କର୍ମ ଫଳ କେମନ୍ତ ଲଭଇ ॥ କର୍ମେ ଲିହ ଯେ ଭାବରେ ମୋତେ ଅଛି ରଖିନା ଅନ୍ନ ବସ୍ତ୍ର ଯୋଗ ଲଯ୍ୟେ ଏ କର୍ମ ଭୁଞ୍ଜୁଛି ॥ ତହୁଁକି ଶୋଚନା ମୋର ନ ଥାଇ ମନର । ନିତ୍ୟ ଅନ୍ନ ଦାନ ଦେଲେ ମୁଁ କରେଁ ଆହାର ॥ ଅନ୍ନ ଦେବାରେ ମୋହର ପତ୍ନୀ ବିଘ୍ନ କଲା । ଯେଉଁ ପର କର୍ମ କଲା ମୋହର ସ୍ୱନାରୀ । ୯୦ । କହି ନ ଯୋଗାଇ ପ୍ରଭୋ ତୁମ୍ଭର ଗୋଚରେ ॥ ଘଡ ହୋଇ ପତ୍ନୀ ଛେଦ କହି କି ପ୍ରକାରେ ॥ ବ୍ୟାସ ମହର୍ଷି ଅଛନ୍ତି ଅଗସ୍ତିଙ୍କି କହି । ନାରଦପୁରାଣ ଗ୍ରନ୍ଥ ଅନ୍ନ ଦାନେ ଧାଡ଼ି ॥ ବଳରାମ ଦାଶ କଲେ ପ୍ରାକୃତେ ଲେଖନ । ନିତ୍ୟ ନୈମିତ୍ତିକେ ଭଜି ଶ୍ରୀ ମଧୁସୂଦନ ॥ ହରିଧ୍ୱନି କର ସର୍ବେ ହରଷ ଅନ୍ତରେ । ପବିତ୍ର କରାଏ ନାମ କର୍ଣ୍ଣରେ ଶୁଣିଲେ ॥ ଶ୍ରୀ ପାଦପଦ୍ମକୁ ମୁହିଁ କରିଅଛି ଆଶ । ଭବବନ୍ଧନରୁ ମୁକ୍ତି କର ପୀତବାସ । ୯୫ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ନବମୋଽଧ୍ୟାୟଃ ।

—:O:※:O:—

୧୦ମ ଅଧ୍ୟାୟ ।

ନାରାୟଣପତ୍ନୀଙ୍କର ବିଷ୍ଣୁଙ୍କୁ ସ୍ତୁତି ଏବଂ ତାହାଙ୍କ ନିକଟରୁ ବିଦାୟ ଗ୍ରହଣ ।

ଅଗସ୍ତ୍ୟବାଚ ।

ବ୍ୟାସମୁଖକୁ ଚାହିଁଣ ଅଗସ୍ତି ପୁଚ୍ଛନ୍ତି । ଏଥୁଅନ୍ତେ ଦ୍ୱିଜଙ୍କୁ କି କହିଲେ ଶ୍ରୀପତି । ୧ । ଏଥିର ଚରିତ ମୋତେ କହ ତପୋଧନ । ତବମୁଖରୁ ଶୁଣିଲେ ଲଭିବି କାରଣି ॥

Digitized by PPRACHIN, SOA

ବ୍ୟାସଦେବବୋବାଚ ।

ବ୍ୟାସ ମହର୍ଷି ବୋଲନ୍ତି ଅଗସ୍ତି ଆଗର । ଦ୍ୱିଜ-ମୁଖ ଶୁଣ
ବୋଲନ୍ତି ଦାମୋଦର ॥ ଅନ୍ନ ଦାନ-ପ୍ରଧାନ ତୁ ପୁଚ୍ଛା କଲୁ ମୋତେ ।
ଅନ୍ନ ଦାନ ଦେଇ ଯେ ଖଣ୍ଡନ କରେ ଚତେ ॥ ଏଥିର ପ୍ରଧାନ
ମୋତେ କହୁଛ ଗୋଚର । ଯେ ଜାଣନ୍ତି ତହିଁ ଫଳ କହୁଁ ତୋ
ଆଗର ॥ ଯମୁନାକୂଳନିବାସୀ ଧନିକ ବ୍ରାହ୍ମଣ । କୃଷ୍ଣ ପଣ୍ଡା ବୋଲିଣ
ଅଟଇ ତାର ନାମ ॥ ତାହାର ଘରଣୀ ତୋର ମାତା ଗର୍ଭୁ ଜାତ ।
ଶାମ ବୋଲି କରି ନାମ ଅଟେ ଜ୍ୟେଷ୍ଠ ପୁତ୍ର ॥ ସେ ପୁତ୍ରର ପତ୍ନୀ
ଗର୍ଭବାନ ହୋଇଅଛି । ତାହାର ଗର୍ଭରେ ଯେଉଁ ସନ୍ତାନଟି ଅଛି ॥
ପ୍ରସବ ନ ହୋଇ ଗର୍ଭ-କଷ୍ଟ ପାଉଥିବ । ଏମନ୍ତ ବେଳରେ ଦ୍ୱିଜ ତା
ଆଗେ ମିଳିବ ॥ ସେ ଗର୍ଭରୁ ଶୁଣି ତୁମ୍ଭେ ବଚନ ବୋଲିବ । ଜେ
ଅଛ ଗର୍ଭରେ ବୋଲି ତାହାକୁ କହିବ । ୧୦ । ମୋତେ ପ୍ରଭୁ ପଠା-
ଇଲେ ତୁମ୍ଭ ସନ୍ନିଧାନ । ଅନ୍ନ ଦାନ ଦେଲେ କେତେ ଲଭି ପୁଣ୍ୟ-
ମାନ ॥ ଅବର ଯେ ଅନ୍ନଦାନ ବନ୍ଧ ଆଚରନ୍ତି । କ ଜନ୍ମ ଲଭିଣ
ସେହୁ କ ଫଳ ଭୁଞ୍ଜନ୍ତି ॥ ଏହି ବଚନ କଥା କହ ଗର୍ଭର ନନ୍ଦନ ।
ଅଗତ ସୁଗତ ପ୍ରଦ୍ୟା ଜାଣେ ସର୍ବ ଜ୍ଞାନ ॥ ନାଭିରେ ଇନ୍ଦ୍ର ବନ୍ଧନ
ସକଳ ଜାଣନ୍ତି । ନାଭି ଛେଦନ ହୋଇଲେ ମାୟାରେ ପଡ଼ନ୍ତି ॥
ଏମନ୍ତ ଶୁଣିଣ ଦ୍ୱିଜ ହୋଇ ଖରତର । ପ୍ରଭୁଙ୍କ ଚରଣେ ସ୍ତୁତି କରେ
ଦ୍ୱିଜବର ॥ ଅଭୟ ପ୍ରବର ଚରଣ ମୋ ମନରେ ଚିନ୍ତା । ନରକ ପଥରୁ
ମୋତେ ଅଟ ଉଦ୍ଧାରକର୍ତ୍ତା ॥ ପଦ୍ମକଳ୍ପେ ଦାସୀପୁତ୍ର ନାରଦ ଅଟନ୍ତି ।
ଅଭୟପାଦରେ କାଢ୍ୟ ସେବା ସେ କରନ୍ତି ॥ ଭାବେ ବଶୀଭୂତ କଲେ
ଅଟେ ଲକ୍ଷ୍ମୀକାନ୍ତ । ପୋଷ୍ୟପୁତ୍ର ବ୍ରହ୍ମାର ହୋଇଲେ ତପୋବନ୍ତ ॥
ପାଦ-ପଦ୍ମ-ମକରନ୍ଦ କରନ୍ତେ ଆହାର । ଦାସୀ-ପୁତ୍ର ହୋଇ ହେଲେ
ବ୍ରହ୍ମାର କୁମର ॥ କାହିଁ ଦାସୀ କାହିଁ ବ୍ରହ୍ମା ଲଭିଲେ ତନୟ ।
ମନୋଯାନରେ ଭ୍ରମନ୍ତି ହୁଅନ୍ତେ ସଦୟ । ୨୦ । ସନକୁ ତୁ ବଡ଼

Digitized by PPRACHIN, SOA

କରୁ ବକ୍ଷସ୍ଥଳରେ । ଶତ୍ରୁ ମିତ୍ର ନାହିଁ ତୋର ଜଗତଭିତରେ । ପାଦରେ ମାଇଲା ଯେବେ ଶ୍ରୀଭୃଗୁ ବ୍ରାହ୍ମଣ । ଚିହ୍ନ ନେଇ ହୃଦୟରେ ବହିଲ ଆପଣ । କୌରବ ପାଣ୍ଡବ ଜଳେ ସମରରେ ଗୋଳ । ବହିଲା ରକତ ନଦୀ ମାଡ଼ି ବେନି କୂଳ । ଅତଙ୍କରେ ତନ୍ତ୍ରା କଲ ଭଗ୍ନିସ୍ଥ ଚଢ଼ାଇ । ଏଥୁଁ କେ ରଖିବ ବୋଲି ଶରଣ କେଉଡ଼ାର । ହସ୍ତୀ ରଥୀ ମାହୁନ୍ତ ଯେ ଭାସି ଯାଉଛନ୍ତି । ଉତଚ ପ୍ରାଣୀ ସେଠାରେ ରହିବେ କି ବର୍ତ୍ତି । ଅର୍ଜୁନ ରଥେ ସାରଥି ହେଲ ପଦ୍ମନାଭ । ଶରଣ ଗଲା ତାହାଙ୍କୁ ନୋହିଲା ପ୍ରମାଦ ॥ ଘଣ୍ଟ ଦୋଡ଼ାଇଣ ଦିବ୍ୟ ସ୍ଥାନରେ ରଖିଲ । କାହାକୁ ନ ଦେଖାଇଣ ତାକୁ ରକ୍ଷା କଲ । ଜାଣି ବା ଜାଣିଣ ଯେହୁ ପଶନ୍ତି ଶରଣ । ନ ଅଛଇ ତାର ପାଶେ ବିପଦ କାରଣ । ଅଷ୍ଟାଦଶ ଲକ୍ଷଣ ଯେବଣ ପାଦେ ଛଇ । ହୃଦେ ଚନ୍ଦ୍ରଲେଖକଣ କେବେହେଁ ନ ଥାଇ । ଯେଉଁ ପାଦ-ପଦ୍ମ ମୁହିଁ ନୟନେ ଦେଖିଲି । ଯମ-ଦଣ୍ଡ କାଳ-ଭୟମାନ ଉପେକ୍ଷିଲି । ୦ । ମୋର ଶିରେ ପାଦ-ପଦ୍ମ ଦିଅ ଦାମୋଦର । ଅଶେଷ ଜନ୍ମର ପାପ ହେଉ ମୋର ଦୂର । ପାଦ-ପଦ୍ମ ନୀର ନେଇ ଗର୍ଭରେ ଭରିବ । ଚତୁର୍ବର୍ଗ ଫଳମାନ ହସ୍ତରେ ଦେଖିବ । ପାଦପଦ୍ମ-ନୀର ନେଇ ଶିରରେ ସିଞ୍ଚିବ । ମାୟା ଘୋର ବନ୍ଧନରୁ ନିସ୍ତାର ପାଇବ । ଗଜରାଜ ଆସି ଯେବେ ଜଳରେ ପଶିଲା । କୁମ୍ଭୀର ଆସିଣ ତାର ଚରଣ ଗ୍ରାସିଲା । ଅବଶ୍ୟ ପାଦ-ପଦ୍ମକୁ ସ୍ମରଣ ଗଜ କଲ । କର ଟେକାଇ ଡାକିଲା ସେ ରକ୍ଷ ଦେବରାଜ । ଗଜେନ୍ଦ୍ରର ତାହା ହୃଦ-ପଦ୍ମରେ ସ୍ମରଣ । ତାକୁ ରକ୍ଷା କଲ ପ୍ରଭୋ ଚକ୍ରରେ ସହାର । ଅମ୍ବରୀଷ ବୋଲିକାର ଏକ ଭକ୍ତରାଜ । ନିରନ୍ତର ଶ୍ରୀଚରଣେ କରୁଥିଲା ଲୟ । ଦୁର୍ବାସା ଋଷିଙ୍କୁ ସେହି କଲେ ମହାରୋଷ । ଶାପ ଦେଲା ଦେଲେ ମୁନି ନ ବିଚାରି ଦୋଷ । ଯେଉଁ ଦୁର୍ବାସାର ଶାପ ଲଭି ଶଚୀ-ପତି । ହୃତଲକ୍ଷ୍ମୀ ହୋଇଣ ସେ ଲଭିଲେ ଦୁର୍ଗତି । ବ୍ରହ୍ମେ ସୁଦ୍ଧା ତାହା ଭ୍ରତ ନିଦସ୍ଥ ହୋଇଲ । ତେତେବଡ଼ ଅଭିଶାପ

Digitized by PPRACHIN, SOA

ମେଘାଉଣ ଦେଲ । ୪୦ । ମୁନିବର-ଶାପ ଅବା କି କହିବ ତାକୁ ।
ହରିହର-ଚକ୍ର ସାହା ନତ୍ୟରେ ଯାହାକୁ । ସମସ୍ତେ ଭଜନ୍ତି ମୁକ୍ତେ
ଶ୍ରୀହରି-ଚରଣ । ନ ଭଜିଲେ ବନ୍ଧମାନ କରନ୍ତି ଗ୍ରହଣ । ପାଦ-ପଦ
ଅଗ୍ରେ ହର ହନ ଯେ ହରନ୍ତି । ସମସ୍ତ ଶୁଭ ତାହାଙ୍କୁ ଅଶ୍ରୟ କରନ୍ତି
ହରିର ଚରଣେ ଯାର ଚିତ୍ତ ପରକାଶି । କଳଙ୍କ ବିନାଶ କରେ
ଯେଣେ ପୂର୍ଣ୍ଣଶଶୀ । ତରୁବର ଗିରି ଆଦି ଯେତେକ ମେଘମାଳ ।
ତେତିଶ କୋଟି ଦେବତା ଦଶ ଦିଗପାଳ । ସ୍ୱର୍ଗପୁର-ସୁନ୍ଦରୀ କିନ୍ନରୀ
ନାଗବାଳୀ । ଗନ୍ଧର୍ବ ଯେତେ ନନ୍ଦନବନେ କରେ କେଳି । ଅଧ
ଊର୍ଦ୍ଧ୍ୱ ଭୁବନ ଯେ ସାଧକ ସକଳ । ଯେତେ ପତିବ୍ରତା ପୁଣି ନକ୍ଷତ୍ରମଣ୍ଡଳ ।
ସୁର ଅସୁର ହିଁ ନାଗ ଯକ୍ଷ ଯେ କିନ୍ନର । ଗ୍ରହଗଣ ଆଦି କରି ଇନ୍ଦ୍ର
ପ୍ରଭାକର । ଯେଉଁ ଯେଉଁ ଭୋଗମାନ କରନ୍ତି ବିପୁଳ । ପାଦ ପଦ୍ମ
ବିନା ସବୁ ଅଟଇ ବିଫଳ । ଅଭର୍ଯ୍ୟ ପାଦପଦ୍ମରେ ଯେ ଲଗାନ୍ତି ମଥା ।
ଭୋଗ ସ୍ଥାନମାନ ଅବା କି ବଳିବ କଥା । ୫୦ । ଯେଉଁ ପାଦପଦ୍ମ-
ଦ୍ୱୟ କରଇ କାରଣ । ନାହିଁ ସଂସାରେ ତା ପାଶେ ଜନ୍ମ ଯେ ମରଣ ।
ଯେଉଁ ପାଦ ପଦ୍ମ ଅଟେ ଧର୍ମ ତରୁ-ମୂଳ । ଧର୍ମ ଅର୍ଥ କାମ ମୋକ୍ଷ
ତହିଁ ଚାରିଫଳ । ସେ ପାଦପଦ୍ମକୁ ଯେଉଁ ହୁଅଇ ବିମୁଖ । ଦେଖାଇ
ଦେଇଣ ବିନ୍ଧି ଦିଅନ୍ତି ବହୁ ଦୁଃଖ । ପ୍ରୟାଗ ପୁଷ୍କର ଆଦି ପ୍ରଭାସ ଗୋମତୀ ।
ଗଙ୍ଗା ଯମୁନା ଆବର ନଦୀ ସରସ୍ୱତୀ । ଗୋମତୀ ଯେ ଗୋଦାବରୀ
ଗଣ୍ଡକୀ କାବେରୀ । ଗଙ୍ଗାସାଗର ସଙ୍ଗମ ତୀର୍ଥ ଆଦି କରି । ଅନ୍ୟ ପୁଣ୍ୟ-
ତୋୟା ଦିବ୍ୟ ବ୍ରହ୍ମ ବୈତରଣୀ । ଚନ୍ଦ୍ରଭାଗା ସିନ୍ଧୁ ବିନ୍ଦୁ ଦିବ୍ୟ
ପୁଷ୍କରିଣୀ । କ୍ଷୀରତୋୟା ସ୍ରୋତସ୍ୱତୀ କୃଷ୍ଣା ଯେ ତ୍ରିବେଣୀ । ଅଘ-
ବିନାଶିନୀ ନାମ ତୀର୍ଥ-ଶିରୋମଣି । ଚନ୍ଦ୍ରୋତ୍ପଳା ସରଯୂ ଯେ ଆବର
ରେବତୀ । ମହା ସମୁଦ୍ରାଦି କରି ପୁଣ୍ୟରେ ମଣ୍ଡନ୍ତି । କୋଟି କୋଟି
ତିନି କୋଟି ଲକ୍ଷ ତୀର୍ଥଜଳେ । ବ୍ରହ୍ମବିନ୍ଦ୍ରା ମଜ୍ଜାଇଣ ଅବଗାହ-
ନ୍ତି ଲୋକେ । ବିଧିମତେ ସ୍ନାନ ସର୍ବସ୍ଥାନରେ କରନ୍ତି । ଅବଶ୍ୟ ପଦ-

Digitized by PPRACHIN, SOA

ପାଦରେ ଶରଣ ଭଜନ୍ତି । ୭୦ । ଅଭୟ ପାଦପଦ୍ମେ ମୁଁ ପଶନ୍ତେ
ଶରଣ । ସମସ୍ତ ପାପାଉପାପ ହେଲା ବିମୋଚନ ॥ କୁରୁକ୍ଷେତ୍ରେ ସୂର୍ଯ୍ୟ
ଚନ୍ଦ୍ର ଗ୍ରହଣକାଳରେ । ଧର୍ମପୂର୍ବ ସ୍ନାନ କଲେ ସେ ପାଞ୍ଚନଦୀରେ ॥
ଯଡଯାଏ ବିପ୍ରବରେ ଯେବ ଦାନ ଦେଇ । ଅଭୟ ପାଦପଦ୍ମରେ ଶରଣ
ମାଗଇ ॥ ସ୍ୱଛନ୍ଦମନରେ ସେହୁ ଚରଣ ଭଜନ୍ତି । ଅଷ୍ଟାଙ୍ଗଯୋଗର
ଧ୍ୟାନ ସକଳ ସାଧିଲା ॥ ଅଯୋଧ୍ୟା ମଥୁରା ଗୋପ ଗୟା କାଶୀପୁରି ।
ଅବନ୍ତୀନଗର ଦ୍ୱାରାବତୀ କାଞ୍ଚିପୁର ॥ ସମସ୍ତ ମୁଖ୍ୟ କ୍ଷେତ୍ରରେ
କଲନ୍ତି ନିବାସ । ତେବେ ଶ୍ରୀହରି ଚରଣେ କଲା ପ୍ରତିଆଶ ॥ ଯାହା
ସେ ରଚନ୍ତି ଏ ଭାରତ ରାମାୟଣ । ନ୍ୟାୟ କର୍ମ ବିଧି ଅଷ୍ଟାଦଶ ଯେ
ପୁରାଣ ॥ ବେଦବଚନେ ପାଦରେ କରଣ ସ୍ତବନ । ମେଲାଣି
ହୋଇଲା ଶୁଣି ଶ୍ରୀମୁଖବଚନ ॥ ପ୍ରଣମନ୍ତି ବିଷ୍ଣୁପ୍ରସାଦେ ତହୁଁ ଦ୍ୱିଜବର ।
ମାୟାରେ ଅଙ୍କୁର ହେବେ ପ୍ରଭୁ ଦାମୋଦର ॥ ବିଷ୍ଣୁଙ୍କ ମାୟାରେ ଦ୍ୱିଜ
ବାନ୍ଧବ ଅସନ୍ତେ । ହୃଦୟରେ ବିଷ୍ଣୁନାମ ସ୍ମରଇ ନିରନ୍ତେ ।୭୦। ମୁଖେ
ହରି ହରି ବୋଲି କରଇ ଗମନ। ଯମୁନାକୂଳରେ ମିଳି କଲନ୍ତି ସ୍ନାନ ।
ନିତ୍ୟ-ଧର୍ମ-ସ୍ତବ ସ୍ତୋତ୍ର କଲସାଟେ ପଢ଼ି । ଅବତ୍ୟ ଦେବତା-ଅର୍ଘ୍ୟ
ମୁଦ୍ରାମାନ କରି ॥ ଅଙ୍ଗ ଶୁଦ୍ଧି ଭୂତଶୁଦ୍ଧି କରନ୍ୟାସ କଲା । ସାବିତ୍ରୀ-
ମଣ୍ଡଳ କରି ଗାୟତ୍ରୀ ଜପିଲା ॥ ଯାଉଅନ୍ତେ ପଥରେ ଦେଖନ୍ତି ଅତିଥି
ଦେଖଇ । ଗୌରବ କରଣ ତାକୁ ପାଶକୁ ଡାକଇ ॥ ଦ୍ୱିଜର
ବଚନେ ସେହୁ ଅତିଥି ଆଇଲେ । ମଧୁର ବଚନ କହି ତୋଷେ
ତାକୁ ଭଲେ ॥ ସ୍ନାନ କରାଇ ତାଙ୍କୁ ଭୋଜନେ ତୋଷନ୍ତି । ମାତାହିଁ
ପୁତ୍ରକୁ ଯେସନେ ଭୋଜନ କରାନ୍ତି ॥ ସନ୍ତୋଷେ ଅତିଥି ହୃଦେ ତାକୁ
ଦୟା କରି । ବୋଲଇ ପରମାତ୍ମାକୁ ଚିତ୍ତ ଭଜ କରି ॥ କଲ୍ୟାଣ ବାଞ୍ଛା
କରଣ ତହୁଁ ଚଲିଯାଇ । ଏମନ୍ତେ ସେ ଦ୍ୱିଜବର ଭୋଜନେ ତୋଷଇ ॥
ବ୍ୟାସଦେବ ଦୟା ବହି ଅଗସ୍ତିଙ୍କି କହି । ନାରଦ ପୁରାଣ ବ୍ରହ୍ମ-ଭାବ-
ମାନ ନେଇ । ବଳରାମ ଦାସ କଲେ ପ୍ରାକୃତେ ଲେଖନ । ଶ୍ରୀହରିଙ୍କି

Digitized by PPRACHIN, SOA

ଚରଣରେ ନତେ୍ୟ କର ଧ୍ୟାନ । ୮୦ । ଭବ-କୂପ ଉଦ୍ଧାରଣେ ନାମ ଅଟେ ତଥି । ନାମ-ନାବେ ବସିକର କୃଅ ସବେ ପାର ।

ଇତି ଶ୍ରୀ ନାରଦ ପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଦଶମୋଽଧ୍ୟାୟଃ ।

—•:*○*:•—

୧୧ଶ ଅଧ୍ୟାୟ ।

ନାରାୟଣ ପଣ୍ଡାଙ୍କର କୃଷ୍ଣ ପଣ୍ଡାର ଜ୍ୟେଷ୍ଠ ବଧୂର ଗର୍ଭସ୍ଥ ସନ୍ତାନକୁ ଅନ୍ନଦାନର ଫଳ ପ୍ରଶ୍ନ ।

ଅଗସ୍ତିରୁବାଚ ।

ବ୍ୟାସଙ୍କ ମୁଖରୁ ଶୁଣି ଅଗସ୍ତି ପୁଚ୍ଛିଲେ । ଏଥିଅନ୍ତେ ଦ୍ୱିଜବର କେଉଁ କୃତ୍ୟ କଲେ ॥ ବିସ୍ତାର କରଣ ମୋତେ କହ ମୁନିବର । ତବ ମୁଖରୁ ଶୁଣିଲେ ଚିତ୍ତ ହେବ ସ୍ଥିର ॥

ବ୍ୟାସଦେବ ଉବାଚ ।

ବ୍ୟାସଦେବ ବୋଲନ୍ତି ଯେ ଅଗସ୍ତିଙ୍କି ଶୁଣ । ଭୋଜନ ସାରଣ ଦ୍ୱିଜ ମନେ ବିଚାରଇ ॥ ଧନ୍ୟ କୃଷ୍ଣପଣ୍ଡା ମୋତେ ଯାହା ଥିଲେ କହି । ବିଷ୍ଣୁ-ଉପଦେଶ ବାକ୍ୟ କହିବ ବୁଝାଇ ॥ ଅଜନ୍ଦନ ରହିବି ମୁଁ ତାହାର ମନ୍ଦିର । ନଦୀ ପାର ହୋଇଲେ ଯେ ପୁଷ୍କରଣୀ ତୀର ॥ ଏହା ଭାବି ଦ୍ୱିଜବର ହୋଇଲେ ବାହାର । ବଟମୂଳେ କୃଷ୍ଣପଣ୍ଡା ବସିଛି ଆବର ॥ ପଥ ଶୁଣି ବସିଥିଲା ଦ୍ୱିଜର ଉଦ୍ଦେଶେ । ଏମନ୍ତ ସମୟେ ସେହୁ ମିଳିଲାକ ପାଶେ ॥ ମାନ୍ୟ ଧର୍ମେ କୋଳାଗ୍ରତ କର ନମସ୍କାର । ଆସନେ ବସାଇ ତାଙ୍କୁ ବଚନ ପଚାର ॥ କି କହିଲେ ବିଷ୍ଣୁ ମୋତେ କହସି ତଦନ୍ତ । ଦିବ୍ୟ ନୟନରେ ଦେଖି ଅଛ କି ଚରିତ୍ର ॥ ଏହା କହି ଦ୍ୱିଜବର ଚରଣେ ଲୋଟିଲେ । ପାଦର ଧୂଳି ନେଇଣ ଶିରେ ଲଗାଇଲେ । ୧୦ । ବୋଇଲେ ହେ ଦ୍ୱିଜବର କର ଅବଧାନ । ମୋର ବିଦୋଷ କି କହିଲେ ଦେବ ନାରାୟଣ ।

Digitized by PPRACHIN, SOA

କହ ମୋର ଦୁଃଖ-ଭାର କର ହେ ମୋଚନ । ନ କହିଲେ ନ ଛାଡ଼ିବ ତୁମ୍ଭର ଚରଣ ॥ ଏମନ୍ତେଣ ଦ୍ୱିଜବର ପ୍ରଭୁ ଉପଦେଶ । କହଇ ଦ୍ୱିଜ ହେ ଶୁଣ କରିବା ପ୍ରକାଶ ॥ ହୋର ଦୁଃଖମାନ ପ୍ରଭୁ ଆଗରେ ଜଣାଇଁ । ସ୍ତୁତି ଅରମ୍ଭିଣ ବିନୟରେ କହିଲଇଁ ॥ ବୋଇଲେ ଅନାଦ୍ୟନାଥ ତାହାଁର ଉତ୍ତର । ବେଦ କନ୍ୟା ରଜସ୍ୱଳା ଅଛନ୍ତି ତୋ ଘର ॥ ରଜୋବତୀ କନ୍ୟା ଯେତୁ ଗୃହରେ ରଖନ୍ତି ॥ ଜାଣ ସେମାନେ ଅଟନ୍ତି ଅତିବ ପାତକୀ ॥ ଅଶୁଦ୍ଧ ବୋଲାଏ ଗୃହ ଯାଗ କର୍ମ ନୁହେ । ପୋଖରୀର ଜଳ ରକ୍ତ ଏହି ଦୋଷେ ହୁଏ । ସେହି ବେଦ କନ୍ୟା ତୁହି କରିଲେ ପ୍ରଦାନ । ପୋଖରୀର ଜଳ ରକ୍ତ ନ ହୋଇବ ଜାଣ । ଏମନ୍ତ ଶୁଣିଣ ଦ୍ୱିଜ ହରଷ ଲଭିଣ । ନାରାୟଣ ପଣ୍ଡାଙ୍କୁ ସେ କଲେକ ବରଣ ଅନେକ ଦେଶରୁ ନୃତ୍ୟକାର ଅଣାଇଲେ । ଉତ୍ସବ କଲେକ ଯେସନ୍ତ ମଙ୍ଗଳ ବେଦିରେ । ୬୦ । ଅନେକ ପ୍ରକାରେ ବାଜେ ବାଦ୍ୟ ତୂରୀ ଭେରୀ । ଆନନ୍ଦ ଉତ୍ସବେ ବାଜେ ମଙ୍ଗଳ ମହୁରୀ ॥ ବେଦୀରେ ବସାଇ ବିଭା କଲେ କନ୍ୟାବର । ଯୁବତୀସମୂହେ କରୁ ମଙ୍ଗଳ ବେଭାର ॥ ତହୁଁ ଦ୍ୱିଜବର ବେଦ କନ୍ୟା ଦାନ ଦେଇ । ସର୍ବୋବର ରକ୍ତବର୍ଣ୍ଣ ପାଲଟେ କଗଇ ॥ ଜନ-ଅପଶ୍ୟାତ ହୁଦେ କରୁଣ କଗୃଇ । ଅନେକ ଯୌତୁକ ଦେଲେ କରୁଣ ସମ୍ଭାର ॥ ରଥ ଗଜେ ବସାଇଣ ତନ୍ହୁଁ କନ୍ୟାବର । ଶଙ୍ଖ ହୁଳହୁଳି ନାଦେ ମନ୍ଦିରୁ ବାହାର ॥ ଏମନ୍ତ ସମୟେ ନାରାୟଣ ଦ୍ୱିଜ କହି । ଅମ୍ଭ କଥା ଶୁଣ ତୁମ୍ଭେ ସୁବେଦୀ ଗୋସାଇଁ ॥ ତୁମ୍ଭ ଜ୍ୟେଷ୍ଠ ପୁତ୍ର ଶ୍ୟାମ-ପତ୍ନୀ ଗର୍ଭବାସ । ତାହାର ଗର୍ଭରେ ଅଛି ଏକଇ ପୁରୁଷ ॥ ପ୍ରସବ ସମୟ ଜାଣି ମୋତେ ଜଣାଇବ । ସେବେଳେ କହିବି ମୁହିଁ ମୋର ମନୋଭାବ ॥ ଏହା କହି ଦ୍ୱିଜବର ବେଗେ ଚଳିଗଲା । କନ୍ୟାଦ୍ୱୟ ଘେନି ଘୋର ବନରେ ପଶିଲା ॥ ଯେବଣଠାବରେ ଅଣ୍ଣ ଥିଲା ଭାଗ୍ୟ ହୋଇ । ସେହି ସ୍ଥାନରେ ମିଳନ୍ତେ ସୁବେଦୀ ଗୋସାଇଁ ॥

Digitized by PPRACHIN, SOA

ବଶିଷ୍ଠଙ୍କର ଉପଦେଶ ଅଶ୍ୱକୁ କହନ୍ତି । ଶୁଣ ଉଚ୍ଚୈଃଶ୍ରବା ତୁହି ଆମ୍ଭର ଜନକ । ଛୋଡ଼ ଦୁଃଖ ବଶିଷ୍ଠ ଆଗେ ଯାଇଣ କହନ୍ତେ । ତାହାଙ୍କର ପ୍ରତ ଉତ୍ତର ପ୍ରଭୁ ଦେଲେ ମୋତେ । ଶୁଣ ଅହେ ଦ୍ୱିଜ-ବର ଆମ୍ଭର ବଚନ । ଅଶ୍ୱ ଚୃଷପାଦେ ଅଛି ଗୋପମାସ୍ୟ ଧନ । ତୁ ଯାହାକୁ ବୋଲବୁ ସେ ଧନ ନେଇ ଗଲେ । ସୁଖେ ବିହାର କରବୁ ଏ କ୍ଷିତି ଶସ୍ୟରେ । ଏମନ୍ତ ଶୁଣିଣ ଅଶ୍ୱ ବୋଲଇ ଉତ୍ତର । ତୁମ୍ଭଙ୍କୁ ଜାହାଲ ଧନ ନିଅ ଦ୍ୱିଜବର । ଆଜ୍ଞା ପାଇ ଦ୍ୱିଜବର ପାହୁଁ ଧନ ନେଇ । ବାହାର କରନ୍ତେ ଦ୍ରବ୍ୟ ଅଶ୍ୱ ଚଳିଯାଇ । ଦେଢ଼ା ଚୂର ବୁଲି ଦ୍ୱିଜ ପାଶକୁ ଆସଇ । ମୋର ପୃଷ୍ଠେ ଦେଇ ବସ୍ତ୍ର ଗୃହେ ନିଅ ତୁହି । ଅଶ୍ୱ-ବାଣୀ ଶୁଣିଣ ସେ ହରଷେ ବ୍ରାହ୍ମଣ । ଅଶ୍ୱେ ଭାର ଲଦ ଗଲେ ସେ ଘୋର କାନନ । ଯାଅନ୍ତେ ପଥରେ ଚମ୍ପାବୃକ୍ଷକୁ ଦେଖିଲେ । ପ୍ରଭୁ-ଉପଦେଶ-ବାକ୍ୟ ପ୍ରକାଶି କହିଲେ । ଶୁଣ ବୃକ୍ଷରାଜ ଆଜ୍ଞା ଦ୍ୱିଜକୁ ସେ ଦିଏ । ରହି ଯେନ ଦ୍ୱିଜବର ମିଳଲେ ଗୃହେ ।୪୦।

ଦେଖିଣ ବ୍ରାହ୍ମଣ-ପତ୍ନୀ ହୋଇଲା ଚକିତ । ବେନ କନ୍ୟା ସଙ୍ଗେ ଯେନ ତା ପତି ଅଗତ । ମନେ ବିଚାରଣ ଘରୁ ଅଣେ ଅର୍ଘ୍ୟସ୍ଥାଳୀ । ବନ୍ଦାଣ ବିଧାନ କରି ବନ୍ଦାଇଲା ବାଳୀ । ବର କନ୍ୟାଙ୍କୁ ନେଇଣ ମନ୍ଦିରକୁ ନେଲା । ଶଯ୍ୟା ପାଡ଼ିଣ ତାହାଙ୍କୁ ସୁଅ ଖେଳାଇଲା । ଅନ-ନ୍ଦରେ ମନ୍ଦିରେ ରହିଲେ କନ୍ୟା ବର । ବ୍ୟାସମହର୍ଷି କହିଲେ ଅଗସ୍ତି ଆଗର । ଅଗସ୍ତି ବୋଲନ୍ତି ଚାହିଁ ବ୍ୟାସଙ୍କ ବଦନ । ଏଥୁଅନ୍ତରେ ଚରିତ କହ ତପୋଧନ । କି ପ୍ରକାରେ ଅନ୍ନଦାନ ବିଧାନ ସେ ପାଇ । ଅଗସ୍ତି ଋଷିଙ୍କୁ ବ୍ୟାସ କହନ୍ତି ବୁଝାଇ । ଧନବନ୍ତ କୃଷ୍ଣପଣ୍ଡା-ବଧୂ ଗର୍ଭବାସ । ଗର୍ଭ-କଷ୍ଟ ବେଳ ଜାଣି ଦେଲେକ ସନ୍ଦେଶ । ଦୂତ ଆସି ନାରାୟଣ ପଣ୍ଡାଙ୍କୁ କହନ୍ତି । ଗର୍ଭ ପ୍ରସବର କାଳ ଦୁଃଖେ ନାଶୀ ଅଛି । ଶୁଣିଣ ସେ ଦ୍ୱିଜବର ଖରତର ହୋଇ । ଉଦ-ବେଗେ ନିଲା ସେ ଗର୍ଭସ୍ଥାନେ ଯାଇ । ଗର୍ଭକୁ ଚାହିଁଣ ଦ୍ୱିଜ ସ୍ତୁତି

Digitized by PPRACHIN, SOA

ଆରମ୍ଭିଲେ । ଭୂତ ପ୍ରେତ କବା ଅନ୍ୟ ଅଛ ହୋ ଗର୍ଭରେ । ୫୦ ।
କବା ନାରାୟଣ ଗର୍ଭେ ଅଛ ବ୍ରହ୍ମେ କହ । ମୋର ନିବେଦନ ତୁମ୍ଭେ
କହ ହେ ବିସ୍ତାର ॥ ଅନ୍ନଦାନ ଫଳ ମୋତେ କହ ଗର୍ଭସ୍ଥ ।
ତବଟାରୁ ଶୁଣିଲେ ମୁଁ ହୋଇବି ପବିତ୍ର ॥ ଗର୍ଭେ ଥାଇଣ କୁମର
ଦ୍ୱିଜଙ୍କୁ କହନ୍ତି । ଏକମନେ ଶୁଣ ହର ଯାହା କହୁଛନ୍ତି ॥ ତାଙ୍କ ଆଜ୍ଞା
ବେଦନ ମୋତେ ପୁଚ୍ଛିଲୁ ବିଧାନ । ତୋ ଆଗେ ଫେଡ଼ି କହିବା ଅନ୍ନ-
ଦାନ ପୁଣ୍ୟ ॥ ଅଦ୍ୟସର ଛାଡ଼ ଶେଷ ଅକ୍ଷରେ ରହସ୍ୟ । ଯୋଗ-
ବଳେ ନାମ ଗୋଟି ପୂର୍ବ ଫଳେ ଅଣ ॥ ଭୋଗ କରୁ କର୍ମମାନ ପୁଣ୍ୟ
ହେଲା ଉଦେ । ଭୋଗାଭୋଗ କର୍ମଣିରେ ସହିଁ ଅସହେ ୯ ମାୟା-
ମୋହ ସଂସାରରେ ପ୍ରାଣୀ ମନ ମୋହେ । ଅଜ୍ଞକର୍ମେ ବିପଦ ହେଲେ
ଶରୀରକୁ ଦହେ ॥ ଦେଖିଲେ ପୁଣ୍ୟବର୍ଣ୍ଣରେ ତରିଗଲୁ ଅଣ୍ଣ ।
ଘୋରତମେ ବିନ୍ଧି ଅଣ୍ଡ ଛଡ଼ାଇ ବିଶ୍ୱାସ ॥ ପୁଣ୍ୟ କର ତପୋବଳେ
ଲଭିଲୁକ ସ୍ୱର୍ଗ । ଧର୍ମ ଅର୍ଥ କାମ ମୋକ୍ଷ ଲଭି ଚଉବର୍ଗ । ପଞ୍ଚଜଣ
ମଧ୍ୟେ ଧୃତ ଶ୍ରେଷ୍ଠ ତୋର ଜ୍ଞାନୀ । ଏତେବଡ଼ ହୋଇ ନନ୍ଦଶୁଙ୍କ
ବାକ୍ୟ ମାନି । ୬୦ । ଅନେକ ବିପତ୍ତି ସହି ସେବନ୍ତେକ ସେବା ।
ବନ୍ଧୁଜୀବ ଅଧିପତି ଅଟନ୍ତି ମହୀବା ॥ ଏତେବଡ଼ ହୋଇ ତାଙ୍କ
ନାହିଁ ପୁଣ୍ୟ ଲେଶ । ସଦାକାଳେ ଧର୍ମ ଥାଇ ଧାନେ ପୀତବାସ ॥
ସୋମରାଜା ଋଷିବର ନିତ୍ୟେ ନାମ ଭଜନ୍ତି । ସକଳେ ପଢ଼ନ୍ତି ନେମେ
ପ୍ରଭାକର ତେନ୍ତି ॥ ନିତ୍ୟ ତପ କରନ୍ତେଣେ ଦେବ ଦେବୀ ପୂଜେ ।
ତମୋଗୁଣ ନ ଛାଡ଼ଇ ଗୁଣିଗଣ ମଧ୍ୟେ ॥ ସତ୍ୟ ଶାନ୍ତି ଦୟା କ୍ଷମା
କରଇ ସୌରାଷ୍ଟ୍ର । ଜାଣନ୍ତି ନୃଷ୍ଣକୁ ସେହୁ କରାଇଣ ଗୋଷ୍ଠ ॥ ସ୍ୱର୍ଗର
ନିବାସିଗଣ ଅନ୍ଧ ଅପସରା । ଅମୃତପାନ ପାଇଣ ସଜାଡ଼ି ପସରା ॥
ଅନ୍ତ୍ର ନ ପାଇଣ ସର୍ବେ ପୂଜ ଦେବରାଜ । ପୂର୍ବ କର୍ମେ ଉଦ୍ଧାର
ଲଭିଲୁ ଜଳେ ଗଜ ॥ ଶୁଣ ଦ୍ୱିଜବର ତୁହି ହେଲୁ କର ମନ । ଅନ୍ନଦାନ
ଦେଇଣ ଲଭିଲେ ଧ୍ରୁବ ସ୍ଥାନ ॥ ଚତୁର୍ଦ୍ଦଶ ଅକ୍ଷରେ ବୁଝିବ ହେତୁ

Digitized by PPRACHIN, SOA

କହ । ଅନ୍ନଦାନ ଦେଇଣ ସେ ଗଲେ ନିଜପୁରୀ । ଏଥିରୁ ଆନ ନାହିଁ ସେ ଝିଭର ଭିତରେ । ଯାହା ମୁଁ କହିଲିଁ ତୋତେ ସ୍ୱରୂପ ବେଭାରେ । ଶୁଣିଣ ଦ୍ୱିଜବରର ହୃଷ୍ଟ ହେଲା ମନ । ଅନ୍ନଦାନ ଦେବାରେ ଯେ କରଇ ଖଣ୍ଡନ । ଏହା ପୃଚ୍ଛା କରିବି ମୁଁ ଗର୍ଭ-କୁମାରକୁ । ଖଣ୍ଡନେ କି ଦୋଷ ଅଛି କହିବ ଆମ୍ଭଙ୍କୁ । ଏମନ୍ତେଣ ଦ୍ୱିଜବର ଗର୍ଭକୁ ଚାହିଁଣ । ବୋଲଇ ଅବର କଥା ମନ ଦେଇ ଶୁଣ । ଅନ୍ନ ଛତ୍ର ଦେବାରେ ଯେ ଖଣ୍ଡନ କରଇ । ବାଧା ଦିଅନ୍ତେ ତାହାର କି ଫଳ ହୁଅଇ । ଏଥିର ଚରିତ ମୋତେ କହ ଗର୍ଭେ ଥାଇ । ତବ ମୁଖରୁ ଶୁଣିଲେ ଜ୍ଞାନ ପାଇବଇଁ । ଗର୍ଭରେ ଥାଇ କୁମର ବୋଲଇ ବଚନ । ହେ ଦ୍ୱିଜ ମୁଁ ନ ଜାଣିଇଁ ଏଥିର ବିଧାନ । ଯା ଜାଣଇଁ ତାହା ତୋତେ କହୁଛି ବୁଝାଇ । ଛଗଳ ଚରନ୍ତି ମିଳ ଗ୍ରାମ ଦକ୍ଷିଣେହିଁ । ଏକ ଛଗଳ ଗର୍ଭର ଦୁଃଖ ପାଉଅଛି । ଦ୍ୱିଜବର ତୁହି ଯାଅ ତା ପାଶେ ତତ୍କ୍ଷ । ତାହାର ଗର୍ଭରେ ଯେଉଁ ପୁରୁଷେକ ଥିବ । ଅନ୍ନଦାନ ଖଣ୍ଡନର ଫଳ ସେ କହିବ । ଏହା କହିଣ କୁମର ଜନମ ଲଭଇ । ବ୍ୟାସଦେବ ଅଗସ୍ତିଙ୍କୁ କହନ୍ତି ବୁଝାଇ । ୮୦ । ବଳରାମ ଦାଶ କଲେ ଶ୍ରାଦ୍ଧତେ ଲେଖନ । ନିତ୍ୟ ନୈମିତ୍ତିକେ ସେବି ଶ୍ରୀମଧୁସୂଦନ । ୮୧ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ
ଏକାଦଶୋଽଧ୍ୟାୟଃ ।

—:*:—

୧୨ଶ ଅଧ୍ୟାୟ ।

ଅନ୍ନଦାନର ବାଧା ଦେବାର ଫଳ ଏବଂ ରାମଚନ୍ଦ୍ର ସୀତାଙ୍କର ବିଚ୍ଛେଦ ବିବରଣ ।

ଅଗସ୍ତି ଉବାଚ ।

ଅଗସ୍ତି ବୋଲନ୍ତି ବ୍ୟାସ-ବଦନକୁ ଚାହିଁ । ଅନ୍ନଦାନ ଖଣ୍ଡନର ଫଳ କହ ଫେଇ । ନାରଦପୁରାଣ ଗ୍ରନ୍ଥ ଶୁଣିବଇଁ ମୁହିଁ । ମୋହର ଦସ୍ୱିନ ଯୋଗ କହ ମହାମୁନି ॥

Digitized by PPRACHIN, SOA

ବ୍ୟାସଦେବ ଉବାଚ ।

ବ୍ୟାସ ମହର୍ଷି ବୋଲନ୍ତି ଶୁଣ ହେ ଅଗସ୍ତି । ଅନ୍ନଦାନ ଖଣ୍ଡନର ଯେଉଁ ଫଳଶ୍ରୁତି । ଏମନ୍ତେ ସେ ଦ୍ୱିଜବର ବେଗେ ଚଳିଗଲା । ଛାଗଳ ପାଶରେ ଯାଇ ପ୍ରବେଶ ହୋଇଲା । ଉଦର ବସଇ ଛାଗୀ ପାଉଥାଇ ଦୁଃଖ । ଦ୍ୱିଜବର ଯାଇଣ ତା ପାଖରେ ପ୍ରବେଶ । ଗର୍ଭକୁ ଚାହିଁଣ ଦ୍ୱିଜ ବୋଲଇ ବଚନ । ଏ ଗର୍ଭେ କେ ଅଛୁ ବାବୁ ଦୁର୍ଗନ୍ଧ-ରତନ । ମୋହ-ମନରେ ସନ୍ଦେହ ଅଛଇ ଅବର । କଥାଏ ପୁଛିବି ମୋତେ କହ ସମାଚାର । ଅନ୍ନଦାନ ଦେଉଁ ଯେହୁ ଖଣ୍ଡନ କରଇ । ତାହାର କି ଫଳ ହୁଏ ମୋତେ କହ ପେଇ । ଏଥିର ବିଧାନ ତୁମ୍ଭେ କହ ମୋ ଅଗର । ତବ ମୁଖରୁ ଶୁଣିଲେ ଚିତ୍ତ ହେବ ସ୍ଥିର । ଦ୍ୱିଜ-ବଚନେ ଗର୍ଭର କୁମର ବୋଲଇ । ଏକମନେ ଦ୍ୱିଜବରୁ ଶୁଣ ସ୍ଥିର ହୋଇ । ୧୦ । କୋଶଳଦେଶନବାସୀ ବଡ଼େଙ୍କା ନୃପତି । ବୀରଭାନୁ ବୋଲି ମୁହିଁ ତାହାର ସନ୍ତତି । ଗାନ୍ଧନ୍ୟା ବୋଲିଣ ମୋର-ମାତାଙ୍କର ନାମ । ମୁହିଁ ବୀରଭାନୁ ଜାତ ତାଙ୍କ ଉଦରେଣ । ପିତା ମୋର ଅନ୍ନଦାନ ନିତ୍ୟ ଦେଉଥାଇ । ଯେ ଯାହା ମାଗଇ ତାହା ଦିଏ ନୃପସାଇଁ । ନ ଦେଖିଲି ଚିତ୍ତେ ତାର ପୁଣ୍ୟର ଲକ୍ଷଣ । ନବନ୍ଧେ ଭଣ୍ଡାରମାନ କଲି ନିରୋଧନ । ଯେତେ ଅବା ଅସନ୍ତ୍ର ଅତିଥି ସଜ୍ଜନ । ସାଧୁଶୀଳ ବିକ୍ଷବର ଭିକ୍ଷୁକ ବ୍ରାହ୍ମଣ । ଆମ୍ଭ ଦ୍ୱାରୁଁ ନିରାଶରେ ବାହୁଡ଼ ଯାଆନ୍ତି । ସେ ଜୀହାର ମନେ ମନେ ଭର୍ତ୍ସନା କରନ୍ତି । ଏହିରୂପେ ଭଣ୍ଡାର ନିରୋଧ କଷ୍ଟିଦନ । ଶେଷକାଳ ହୋଇବାରୁ ତେଜିଲି ଜୀବନ । ଯମଦୂତେ ଆସି ମୋତେ ବାନ୍ଧି ନେଇଗଲେ । ଯମରାଜା ଆଗେ ନେଇ ଉଭା କରାଇଲେ । ବୁଝିଲେ ସେ ପାପମାନ ଅପାରୁଁ ଅପାର । ଅନ୍ନଦାନ ଖଣ୍ଡିଅଛୁ ନୃପତି-କୁମର । ଏହା ପିତା ଅନ୍ନଦାନ ନିତ୍ୟ ଦେଉଥିଲା । ବୀରଭାନୁ ପୁଣି ସେ ଭଣ୍ଡାର ନିରୋଧିଲା । ୨୦ । ଏହା ବୁଝି ଚିତ୍ର ଗୁପ୍ତ ଯମ ଆଗେ କହି । ଏହାର ଯେ ପାପମାନ କଳନା ନ ଯାଇ । ନ୍ୟାୟଶାସ୍ତ୍ରେ ଲେଖା ଅଛି

Digitized by PPRACHIN, SOA

ଏଥିର ବିଧାନ । ପଞ୍ଚପତ୍ରିବାର ଜଳ କ୍ଷୀରର ଗର୍ଭେଣ । ନ କରିବେ
ଦନ୍ତ କେହି କରିବେ ଛେଦନ । ଦୁର୍ଗାପାଶେ ବଳି ଦେଇ କରିବେ
ଭୋଜନ । ଅନ୍ନଦାନର ଶ୍ରବଣ କରୁଥିଲା ମୂର୍ଖ । ସେ ଦୋଷେ
ଛାଗଳଗର୍ଭେ ଜନ୍ମ ଲଭିଲା । ଏହା କହି ଗର୍ଭେ ପୁଣ ଜନମ
ଲଭିଲା । ଶୁଣି ଦ୍ୱିଜବର ନିଜମନ୍ଦିରେ ମିଳିଲା । ନିଜ-ପତ୍ନୀ ଗର୍ଭେ
ତାହାଙ୍କୁ ପୃଚ୍ଛା କରି । ଅନ୍ନଦାନ ଫଳ ଦ୍ୱିଜ କହିଲେ ବିସ୍ତାରି । ଶୁଣିଣ
ଭାବିନୀ ତାର ଲଭିଲା ସନ୍ତୋଷ । ବ୍ୟାସଦେବ ଅଗସ୍ତିଙ୍କୁ କହି ଏହି
ଛନ୍ଦ । ଅଗସ୍ତି ବୋଲନ୍ତି ବ୍ୟାସଦେବ ମୁଖ ଗୃହି । ଆଉର କଥାଏ
ମୋତେ କହ ତପପାଇଁ । ବ୍ୟାସ ମହର୍ଷି କହନ୍ତି ଅଗସ୍ତି ଆଗର ।
ଧରଣୀ ସାଗର ବିଧିବିଧାନ ବେଭାର । ଗୋଦାବରୀକୂଳ ଅଟେ
ରମଣୀୟ ସ୍ଥାନ । ଉଦୁମ୍ବର ବୃକ୍ଷରାଜ ତହିଁ ଉତପନ୍ନ । ୩୦ । ଦିବ୍ୟ
ନାରାୟଣ ବୃକ୍ଷ ମୂଳରେ ଥାଆନ୍ତି । ନ୍ୟାୟଶାସ୍ତ୍ର କଥାମାନ ଶ୍ରବଣ
କରନ୍ତି । ବିଶ୍ୱାମିତ୍ର ପରାଶର ଯେ ଯଦୁରାଜନ । ଏକ ଏକ କାରଣ ସେ
କହନ୍ତି ବିଧାନ । ଯଦୁରାଜା ପୃଚ୍ଛା କଲେ ମୁନିଙ୍କୁ ଯେ ରହି । ଦଶରଥ
ବେନି ପୁତ୍ର ବନବାସେ ଯାଇ । ପଞ୍ଚବଟୀ ଅରଣ୍ୟରେ ସୀତା
ହରାଇଲେ । କାହା ଅଭିଶାପେ ପତ୍ନୀ ବିଚ୍ଛେଦ ପାଇଲେ । ଏଥିର
ତତ୍ତ୍ୱ ମୋତେ କହ ବିଶ୍ୱାମିତ୍ର । ଅପୂର୍ବ ବିଧାନ ଶୁଣି ହୋଇବି
ପବିତ୍ର । ବିଶ୍ୱାମିତ୍ର କହନ୍ତି ଯଦୁରାଜାଙ୍କ ଅଗ୍ରତେ । ଯାହା ପୃଚ୍ଛା କଲ
ତାହା ଶୁଣ ଏକଚିତ୍ତେ । ସ୍ୱୟଂ ଦେବ ନାରାୟଣ ଶ୍ରୀରାମ ଲକ୍ଷ୍ମଣ ।
ଭାର ନିବାରଣପାଇଁ ତାଙ୍କର ଜନମ । ମହିଷାସୁର ଦଇତ୍ୟ ଘୋର
ଯୁଦ୍ଧ କଲା । ଶତେବାର ଜିଣି ଶେଷେ ପରାଜିତ ହେଲା । ଜାଣିଲା
ସେ ଅମ୍ବମାତା କୌଶଳ ହୃଦରେ । ରମ୍ଭାବୃକ୍ଷେ ଲୁଚିଲା ସେ
ତାହାଙ୍କ ଭୟରେ । ଦେଖି ଅମ୍ବମାତା ତହିଁ ବେଗେ ଚଳିଗଲେ ।
ଶରଣ ବୃକ୍ଷର ପାଶେ ପ୍ରବେଶ ହୋଇଲେ । ୪୦ । ଖଡ୍ଗ ଉଞ୍ଚାଇବା
ମାତ୍ର ଦଇତ୍ୟ ପାମର । ତହିଁ ପଳାଇ ପଶିଲା କୁଷ୍ମାଣ୍ଡ ଭିତର ।

Digitized by PPRACHIN, SOA

ଶିର ଧରୁ ମାତା ତାକୁ କାଟିବା ମାଏକ । ସୁବର୍ଣ୍ଣ ଫଳ ମଧ୍ୟରୁ ଜାତ
ପୁରୁଷେକ । ମାତା-ମୃଣ୍ଡ ଗୃହିଁଣ ସେ ବୋଲଇ ବଚନ । ଅକାରଣେ
ମୋର ମୁଣ୍ଡ କାଲ ଗୋ ଛେଦନ । ସ୍ୱୟଂ ଅର୍ଦ୍ଧମାତା ତୁମ୍ଭେ ଜଗତର
କର୍ତ୍ତା । ଗୁରୁଶୀଳା ହୋଇ ହେଲ ଏମନ୍ତ ଅକଥା । ଶରଣରକ୍ଷଣ ଜନ
ପଞ୍ଚ ଅଧିକାରୀ । ଯୁଗେ ଯୁଗେ ଶରଣ ଯେ ନୋହିବେ କାହାର ।
ସ୍ୱୟଂ ଯୋଗରୂପା ହୋଇ ଏସନକ କଲେ । ମାନବ ହୋଇ ଶରଣେ
ରକ୍ଷିବ କେ ଭଲେ । ବିନା ଦୋଷେ ମୋତେ ତୁମ୍ଭେ କାଲ ଗୋ
ଛେଦନ । ମୋର ଅଭିଶାପ ତୁମ୍ଭେ ଅର୍ଦ୍ଧମାତା ଘେନ । ତ୍ରେତାରେ
ହୋଇବ ଦଶରଥର କୁମର । କେକୟୀଠାରୁ ତୁମ୍ଭେ ହେବ ବେନି
ସହୋଦର । ପିତାସତ୍ୟ ପାଳିବାକୁ ବନବାସେ ଯିବ । ପଞ୍ଚବଟୀ
ବନେ ତୁମ୍ଭେ ସୀତା ହରାଇବ । ସଖାହୀନ ହୋଇଣ ବୁଲିବ ବେନି
ଭାଇ । ସେତୁବନ୍ଧ ବାନ୍ଧିଯାଇ ସୁବଳଯୁକ୍ତ ପାଇ । ୫୦ । ସେଠାରେ
କରିବ ବାସ ଶ୍ରୀରାମ ଲକ୍ଷ୍ମଣ । ଜାଣି ଯୁଦ୍ଧ ଆରମ୍ଭିବ ଲଙ୍କା ନୃପରାଣ ।
ମାୟାରାମ ଶିରଚ୍ଛେଦ ସୀତାକୁ ଦେଖାଇ । ମାୟାସୀତା ହାଣିଦେବ
ତୁମ୍ଭ ପାଶେ ନେଇ । ଘେନ ଅଭିଶାପ ମୋର ତୁମ୍ଭେ ଅର୍ଦ୍ଧମାତଃ ।
ବିନା ଅପରାଧେ କାଲ ବ୍ରହ୍ମଜନ ହତ । ଯେପରି ଶିର ମୋହର
କରରେ ଧଇଲ । ତୁମ୍ଭ-ଶିର ମାୟାରେ ଧରିବ ଦଶଶିର । ଏହା
କହିଣ ପୁରୁଷ ଶୂନ୍ୟେ ବିଜେ କଲା । ଯଗିତ୍ୟରେ ବିଶ୍ରାମ କରି ସ୍ୱସ୍ଥାନେ
ବସିଲା । ବିଶ୍ୱାମିତ୍ର କହିଲେ ଯେ ଯମଙ୍କ ଆଗର । ସତ୍ୟଯୁଗ ଅନ୍ତେ
ହେଲା ରାମ ଅବତାର । ସେହି ଶାପେ ରାମଚନ୍ଦ୍ର ସହିଲେ ବିଚ୍ଛେଦ ।
ବ୍ୟାସଦେବ ଅଗସ୍ତିଙ୍କୁ କହିଲେଁ ସମ୍ବାଦ । ଅଗସ୍ତି ବୋଲନ୍ତି ବ୍ୟାସ-
ଦେବ ମୁଖ ଚାହିଁ । ଏଥୁଅନ୍ତରେ ଚରିତ କହିବା ବୁଝାଇ । ବିଶ୍ୱା-
ମିତ୍ରଙ୍କୁ କହିଲେ ସେ ଯଦୁବଳନ । ଯାହା ତୁମ୍ଭେ କହିଲ କରିଁ
ଅବଧାନ । ତାହାଙ୍କ ଘରଣୀ ସିନା ଜନକ-ଦୁହିତା । ହରି ଉଦ୍ଧା-
ରିବାପାଇଁ ନାମ ବହି ସୀତା । ୬୦ । ସେ କି ଦୋଷେ ପରଘରେ

Digitized by PPRACHIN, SOA

ହୋଇଲେ ବନ୍ଧନ । କାହା ଅଭିଶାପ ବାକ୍ୟ ହୋଇଲା ମୋଚନ ॥ ଏହା ମୋତେ ବର୍ଣ୍ଣିବ କହବା ମଣାଇ । ତବ ମୁଖରୁ ଶୁଣିଲେ ପ୍ରତେ ଯିବ ମୁହିଁ ॥ କହନ୍ତି ସେ ବର୍ଣ୍ଣିବି ହେ ଯଦୁରାଜନ । ଯାହା ପୁଚ୍ଛା କଲ ତୁମ୍ଭେ ସାବଧାନେ ଶୁଣ ॥ ସୀତାଦେବୀଙ୍କ ଜନମ ବନ୍ଧନର ଦୋଷ । ସ୍ୱର୍ଗେ ଥାଇ ଦେବଗଣ କଲେକ ପ୍ରକାଶ ॥ ଲଙ୍କାପୁରେ ପ୍ରତାପୀ ହୋଇଲା ଦଶମାଥ । ସର୍ବଦେବତାଙ୍କୁ ଆଣି କରାଇଲା ଭୃତ୍ୟ ॥ ତେଣୁ ସେ ଦେବତାମାନେ ଜରନ୍ତି ଝୁରର । କେମନ୍ତେ ନଷ୍ଟ ହୋଇବ ଲଙ୍କାର ଈଶ୍ୱର ॥ ବସିଣ ସମସ୍ତେ କଲେ ଉଦ୍ଭ୍ରମ ଝୁରର । ବ୍ରହ୍ମ ଜନ୍ମେ ହେବ ଋଷି ଡକାଇ ଅବର ॥ ଏ ଜନଂ ଋଷିଙ୍କି ଦେବେ ତଥ୍ୟ ବଧାନେ । ଯାଅ ତୁମ୍ଭେ ଲଙ୍କାପୁର କୂଟଗିରି-ସ୍ଥାନେ ॥ ସେ ସ୍ଥାନେ ବସିଣ ତୁମ୍ଭେ ଗୁଣ ପ୍ରକାଶିବ । ତାହା ଜାଣି ଲଙ୍କାପତି ଦୂତ ବରଗିବ ॥ ପୁନଅଁ ନମନ୍ତ୍ରେ ସେହୁ କହିବ ତାଡ଼ନ । ବୋଲିବ ହାଟକ ଭଣ୍ଡ ଅଣ ତୁ ବହନ । ୭୦ । ରୁଧିର ପୂର୍ଣ୍ଣ କରଣ କଉମୁଦ୍ର ଦେବ । ଦୂତହାତେ ଦେଇ ତାକୁ ବନକୁ ପେଷିବ ॥ ଅବର ଯେ ବଧିମାନ କରବା ଉପାୟ । କହ ଜନି ହବ ତୁମ୍ଭେ କୂଟଗିରି ଯାଅ ॥ ଦେବଗଣ ଆଜ୍ଞା ପେନ ତନ ମୁନି ଗଲେ । କୂଟଗିରି ପର୍ବତରେ ଯାଇଣ ମିଳଲେ ॥ ଲଙ୍କାର ପଶ୍ଚିମେ ଗିରି ଗହନ କାନନ । ତହିଁ ବସି ତପ ଆରମ୍ଭିଲେ ତନ ଜଣ ॥ ଏମନ୍ତେଣ ତପ କରୁଥାନ୍ତି ନତି ନତ । ଏକାଦନେ ଦଗବଜେ କଲା ଲଙ୍କପତ ॥ ସେ ଘୋର କାନନେ କୂଟଗିରିରେ ମିଳଲା । ତିପେ ବସିଛନ୍ତି ମୁନି ନୟନେ ଦେଖିଲା ॥ ଲଙ୍କପତ ବୋଲଇ ହେ କାହିଁର ତପସ୍ୱି । ଏ ଘୋର କାନନେ ତୁମ୍ଭେ ତପ କର ବସି ॥ ପୁନଅଁ ନ ହଅ ତୁମ୍ଭେ ଛମୁକୁ ନ ଯାଅ । ଏ ଘୋର କାନନେ ମୋର ଫଳ ମୂଳ ଖାଅ ॥ ଏବେ ଏ ବଧାନ ତୁମ୍ଭ ଉଚତ ବେଭାର । ଅବଶ୍ୟ ମୋ ଛାମୁରେ ପେଷିବ କେଉଁକର ॥ ବ୍ରହ୍ମାର ବଚନେ କବ ହବ୍ତ ଜମି କହ୍ନି ।

Digitized by PPRACHIN, SOA

ହେ ଦେବ ମହିମା ତୁମ୍ଭେ ଶୁଣ ଲଙ୍କସାଇଁ । ୮୦ । ନିର୍ଜ୍ଜନ ବନରୁ ଯେବେ ନେବ ତୁମ୍ଭେ କର । ନିବାରଣ କରିବ ଏ ନିଶ୍ଚେ ମହାଭାର ॥ ସୁବର୍ଣ୍ଣର ଭାଣ୍ଡ ତୁମ୍ଭେ ଅଣାଅ ବହନ । ତହିଁର ମଧ୍ୟରେ ଦେବୀ ଅମୂଲ୍ୟ ରତନ ॥ ଏମନ୍ତେ ସେ ଲଙ୍କାନାଥ ବାହୁଡ଼ିଣ ଯାଇ । ବ୍ୟାସ-ମହର୍ଷି ଏ କଥା ଅଗସ୍ତିଙ୍କି କହି ॥ ବଳରାମ ଦାସ କଲେ ପ୍ରାକୃତେ ଲେଖନ । କଙ୍କର ଭାବରେ ରଖ ଶ୍ରୀ ମଧୁସୂଦନ । ୮୪ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଦ୍ୱାଦଶୋଽଧ୍ୟାୟଃ ।

—ଃ୦ଃ—

୧୩ଶ ଅଧ୍ୟାୟ ।

ରାବଣର ସୀତା ହରଣ ।

ଅଗସ୍ତି ଉବାଚ ।

ଏଥୁ ଅନ୍ତରେ ଶୁଣ କହିବା ଗୋସାଇଁ । କିସ କଲା ଲଙ୍କାପତି ବାହୁଡ଼ିଣ ଯାଇ ॥ ଅଗସ୍ତି ବଚନେ ବ୍ୟାସ ମହର୍ଷି କହନ୍ତି । ଶୁଣିନିଅ ଦେବ-ବାକ୍ୟ ଯହୁ ନରପତି ॥ ଶୁଣିନିଅ ଯଦୁ ଅଟେ କହନ୍ତି ମଣାଇ । କୂଟଗିରି ପର୍ବତରୁ ଯାଇ ଲଙ୍କାସାଇଁ ॥ ଭଗତେ ବୋଇଲେ ସ୍ୱର୍ଣ୍ଣଭାଣ୍ଡ ଦେନଯିବ । କୂଟଗିରି ପର୍ବତରେ ପ୍ରବେଶ ହୋଇବ ॥ ସେହିଠାରେ ତପୋଧନ ତପ କରୁଛନ୍ତି । ଏ ଭାଣ୍ଡ ନେଇଣ ଦେବ ତାହାଙ୍କର କତି ॥ ତହୁଁ ସ୍ୱର୍ଣ୍ଣଭାଣ୍ଡ ଦେନ ଭଗତେ ଚଳିଲେ । ସେହି ପର୍ବତମଧ୍ୟରେ ପ୍ରବେଶ ହୋଇଲେ ॥ ମୁନିଙ୍କ ଅଗ୍ରତେ ସ୍ୱର୍ଣ୍ଣ-ଭାଣ୍ଡ ଦେଲେ ଥୋଇ । ସେ ଦେବନ ଭଗତ ପାଦେ ଦଣ୍ଡବତ ହୋଇ ॥ କଲ୍ୟାଣ କରିଣ ଋଷି ବୋଲନ୍ତି ବଚନ । ଅନ୍ତର ହୋଇଣ ତୁମ୍ଭେ ବସ ବେନଜନ ॥ ଆଜ୍ଞା ପାଇଣ ଭଗତ ହୋଇଲେ ଅନ୍ତର । ଦେବ-ବାକ୍ୟେ ଋଷିମାନେ କରନ୍ତି ବିଚାର ॥ ଜାନୁ ଚିରି ରୁଧିର ବାହାର କରିଲେ । ସ୍ୱର୍ଣ୍ଣଭାଣ୍ଡରେ ନେଇଣ ତାହା ପୂରାଇଲେ । ୧୦ । ଭାଣ୍ଡରେ

Digitized by PPRACHIN, SOA

ଧୂମ୍ର ତାଙ୍କୁ ଜଉମୁଦ୍ର ଦେଇ । ଦୂତଙ୍କୁ ଡାକିଣ ତାହା ସମର୍ପିଲେ
ନେଇ ॥ ବୋଇଲେ ହେ ଦୂତ ତୁମ୍ଭେ ଏହା ନେଇଯିବ । ଲଙ୍କା
ଅଧିପ ପାଖରେ ନେଇଣ ଥୋଇବ ॥ ଋଷିଙ୍କ ବଚନେ ଦୂତ ତାହା
ନେଇଗଲେ । ଲଙ୍କାଗଡ଼ର ମଧ୍ୟରେ ପ୍ରବେଶ ହୋଇଲେ ॥ ଅକସ୍ମାତ
କମ୍ପି ଉଠେ ଲଙ୍କାର ଭୁବନ ପ୍ରଳୟକାଳରେ ଯେହ୍ନେ ଘୋର
ଗର୍ଜନ ॥ ଅନ୍ତଃପୁରେ ଆମ୍ଭଣ ଜାଣିଲେ ମନ୍ଦୋଦରୀ । ଅଜନ୍ମ
ବିନାଶ ହେଲା ଲଙ୍କାପୁର ଶିରୀ ॥ ମନ୍ଦ କର୍ମ କଲ ସ୍ୱାମୀ ଦୁଷ୍ଟପଣ କଲ ।
ସର୍ବ ଦେବତାଙ୍କୁ ଅଣି ପାଦେ ଖଟାଇଲ ॥ ମୋର ଜନ୍ମକାଳେ କହି-
ଥିଲେ ଋଷିଗଣ । ଦେବତାଙ୍କୁ ଦୁଃଖ ଦେବ ବିଶ୍ରବା-ନନ୍ଦନ ॥ ମାନୁ-
ନଷ ଦେବତାଏ କରିବେ ବାସ୍ତର । ହବ ନାମି କବ ଛନ ପେଷିବେ
ସତ୍ୱର ୫ କୂଟଗିରି ବନେ ଯାଇ ତପସ୍ୟା କରିବେ । ସୁନିଅଁ କରକୁ
ଅର୍ଘ୍ୟ ରୁଧିର ସେ ଦେବେ ॥ ସେ ରୁଧିର ପ୍ରବେଶନ୍ତେ ଲଙ୍କାର
ଭୁବନେ । ଅଦ୍ଭୁତେ କମ୍ପିବ ପୁର ଘୋର ଗରଜନେ । ୧୦ ।
ରୁଧିରରୁ ସୀତା ସିନା ଲଭିବେ ଜନମ । ସୀତା ହରଣର କାଲେ
ମରିବ ରାବଣ ॥ ମନ୍ଦୋଦରୀ ଡକାଇଲେ ସେ ବିଶ୍ୱକର୍ମାଙ୍କୁ । ଡକାବନ୍ତେ
ଆଇଲା ସେ ତାହାର ସମ୍ମୁଖୁ ॥ ବିଶ୍ୱକର୍ମାଙ୍କୁ କହିଁଣ ବୋଲନ୍ତି ବଚନ ।
ମୋହର ବଚନ ତୁମ୍ଭେ ଏକ ମନେ ଶୁଣ ॥ ଦ୍ୱାର ପାଶିପାଟିଥରେ
ଯନ୍ତ୍ରରେ ଲେଖିବୁ । ସୀତାପ୍ରାକୁ ରାବଣ ତୁ ନେଇବେ ନ ହରିବୁ ॥
ତାହାକୁ ହରିଲେ ନାଶ ଲଭିବୁ ରାବଣ । ଲଙ୍କା ଅଧିପତି ହେବ ଭାଇ
ବିଭୀଷଣ ॥ ଗୋପନେ ଲେଖିବୁ ଏହା ନ ଜାଣିବେ କେହି । ଏହା
କହି ମନ୍ଦୋଦରୀ ଅନ୍ତଃପୁରେ ରହି ॥ ଜଗତରୁ ଉଠାଇଲା ବିଶ୍ରବା-
ନନ୍ଦନ । ଇନ୍ଦ୍ରଜିତକୁ ଡାକିଁଣ ବୋଲଇ ବଚନ ॥ ଅକସ୍ମାତ କମ୍ପି
ଜନ୍ମେ ଏ ଲଙ୍କା ନଗର ॥ ବିଷ୍ଣୁର କରିଣ ମୋତେ କହ ରେ କୁମର ॥
ଇନ୍ଦ୍ରଜିତ ଚଳି ହେଲା ନଗରୁଁ ବାହାର । ସିଂହଦ୍ୱାରେ ଉଭା ହୋଇ-
ଅଛନ୍ତି ଉଗତ ॥ ସୁବର୍ଣ୍ଣଖଣ୍ଡକୁ ତଳେ ଦେଇଛନ୍ତି ଥୋଇ ।

Digitized by PPRACHIN, SOA

ଅଗ୍ନିଗୃଣ ମୂର୍ତ୍ତି ଏକଠାବେ ଗୁଣ୍ଡ ହୋଇ । ୭୦ । ଦେଖିଣ ଇନ୍ଦ୍ରଜିତର ନ ସ୍ଫୁରେ ବଚନ । ତଗରନ୍ତୁ ପୁଚ୍ଛା କଲେ ତହିଁର କାରଣ । ତଗର ବୋଲନ୍ତି ବାବୁ ଶୁଣ ମନ ଦେଇ । ତୁମ୍ଭର ପିତା ଆମ୍ଭଙ୍କୁ ଦେଲେକ ପଠାଇ । ସୁବର୍ଣ୍ଣର ଭାଣ୍ଡ ତୁମ୍ଭେ ବେଗେ ଘେନଯିବ । କୂଟଗିରି ବନେ ଋଷି ଅଗ୍ରତରେ ଦେବ । ସେ ଭାଣ୍ଡ ନେଇଣ ଆମ୍ଭେ ତାଙ୍କ ଅଗ୍ରେ ଦେଲୁଁ । କିବା ସେ ଭୟରେ ତହିଁ ତାହା ନ ଦେଖିଲୁଁ । ମୁଦ୍ର ଦେଇ ଅମ୍ଭ ହସ୍ତେ ଦେଲେ ସେ ପଠାଇ । ବୋଇଲେ ଲଙ୍କାପତିକୁ ବେଗେ ଦେବ ନେଇ । ସେ ଭାଣ୍ଡ ଆଣିଣ ଆମ୍ଭେ ରଖିଲୁଁ ଏଠାର । ଅଦ୍‌ଭୁତେ କମ୍ପିଲାକ ଏ ଲଙ୍କା ନଗର । ଶୁଣି ଇନ୍ଦ୍ରଜିତ ଝାର କୋପ ମୂର୍ତ୍ତି ହୋଇ । ଦେବଦଳନ ରଥରେ ବେଗେ କଲା ଯାଇ । କୂଟଗିରି ପର୍ବତକୁ ରଥ ସେ ବାହିଲା । ଘୋର ବନରେ ଯାଇଣ ପ୍ରବେଶ ହୋଇଲା । ଖୋଜ ଲୋଡ଼ ଦେଖିଲା ନାହାନ୍ତି ଋଷିବର । କେ ବୋଲଇ ଲୁଚିଛନ୍ତି ବିବର ଭିତର । କେହୁ ଚକ୍ର କାଢ଼ି ମାରି ଗିରି ଚୂନା କରି । କାହିଁ ଅଛନ୍ତି ବୋଲିଣ ମନରେ ବିଚାରି । ୪୦ । ମହାଋଷିଙ୍କ ସନ୍ଧାନ ନ ପାଇଲେ ଲୋଡ଼ି । ଲଜ୍ଜିତ ହୋଇଣ ତହୁଁ ଆଇଲେ ବାହୁଡ଼ି । ପିତାଙ୍କ ଗୃହରେ ଯାଇ ପ୍ରବେଶ ହୋଇଲେ । ତଗର ଉଦନ୍ତ ବାଣୀ ସକଳ କହିଲେ । ଶୁଣି କୋପମୂର୍ତ୍ତି ହୋଇ ବିଶ୍ରବା-ନନ୍ଦନ । ଦ୍ୱିଗୁଣେ ଦେବଙ୍କୁ ଦଣ୍ଡ ଦେଲା ସେ ରାବଣ । ଶୂନ ସାରଣ ମନ୍ତ୍ରିଙ୍କ ପାଶକୁ ଗଲା । ମୋର ଆଜ୍ଞା ପାଳିବାକୁ ତୁଅ ତୁମ୍ଭେ ତ୍ୱରା । ସୁବର୍ଣ୍ଣଭାଣ୍ଡକୁ ତୁମ୍ଭେ ବେଗେ ଘେନଯିବ । ଲବଣ ସମୁଦ୍ର ବେଗେ ଉତ୍ତୀର୍ଣ୍ଣ ହୋଇବ । ଭରତ ଖଣ୍ଡ ବୋଲିଣ ଜମ୍ବୁଦ୍ୱୀପ ନାମ । ଜନକପୁରନିବାସୀ ଜନକରାଜନ । ସରଯୂ ନଦୀର କୂଳେ ଗୋପନେ ଥୋଇବ । ସେଠାରେ ରଖାଇ ତୁମ୍ଭେ ତ୍ୱରିତ ଆସିବ । ଆଜ୍ଞା ପାଇ ବେନି ମନ୍ତ୍ରୀ ସ୍ୱର୍ଣ୍ଣଭାଣ୍ଡ ଘେନି । ବହନେ ପ୍ରବେଶ ହେଲେ ଜମ୍ବୁଦ୍ୱୀପେପୁଣି । ଜନକ ଦେଶ ସରଯୂ ନଦୀର କୂଳରେ ।

Digitized by PPRACHIN, SOA

ସେଠାରେ ଥୋଇ ଅଇଲେ ଗୋପନଭାବରେ ॥ ବାହୁଡ଼ି ରାବଣ
ଅଙ୍ଗେ ବାରତା ଜଣାଇ । ସେ ଶୁକ ସାରଣ ବେନି ନଗ୍ରରେ ଯାଇ ॥
ତଦନ୍ତେ ବଶ୍ରବା-ସୁତ ଗଲେ ଅନ୍ତଃପୁରଂ । ନିଶିରେ ଶୟନ କଲେ
ରାକ୍ଷ ଅଧୀଶ୍ୱର । ୫୯ । ତମିସ୍ରା ଅନ୍ତ ହୁଅନ୍ତେ ଛାୟାଦେବୀ କାନ୍ତ ।
ଉଦେ ହେଉଁ ସିଂହଦ୍ୱାରେ ମିଳେ ନୃପନାଥ ॥ ବୋଇଲେ
ଏ ସ୍ଥାନେ ତଳ ସାଜ ଅଣି ବୃଣ । ଉଚ୍ଚସ୍ଥାନରେ ଭାଙ୍ଗିଲା
ଲଙ୍ଗଳର ମୂନ ॥ ମୂନ ଭାଙ୍ଗି ଘଣ୍ଟଗୋଟା ହୋଇଲା ଉତ୍ପନ୍ନ । ରୁଧିରରୁ
ଜାତ ହେଲେ ବଇଦେହୀ ନାମ ॥ ଦେଖିଲେ ନୃପତି ତହିଁ ଅପୂର୍ବ
କୁମାରୀ । ବେନିକରେ ଧରନ୍ତି ତୋଳଣ କୋଳ କରି ॥ କନ୍ୟା ସେହି
ମନ୍ଦିରରେ ପ୍ରବେଶ ହୋଇଲେ । ପ୍ରାଣରୁ ଅଧିକ କରି ତାହାକୁ
ପାଳିଲେ ॥ ଧନୁର ମନ୍ଦିରେ ଯେବେ ପ୍ରବେଶ ହୋଇଲେ । ସୀତା ଧନୁ
ଟେକିଛନ୍ତି ଦେଖି ବାମ କରେ ॥ ଆଶ୍ଚର୍ଯ୍ୟ ହୋଇ ନୃପତି ମନେ
ବିଚାରଇ । ଶିବ ଯେବେ ଧନୁ ଗୋଟା ଅଣିଥିଲେ ମୁହିଁ ॥ ବେନି ସପ୍ତ
ମାଲ ଯାକୁ ନ ପାରିଲେ ତୋଳି । ବାମ କରରେ ଟେକିଣ ଧରିଲା
କୁମାରୀ ॥ କନ୍ୟାର ନିମନ୍ତେ ମୁହିଁ ସ୍ୱୟମ୍ବର କରି । ଯେ ଭାଙ୍ଗିବ
ଶିବଧନୁ କୁମାରୀ ତାହାର । ୬୦ । ଏମନ୍ତେ ସେ ନରପତି ସ୍ୱୟମ୍ବର
କଲା । ଗୃହଦଗ ନୃପତି ବରଣ କରାଇଲା ॥ ନିମନ୍ତ୍ରଣପତ୍ର ପାଇ
ଆନନ୍ଦେ ଅଇଲେ । ଏକନିଷ୍ଠ ହୋଇ ସଭାମଧ୍ୟରେ ବସିଲେ ॥
ବୈଜୟନ୍ତୀମାଳା ଗୋଟି ସୀତା କରେ ଦେଇ । ବୋଲନ୍ତି ଜନକଋଷି
ଶୁଣ ମାତଃ ତୁହି ॥ ଯେ ଭାଙ୍ଗିବ ଶିବଧନୁ କରିବୁ ବରଣ । ମୁହିଁ
କରିଅଛି ସ୍ୱୟମ୍ବରର ବିଧାନ ॥ ଏଥୁଅନ୍ତରେ ଚରିତ ଶୁଣ ମନ ଦେଇ ।
ଯାଗପାଇଁ ଅଣାଇଲେ ରାମ ଲକ୍ଷ୍ମଣହିଁ ॥ ଯାଗ ରକ୍ଷା କରିଣ
ଜନକପୁରରେ ଚଳେ । ଶିବଧନୁ ଭାଙ୍ଗିଣ ସେ ସୀତାଙ୍କୁ ଲଭିଲେ ॥
ବହୁତ ନୃପତି ସଭାମଧ୍ୟେ ବସିଥିଲେ । ସବୁରି ମୁଖରେ ରାମ କାଳି
ଲଗାଇଲେ ॥ ଯେମାନେ ନୃପତିମାନେ ଦେଖିକୁ ଗମିଲେ । ରଣରେ

Digitized by PPRACHIN, SOA

ହାରଣ ସବେଁ ମନ୍ଦରେ ମିଳିଲେ ॥ ତଦନ୍ତରେ ସୀତା ହେଲେ ଲଙ୍କାରେ ବନ୍ଦନ । ବାଲ୍ମୀକି କହିଲେ ଯେ ଯଦୁଙ୍କ ଅଗେଣ ॥ ବ୍ୟାସ ମହର୍ଷି ଏ କଥା ଅଗସ୍ତିଙ୍କୁ କହି । ନାରଦପୁରାଣ ଗ୍ରନ୍ଥ ବର୍ଦ୍ଧମତେ ଧାର୍ଯ୍ୟ । ୭୦ । ବଳରାମ ଦାସ କଲେ ପ୍ରାକୃତେ ଲେଖନ । ଅରକ୍ଷେ ରକ୍ଷା କରିବେ ଶ୍ରୀ ମଧୁସୂଦନ । ୭୧ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ
ତ୍ରୟୋଦଶୋଽଧ୍ୟାୟଃ ।

—:O*O:—

୧୪ଶ ଅଧ୍ୟାୟ ।

ଜନକରାଜାଙ୍କ ଗୃହକୁ ଶିବଧନୁର ଆଗମନ ।

ଅଗସ୍ତିରୁବାଚ ।

ଅଗସ୍ତି ବୋଲନ୍ତି ବ୍ୟାସଦେବମୁଖ ଚାହିଁ । ଶିବଧନୁ କିପ୍ରକାରେ ଜନକ ଅଣାଇ ॥ ଏଥିର ଚରିତ ମୋତେ କହ ତପୋଧନ । ତବ ମୁଖରୁ ଶୁଣିଲେ ଲଭିବ କାରଣ ॥

ବ୍ୟାସଦେବ ଉବାଚ ।

ବ୍ୟାସ ମହର୍ଷି ବୋଲନ୍ତି ଶୁଣ ମୁନିବର । ବାଲ୍ମୀକି କହିଲେ ଯେ ମୁନିଙ୍କ ଆଗର ॥ ଜନକର ଶିବଧନୁ ଅଣିବାର ବାଣୀ । ସ୍ଥିରମନ ହୋଇ ଶୁଣ ଅପୂର୍ବ କାହାଣୀ ॥ ଦିନେ ଜନକନୃପତି କୈଳାସ ଭୁବନେ । ଦୈବଯୋଗେ କରିଣ ମିଳିଲେ ରୁଦ୍ରବନେ ॥ ହର ଉଦ୍ୟାନ ବୋଲିଣ ଏକଇ ପର୍ବତ । ସ୍ୱର୍ଗ ମର୍ତ୍ତ୍ୟ ପାତାଳକୁ ଅଛି ତହିଁ ପଥ ॥ ଚନ୍ଦ୍ରମଣି ନାଗବର ପାତାଳୁଁ ବାହାରି । ଚନ୍ଦ୍ରମଣିକୁ ରଖଇ ପର୍ବତ ଉପରି ॥ ନିଶାକାଳେ ସେହି ନାଗ ପାତାଳରୁ ଆସେ । ଚନ୍ଦ୍ରମଣି ତେଜଭରେ ନିର୍ମଳ ପ୍ରକାଶେ ॥ ସର୍ପଗୋଟିକ ଚରଇ ସେହି ଘୋରବନେ । ପୁଣି ମଣିକୁ ଘେନିଣ ପାତାଳକୁ ଗମେ ॥ ଏମନ୍ତେ ଜନକରାଜା ନିଶାରେ ଦେଖିଲେ । ପାଏ ଅମାତ୍ୟମାନଙ୍କୁ ବିଧାନ

Digitized by PPRACHIN, SOA

ମାଗିଲେ । ୧୦ । କେମନ୍ତେ ଏ ମଣିଗୋଟି ନାଗଠାରୁ ନେବା । ଜନକରାଜାର ମିତ୍ର ଅଟନ୍ତି ମଘବା ॥ ଦୂତ ବରଗିଣ ଶଚୀପତିଙ୍କୁ ଅଣିଲେ । ସେହୁ ରୁଦ୍ରବନେ ଆସି ପ୍ରବେଶ ହୋଇଲେ ॥ ବେନି ମିତ୍ର କୋଳାଗ୍ରତେ କଲେ ମାନ୍ୟଧର୍ମ । ଆସନେ ବସାଇ ତାଙ୍କୁ ଜନକରାଜନ ॥ ବୋଇଲେ ମିତ୍ର ହେ ଶୁଣ ମୋହର ଉତ୍ତର । ଅପୂର୍ବ କଥାଏ କହୁ କହିବା ବତ୍ସର ॥ କାଲି ସାୟଂକାଳେ ମୁହିଁ ବନତେ ମିଳିଲି । ଗୋଦାବରୀ ସ୍ନାନ ସାରି ଦଗବ୍ରଜେ କଲି ॥ ନିଶାକାଳେ ଦେଖିଲି ଅପୂର୍ବ ଅଗୋଚର । ଚନ୍ଦ୍ରମଣି ଯେନ ନାଗ ପାତାଳୁଁ ବାହାର ॥ ମଣି ସେ ଥୋଇଲା ନେଇ ପର୍ବତ ଉପର । ଦିବସରେ ଯେସନେ ଉଦେ ହୋନ୍ତି ଦିନକର ॥ ତେମନ୍ତ ପରାୟେ ମଣି ଦିଶେ ସୁଶୋଭନ । ସର୍ପଗୋଟିକ ଚରଇ ଗହନ କାନନ ॥ ଦିବସେ ମଣିକି ଯେନ ପାତାଳେ ଚରଇ । ନାଗଠାରୁ ମଣିଗୋଟି କି ଉପାୟେ ପାଇ ॥ ଏଥିର ଉପାୟ ମୋତେ କହ ଶଚୀପତି । ମଣି ନ ଲଭିଲେ ମୋର ସ୍ଥିର ନୋହେ ମତି । ୨୦ । ପୂର୍ବର ଚରିତ ଇନ୍ଦ୍ର ପ୍ରକାଶି କହିଲା । ଏକାମ୍ର ବନରେ ବିଷ୍ଣୁଠାରୁ ଶୁଣିଥିଲା ॥ ବୋଲଇ ମଘବ ତୁମ୍ଭେ ଶୁଣ ମୋ ବଚନ । ଚନ୍ଦ୍ରମଣି ନେବାପାଇଁ ବଳାଇଲ ମନ ॥ ଯେବେ ଚନ୍ଦ୍ରମଣି ତୁମ୍ଭେ ନେବ ହେ ନୃପତି । କହିବା ତହିଁର ବିଧି ଦୃଢ଼ କର ମତି ॥ ଏହା ଜାଣିବେ ଈଶ୍ୱର କରିବେ ସେ ରଣ । ତ୍ରିବଧନୁ ଯୋଗରେ ନେବେ ତୁମ୍ଭ ପ୍ରାଣ ॥ ଈଶ୍ୱରଙ୍କର ଭୂଷଣ ନାଗ ସେ ଅଟଇ । ଚନ୍ଦ୍ରମଣି ସଦାଶିବ ତାକୁ ଛନ୍ତି ଦେଇ ॥ ସେ ମଣି କେମନ୍ତେ ତୁମ୍ଭେ ନେବ ହେ ରାଜନ । ମହାପ୍ରତାପୀ ଅଟନ୍ତି ଦେବ ତ୍ରିଲୋଚନ ॥ ପିନାକୀ ସଙ୍ଗରେ ଯୁଦ୍ଧ ଯଦ୍ୟପି କରିବ । ତେବେ ଚନ୍ଦ୍ରମଣି ନାଗ ପାଶରୁ ନେବ ॥ ଇନ୍ଦ୍ରଙ୍କ ବଚନେ ତୁଷ୍ଟ ହୋଇଲେ ରାଜନ । ଜନ୍ମକାଳେ ମୋତେ ବର ଦେଲେ ନାରାୟଣ ॥ ଛନବାର ତୋର ମୁହିଁ ଜୟ କରାଇବି । ଅକ୍ଷୟ ପତାକା ତୋହର ଶିରେ

Digitized by PPRACHIN, SOA

ଉଡ଼ାଇବ ॥ ତେଣୁକରି ଜନାର୍ଦ୍ଦନ ନାମ ଯେ ମୋହର । ନାଗଠାରୁ ମଣି ନେବ ଗଲେ ସେହୁ ଛଡ଼ ।୩୦। ଦେବଗଣଙ୍କର ପିନା ସ୍ୟମନ୍ତକ ମଣି । ସେହି ମଣି ନେବ ତୁହି ଈଶ୍ୱରଙ୍କ ଜିଣି ॥ ଏହା କହିଣ ଜନକ ବୃନ୍ଦାବନେ ରହି । ଚନ୍ଦ୍ରମଣି ଘେନି ନାଗ ପାତାଳୁଁ ଆସଇ ॥ ମଣିକି ଥୋଇଲା ନେଇ ପର୍ବତ ଉପର । ମୂର୍ଖ ସର୍ପ ମିଳେ ଯାଇ ଗହନ ବନର ॥ ଏମନ୍ତ ସମୟେ ରାଜା ଖଡ୍ଗ କରେ ଘେନି । ବେଗୁଁ ବେଗେ ପର୍ବତରେ ଉଠି ନୃପମଣି ॥ ଚନ୍ଦ୍ରମଣି କରେ ଘେନି ଜନକରାଜନ । ପର୍ବତ ଉପରୁ ବଜେ କରଇ ବନ୍ଦନ ॥ ଏହି କଥା ନାଗବର ବନରେ ଜାଣିଲା । କାଏ ମଣିଗୋଟି ଚୋରି କରରେ ଧଇଲା ॥ ଜନ୍ମୁରଜା ପାଞ୍ଚିଗୋଟି ପୋଛୁଲା ତାହାର । ଏହିକ୍ଷଣି ପେଷିବଇଁ ଫଣୀବଣୀପୁର । ଘୋରନାଦ କରି ସର୍ପ ବନରୁ ଆଇଲା । ଜନକଋଷିଙ୍କ ପାଶେ ପ୍ରବେଶ ହୋଇଲା । ଫଣୀ ହୁଙ୍କାର କରଣ ସେହୁ ଉନମତ୍ତ । ଫୁତ୍କାର କରଣ ସେ କଲା ଦନ୍ତାଘାତ ॥ ଅସ୍ତ୍ରିକ ମନ୍ତ୍ର ବୋଲିଣ ବେନ କର ତାଡ଼ି । ନାଗ ମୁଖୁଁ ଦନ୍ତମାନ ପଡ଼ିଲାକ ଝଡ଼ି ।୪୦। କୁପିତ ହୋଇଣ ସେହୁ ପୁଣିହି ଧାଇଁଲା । କୁଠାର ଧରି ଜନକ ତାକୁ ପ୍ରହାରିଲା ॥ ବେନି ଖଣ୍ଡ ହୋଇ ନାଗ ପଡ଼ିଲା ବହନ । ସେ ନାଗ ଦେହରୁ ଏକ ପୁରୁଷ ଜନମ ॥ ବାହାର ହୋଇଣ ସେହୁ ରାଜାକୁ ବୋଲଇ । ମଣି ନେଇ ମହେଶ ମୋତେ କଲୁ ନୃପସାଇଁ ॥ ସଦାଶିବ ଜାଣିଲେ କରିବେ ଘୋର ରଣ ନ ଜିଣିବେ ସାହା ତୋତେ ଛନ୍ତି ନାରାୟଣ ॥ ଈଶ୍ୱରଙ୍କ ଧନୁଗୋଟି ଦେଇଣ ତୁ ଯିବୁ । ତାହାର ସମରେ ତୁହି ମୁକତି ପାଇବୁ ॥ ଦଶରଥ-ପୁତ୍ର ସ୍ୱୟଂ ଅଛନ୍ତି ଶ୍ରୀରାମ । ଶଙ୍ଖ ଜଳ-ତୋଳି ଦେବୁ ତାହାଙ୍କ କରେଣ ॥ ଜଳ ଦେଇ କନ୍ୟା ତୁହି କରିବୁ ପ୍ରଦାନ । ଯଥାକାଳେ ଯାଇଣ ଲଭିବୁ ନିଜ-ସ୍ଥାନ ॥ ଏହା କହିଣ ପୁରୁଷ ଶୂନ୍ୟେ ବିକ୍ରମିଲେ । ମଣି ହରଣ-ବାରତା ଈଶ୍ୱର ଜାଣିଲେ ॥ ପିନାକଧନୁକୁ ତହୁଁ ସେହୁ

Digitized by PPRACHIN, SOA

ଠିଆହେଲେ । ଅପି ରୁଦ୍ରଗଣମାନେ ପାଶେ ଉଭା ହେଲେ ॥
ଦେଖିଣ ଈଶ୍ୱର ତାଙ୍କୁ ବୋଲନ୍ତି ଉତ୍ତର । ଚନ୍ଦ୍ରମଣି ହଇଲେ
ଜନକ ଋଷିବର । ୬୦ । ନାଗକୁ ବିନାଶ କର ମଣି
ଯେନଗଲା । ଏତେହେ ଗରବ ତାର କେହି ନ ସହିଲା ॥
ବ୍ରହ୍ମାଙ୍କୁ ଅଧିକ ସେନ୍ଧ ନୋହେ ବଡ଼ଜଣ । ସୈନ୍ୟ ସଜ କର
ବେଗେ କରିବା ହେ ରଣ ॥ ଯେ ଯାହାର ଅସ୍ତ୍ର ଯେନ ବୀରବେଶ
ହୋଇ । ଡମରୁ ପିନାକ ଶିବ କରରେ ଯେନଇଁ ॥ ନନ୍ଦୀ ଭୃକୁଟୀ
କରରେ ଯେନ ଢାଲ କାତି । ଉନ୍ମତ୍ତ ହୋଇ ସେମାନେ ଫେରନ୍ତି
ଖେଳନ୍ତି ॥ ବୀରବାଦ୍ୟ ବାଜେବାରୁ ହୋଇଲେ ଉନ୍ମତ୍ତ । ଅଧା ସ୍ୱର୍ଗେ
ଥାଇ ଦେବେ ଦେଖନ୍ତି ସମସ୍ତ ॥ ଶିବଧନୁ ଜିଣି ନେବ ଜନକ ରାଜନ ।
ଏଥିପାଇଁ ଦେବଗଣ ଦେଖୁଛନ୍ତି ରଣ ॥ ସଇନ୍ୟ ଘେନି ଈଶ୍ୱର
ରୁଦ୍ରବନେ ମିଳି ଦେଖିଣ ଜନକ ରାଜା ମନେ ମନେ ଭାଳି ॥
ମୋହ ସହିତ ଈଶ୍ୱର କରିବେ ସମର । ଶଚୀପତି ସ୍ମରଇଲେ
ବ୍ରହ୍ମାଙ୍କ କୁମର ॥ ଆସିଣ ନାରଦମୁନି ପାଶେ ଉଭା ହୋଇ ।
ବ୍ରହ୍ମାସୁତ ମୁଖ ଚାହିଁ ବଚନ ବୋଲଇ ॥ ବୀରଙ୍କ ମଧ୍ୟରେ ଶ୍ରେଷ୍ଠ
ଜନକ ରାଜନ । ଏକାବାଣେ ଈଶ୍ୱରଙ୍କୁ କରିବେ ନିଧନ । ।
ମୁଖାରାବ ଘୋଳ ତହିଁ ଅତୀବ ଗହନ । ବାଦ୍ୟ ନାଦ ଶବଦରେ
ସମୁଦ୍ର ଉଛୁଳେ ॥ କେହି ବାଜୀପରେ ଧୋଇଅଛନ୍ତି ଯୂଥର ।
କେ ବୀରବେଶେ ପ୍ରତିଜ୍ଞା କରନ୍ତି ଅପାର ॥ ଉସ୍ତୃଙ୍କର ଫଇ ଯେନ
କରନ୍ତି ପ୍ରତିଜ୍ଞା । ଭାଙ୍ଗି ପକାଇବୁଁ ଅଜ କପିଳାସ ସୀମା ॥ ଶତେତପୁର
କାହାଣ ବେଢ଼ିଲେ ସୈନ୍ୟ ଯାଇ । ମୁଖାରାବ ଶବଦରେ ମହୀ ଉଛୁଳଇ ॥
ଈଶ୍ୱରଙ୍କୁ କହିଲେ ନାରଦ ମହାମୁନି । ସମ୍ଭାଳ ତ୍ରିପୁର ପୁର ବେଢ଼ିଲେ
ସଇନୀ ॥ ପିନାକ ତ୍ରିଶୂଳ ଯେନ ବୃଷଭ ପିଠିରେ । ଶୁଣିଣ ସେ ବୀର-
ବାଦ୍ୟ କୋପେ ଥରହର ॥ ନବଲକ୍ଷ ଡମରୁ ଯେ ବାଜଇ ଗହଳ ।
ସମରକୁ ଅଗ୍ରସର ଗିରିଜାର ବର ॥ ବିନାୟକ ଢନାୟୁକ ମହା

Digitized by PPRACHIN, SOA

କାଳାନଳ । ଅପସ୍ମାର ସଉନ୍ୟ ଅତ୍ୟନ୍ତ ପ୍ରବଳ । ଚଣ୍ଡ ପ୍ରଚଣ୍ଡ ଆବର ଯେତେକ ଶିବଗଣ । ଏମାନଙ୍କୁ ସଙ୍ଗେ ଘେନି ପାର୍ବତୀରମଣ । କରରେ ଶସ୍ତ୍ର ଘେନି ଶିବ ଉଗ୍ରକ୍ରୋଧ ଉପେକ୍ଷି । ଅମନ୍ତ୍ରଣ ଶସ୍ତ୍ର ଯେ ପ୍ରହାର ବାଣବର୍ଷୀ । ୭୦ । ତୂଣ ଧନୁ ଘେନିଣ ବହନେ ଚଳିଗଲା । ଜନକ ନୃପତି କରେ ଯାଇଣ ମିଳିଲା । ଦେଖିଣ ଆଶ୍ଚର୍ଯ୍ୟ ହେଲେ ଗିରିଜାରମଣ । ଅନେକ ରଣ କରୁଛୁ ନ ଦେଖି ଏସନ ॥ ଏସନ ସମୟେ ଉଭା ଆଗରେ କାର୍ତ୍ତିକ । ବେଗଁ ବେଗେ ଯାଇଣ ଧଇଲେ ପିତା-ହସ୍ତ ॥ ବୋଇଲେ ହେ ପିତଃ ତୁମ୍ଭେ ନ କର ସମର । ସମରେ ନୋହିବ ଜୟ ଘେନ ମୋ ଉତ୍ତର । ଜନକ-ଋଷିଙ୍କି ସାହା ଦେବ ନାରାୟଣ । ନୋହିଲେ କି ଚନ୍ଦ୍ରମଣି ନଅନ୍ତା ସଙ୍କନ । ମହାବଳୀ ନାଗଙ୍କୁ ସେ କଲେକ ନିଧନ । କେ ଅଛୁ ବୀର ତା ସଙ୍ଗେ କରିବ ହେ ରଣ । ନେଉପରେ ଶିବଧନୁ ନ କର ସମର । ସେ ଧନୁ ଭଗ୍ନ ହୋଇବ ଶ୍ରୀରାମ ହସ୍ତର । ପୂର୍ବେ ଗାନ୍ଧାର ସୁତର ଧନୁ ହୋଇଥିଲା । ଗାର୍ଗବର୍ଷି ତୁମ୍ଭଙ୍କୁ ସମର୍ପଣ କଲା । ଯେତେ ଦିନ ଭୋଗ ଥିଲା ହୋଇଲା ତୁମ୍ଭର । ଏବେ ରଘୁପତିରେ ସୁଜ୍ଞା ହେବ ଧନୁବର । ପୁତ୍ରର ବଚନେ ତୁଷ୍ଟ ହେଲେ ତ୍ରିଲୋଚନ । ନାରଦ କହିଲେ ଯାଇ ନୃପତି ଆଗେଣ । ୮୦ । ବିଶ୍ୱାମିତ୍ର କହିଲେ ଯେ ଯଦୁଙ୍କୁ ମଣାଇ । ସଂସ୍କୃତ ଭାଷାରେ ବ୍ୟାସ ଅଗସ୍ତିଙ୍କୁ କହି । ବଳରାମ ଦାସ କଲେ ପ୍ରାକୃତେ ପ୍ରକାଶ । ନିତ୍ୟ ନରସିଂହେ କରି ହରପାଦେ ଆଶ ॥

ଇତି ଶ୍ରୀ ନାରଦ ପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।

—:o:*:o:—

Digitized by PPRACHIN, SOA

୧୬ଶ ଅଧ୍ୟାୟ ।

ହନୁମାନର ଜନ୍ମ ବିବରଣ ।

ଅଗସ୍ତି ଉବାଚ ।

ଅଗସ୍ତି ବୋଲନ୍ତି ବ୍ୟାସଦେବ ମୁଖ ଗୁହ୍ମ । ଏଥିଅନ୍ତରେ ଚରିତ କହ ତପିଯାଇଁ ॥ ଧନୁ ନେଇ କି କରିଲେ ଜନକ ରାଜନ । ସଂକ୍ଷେପି କହନ୍ତୁ ମୋତେ ସେଥିର ବିଧାନ ॥

ବ୍ୟାସଦେବ ଉବାଚ ।

ବ୍ୟାସଦେବ କହନ୍ତି ଶୁଣ ହେ ମୁନିବର । ବିଶ୍ୱାମିତ୍ର କହିଲେ ଯେ ଯତ୍ନଙ୍କ ଆଗର ॥ ଜନକ ନୃପତି ଆଗେ ନାରଦ ଯେ କହି । ତୁମ୍ଭଙ୍କୁ ଅର୍ପିଲେ ଧନୁ ଗିରିଜାର ପାଇଁ ॥ ତୃଣ ଯେବେ ଧନୁବର ତୁମ୍ଭ କୋଳେ ମିଳୀ ପୂର୍ବର ବିଧାନ ଅନ କେ କରିବ ପାର ॥ କାର୍ତ୍ତିକେଶ୍ୱର ବୋଲିଣ ଈଶ୍ୱରଙ୍କ ପୁତ୍ର । ପିତା,ବେନି ହସ୍ତ ଧରି କହିଲେ ଚରିତ ॥ ବୋଇଲେ ହେ ପିତଃ ତୁମ୍ଭେ ସମର ନ କର । କେବେ ନ ହୋଇବ ଜୟ ଶୁଣ ମୋ ଉତ୍ତର ॥ ଏମନ୍ତ ଜନକ ଆଗେ ନାରଦ କହିଲେ । ଶୁଣିଣ ନୃପତି ତହୁଁ କୋପ ଶାନ୍ତ କଲେ ॥ ଏମନ୍ତେ ନାରଦ ମୁନି କଲେକ ବିଚାର । ଜନକ ଈଶ୍ୱର ବେନି କୋପ ଗୁରୁତର ॥ ଏ ବେନି ଜନଙ୍କୁ ଏକଠାବ କରାଇବ । ଶାନ୍ତ ହେବା-ପାଇଁ ତାଙ୍କୁ ବିନୟେ କହିବ ॥ ୧୦ । ପୂର୍ବରେ ଏକଦିନରେ ଜନକ ରାଜର୍ଷି । କାଶୀକ୍ଷେତ୍ରେ ମିଳିଲେ ଯେ ରାଜକୁଳେ ଆସି ॥ ମାର୍କଣ୍ଡ-ଋଷି ତପ କରି ଯାଉଥିଲେ । ପଥମଧ୍ୟରେ ଈଶ୍ୱର ତାହାଙ୍କୁ ଭେଟିଲେ ॥ ସଦାଶିବ ମାର୍କଣ୍ଡ ବେନି ଜଣ ଗଲେ । ଜନକ ଆଶ୍ରମେ ଯାଇ ସେ ଦିନ ରହିଲେ ॥ ଜନକ ପୁଚ୍ଛିଲେ ମାର୍କଣ୍ଡ-ମୁଖ ଗୁହ୍ମ । କେଉଁଣେ ବିଜେ କରି ଯାଅ ଋଷିକୁଳସାଇଁ ॥ ଆବର ଈଶ୍ୱର ତୁମ୍ଭ ସଙ୍ଗରେ ଅଛନ୍ତି । ବିଧାନ କହନ୍ତୁ ତାଙ୍କୁ କର୍ମର ବିବୃତ୍ତି ॥ ଯେତୁ ଶିବ ସେହୁ ରାମ ଏକଠାବୁଁ ଜାତ । ଭିନ୍ନ ଭିନ୍ନ ଅବତାର ବିଷ୍ଣୁ ନାମେ ଖ୍ୟାତ ॥

Digitized by PPRACHIN, SOA

ବ୍ରହ୍ମା ବିଷ୍ଣୁ ମହେଶ୍ୱର ଏକାବେଳେ ଜନ୍ମ । ତିନ ସହୋଦର ଯେହ୍ନୁ
ଭିନ ଭିନ୍ନ ନାମ ॥ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଏ ତିନ ଗୋଟି ପୁର ।
ତିନପୁରେ ତିନିହେଁ ଅଟନ୍ତି ଅଧୀଶ୍ୱର ॥ ଈଶ୍ୱର ହୋଇଣ ଯେହ୍ନୁ
କଲେ ନମସ୍କାର । ବେନି କରରେ ଜନକ ତୋଳି ଧନୁଭାର ॥
କଲ୍ୟାଣ ବାଞ୍ଛିଲେ ମୁନି ହୃଦୟମଧ୍ୟରେ । ଏହା ମୁଁ କହିବ ଯାଇ
ଈଶ୍ୱର ଆଗରେ । ୬୦ । ଏହା ଶୁଣିଣ ଈଶ୍ୱର ଶାନ୍ତମୂର୍ତ୍ତି ହେବେ ।
ଦୁହେଁ ଭେଟାଭେଟି ହେଲେ ଶାନ୍ତିକୁ ଲଭିବେ ॥ ମନ ମଧ୍ୟରେ
ନାରଦ ଏମନ୍ତ ବିଚାରି । ମିଳିଲେ ଈଶ୍ୱର ପାଶେ ବ୍ରହ୍ମଦଣ୍ଡ ଧରି ॥
ପ୍ରବେଶ ହୋଇଣ ସେ ନାରଦ ତପୋଧନ । ଈଶ୍ୱରଙ୍କର ସମ୍ମୁଖରେ
କହନ୍ତି ବଚନ ॥ ପୂର୍ବର ବୃତ୍ତାନ୍ତମାନ ସକଳ କହିଲେ । ନାରଦ
ବଚନେ ଶିବ ଶାନ୍ତିକୁ ଭଜିଲେ ॥ ବୋଇଲେ ନାରଦ ମୁନି ଶୁଣ ହେ
ଈଶ୍ୱର । ଯାହା ମୁଁ କହିବ ବିଧି ପୂର୍ବର ବେଭାର ॥
ଶିବଧନୁ ନେଲେ ସେହି ଜନକ ରାଜନ । ହେମନ୍ତେ କନ୍ୟାକୁ ନେଇ
କରିବ ପ୍ରଦାନ ॥ ସ୍ୱୟଂ ଠାକୁରାଣୀ ଯେହ୍ନୁ ଋଷିଙ୍କ ରୂପର । ସ୍ୱର୍ଗପୁର
ଋଷିଙ୍କର ଅଟଇ ବିଚାର ॥ ଧନୁ ନେଲେ ଜନକ ସୀତସ୍ୟା କର୍ମ ଜାଣି ॥
ସ୍ୱୟମ୍ବର କରାଇବେ ବୀର-ଶିରୋମଣି ॥ ଅନେକ ଦେଶରୁ ରାଜଗଣ
ଆଣାଇଣ । ସ୍ୱୟମ୍ବର ହୁଅଇବ ଧନୁ କର ଭଗ୍ନ ॥ ଯେ ଭାଙ୍ଗିବ ଶିବଧନୁ
ସୀତା ବଧୂ ହେବ । ନାରଦ ଈଶ୍ୱରେ ଏହି କରାଇଲେ ବୋଧ । ୭୦ ।
ଶୁଣି ଆନନ୍ଦିତ ହେଲେ ଉମାଦେବୀ-ସାଇଁ । ଜନକ ଋଷିଙ୍କ ପାଶେ
ମିଳିଲେ ସେ ଯାଇଁ ॥ ମାନ୍ୟ ଧର୍ମ କଲେ ତାଙ୍କୁ ଦେବ ତ୍ରିଲୋଚନ ।
କଲ୍ୟାଣ କଲେକ ମୁନି ହସ୍ତ ଉଠାଇଣ ॥ ଆସନେ ବସାଇ ତାଙ୍କୁ
କଥାଭାଷା ହେଲେ । ନାଶୀ ଯେତେ-କଥାମାନ ସକଳ କହିଲେ ॥
ସକଳ ବୃତ୍ତାନ୍ତମାନ ବିଧିର ଭିଆଣ । ଈଶ୍ୱରମୁଖରୁ ଶୁଣି ଜନକ
ରାଜନ ॥ ବୋଇଲେ ଏ ଶିବଧନୁ ତୁମ୍ଭର ଯେ ନଥ । ଆୟୁଧ କରଇଣ
ତୁମ୍ଭେ କଲ୍ଲେ ଧରିଥାଅ ॥ ଶୁଣିଣ ଈଶ୍ୱର ତିନ୍ନି ରାଜାଙ୍କ ବଚନ ।

Digitized by PPRACHIN, SOA

କେନମନ୍ତେ ଧନୁ ଅମ୍ଭେ କରିବୁଁ ଗ୍ରହଣ ॥ ଯ୍ୟବରେ ଆମ୍ଭ ପାଶରୁ ଧନୁ
ନେଇ ନାହିଁ । ବିଧିର ବିଧାନେ ଏହା କଲ ପରଗ୍ରହ ॥ ଆମ୍ଭର
ନେବାର ତାହା ଉଚିତ ନୁହଇ । ଯାହା ପୂର୍ବେ ଦେବଗଣ ଅଛନ୍ତି
ଭିଆଇ ॥ ଈଶ୍ୱରଙ୍କୁ ଅବର ସେ ଜନକ ରାଜନ ! ବୋଇଲେ ହେ
ନାଥ ତୁମ୍ଭେ ଚନ୍ଦ୍ରମଣି ରହି ॥ ଶୁଣିଣ ଈଶ୍ୱର ତହିଁ ବିଧାନ କହନ୍ତି ।
ଅନ୍ୟେ ଋଷି ନାଗ ସିଂନା ଜଗତ ବନ୍ଧନ୍ତି । ୪୦ । ମଣି ନେବାକୁ
ତାହାରୁ କିଏ ବା ଭାଜନ । ଜାଣିଲ ତୋହର ସାହା ଦେବ ନାରାୟଣ ॥
ନୋହିଲେ କେମନ୍ତେ ମଣି କରରେ ଧରନ୍ତୁ । ସ୍ୱରୂପ କହିଲ ବାଣୀ
ମନ-ଭ୍ରାନ୍ତି ପିଟି ॥ ଏମନ୍ତେ ଶାନ୍ତି ଲଭିଣ ଜନକ ରାଜନ । ସୈନ୍ୟ
ଚଲାଇଲେ ତହୁଁ ଆପଣା ଭୁବନ ॥ ଗଉରବେ ଶଚୀପତି ନିଜାଶ୍ରମେ
ଗଲେ । ମାନ୍ୟ ହେବନେ ଈଶ୍ୱର କୈଲାସେ ଗମିଲେ ॥ ଲକ୍ଷେ ହସ୍ତୀ
ମାଲ ହେବ ଜନକ ରାଜନ । ବୁହାଇଣ ଧନୁ ନେଲେ ଆପଣା ଭୁବନ ॥
ରାଜା ସନ୍ନିଧରେ ବଳେ ସଇନ୍ୟ ସାଗର । ଧ୍ୱବା ରାବ ନ ଜାଣନ୍ତି ମଣି
ହେଜନ୍ତି କର । ଏମନ୍ତେ ପ୍ରବେଶ ହେଲେ ମନ୍ଦିରରେ ଯାଇ । ତହୁଁ
ଜନକ ନୃପତି ମନେ ବିଚାରଇ । ବିଶ୍ୱକର୍ମାକୁ ଡକାଇଣ ଧନୁଦ୍ୱାର ତୋଳି ।
ଦୃଢ଼ଭାବେ କଲେ ତହିଁ ସୁନ୍ଦର ପିଣ୍ଡୁଳ ॥ ତାହା ଉପରେ ନେଇଣ ଧନୁ
ବସାଇଲେ । ଦେଖିଣ ବିଦେହ-ଜନ ଆନନ୍ଦିତ ହେଲେ ॥ ଏଥୁ ଅନ୍ତେ
ବିଜେ କଲେ ବ୍ରହ୍ମାଙ୍କ ନନ୍ଦନ । ଦ୍ରୋଣ ଗିରି କଣି ଯାଇ ଗୋରକ୍ଷ
ଭୁବନ ॥ ତାହା ପରେ ଶିବଧନୁ ବିଜେ କରାଇଲେ । ଜନକ ରାଜନ
ତହୁଁ ଗୃହେ ପ୍ରବେଶିଲେ ॥ ତହିଁ ପ୍ରବେଶିଲେ ମୁନି ନାରଦ ଗୋସାଇଁ ।
ଅପୂର୍ବ ବିଧାନମାନ ଭିଆଇଲେ ତହିଁ ॥ ମଲ୍ଲିକା ବୋଲିଣ ତା ଅଟଇ
ମନୋହାରୀ । ଅଷ୍ଟାଙ୍ଗ ଯୋଗରେ ନିତ୍ୟକର୍ମମାନ କରଇ ॥ ଦେଖିଲେ
ନାରଦ ତହିଁ ଏମନ୍ତ ବିଚାର । ଅଟନ୍ତି ଏ ବ୍ରହ୍ମଋଷି ଯୋଗର ଠାକୁର ॥
ସେଠାରୁ ବିଜୟ କଲେ ବ୍ରହ୍ମାଙ୍କ ନନ୍ଦନ । ଯାଇଣ ମିଳିଲେ ମୁନି
ଗହନ କାନନ ॥ ଦେଖିଲେ ମୃଗୁଣୀ ସଙ୍ଗେ ମୃଗ କ୍ରୀଡ଼ା କରେ ।

Digitized by PPRACHIN, SOA

ଈଶ୍ୱର ହରଗହନଜଗ୍ୟେ ତହିଁ ଭ୍ରମୁଥିଲେ ॥ ସୁଗ୍ରୀବ ରଢ ଦେଖି
ଈଶ୍ୱର ଆତୁର । ତାହାଙ୍କର ବ୍ରହ୍ମବୀଜ ଖସେ ଧାତୁକାର ॥ ପବନ
ହନା ନାରଣ ସେହ ବୀଜ ଧରୁ । ଗୃହ ହଗକ୍ ଗୃହିଁଲେ ଜବାଷଣ
କରୁ ॥ ଶଙ୍ଖଚିଲ ଗୋଟାଏକ ତହିଁ ଉଡ଼ୁଥିଲା । ଈଶ୍ୱର ତାକୁ
ଡାକନ୍ତେ ପାଶରେ ମିଳିଲା ॥ ବୋଇଲେ ହେ ଶଙ୍ଖଚିଲ ! ମୋର
ବାକ୍ୟ ନେନ । ଏ ବୀଜ ନେଇଣ ଦେବୁ ପାର୍ବତୀଅଗେଣ । ୬୦ ।
ଶଙ୍ଖଚିଲ ତାହା ନେଇ ଥଣ୍ଟରେ ନେଲା । ଶୂନ୍ୟମାର୍ଗରେ ସେହିଣ
ହକମି ଉଡ଼ିଲା ॥ ଯାଆନ୍ତେ ପଥରେ ତାକୁ ଅନ୍ୟ ଚିଲ ଦେଖି ।
ଦେଖିବ ବୋଲିଣ ସେହୁ ଉଡ଼ିଣ ଆସୁଛି ॥ ପାଶେ ଆସିଣ ଆହାର
ପର୍ବ୍ୟେ ମଣିଲା । ଥଣ୍ଟ ଲଗାଇ ଦନାକୁ ଗୀଳ ପକାଇଲା ॥
ତେଣୁ କର ବୀଜ ତହୁଁ ପଡ଼ିଲା ଗଳିଣ । ମନରେ ବର୍ତ୍ତର କଲା
ପବନ ଦେଖିଣ ॥ ଯେବେ ବ୍ରହ୍ମବୀଜ ଯାଇ ପଡ଼ିବଟି ତଳେ । ଦଶ-
ହଗ ଶ୍ରେଣୀ ପଡ଼ିବ ଉପାଡଲେ ॥ ଏମନ୍ତେ ପବନ ତାକୁ ଉଦରେ
ତୋଳିଲା । ଆନନ୍ଦ ମନରେ ଏକ ପୁଏ ଜନ୍ମ କଲା ॥ ରୂପେ ତାର
ସମ ନାହିଁ ତେଜେ ମାର୍ତ୍ତଣ୍ଡ । ଖଣ୍ଡଗିର ପର୍ବ୍ୟେ ଦଶଇ ତାର
ପିଣ୍ଡ ॥ ରକ୍ତଜୋକନଦ ଜିଣି ଶରୀର ଦଶଇ । ବେନ କରରେ ମୁଦ୍ଗର
ନେନ ସେ ଅଛଇ ॥ ସ୍ୱର୍ଗରୁ ଶୁଭିଲା ଛାନ୍ଦ ରେରେକାରୁ ବାଣୀ ।
ହନୁମାନ ଜନ୍ମ ହେଲେ ଶୁଣ ବ୍ରହ୍ମଜ୍ଞାନ । ୭୦ । ଈଶ୍ୱର-କାର୍ଯ୍ୟରୁ
ସେହୁ ହୋଇଲେ ସମ୍ଭୂତ । ସଂସାରେ ଖ୍ୟାତ ହୋଇବ ନାମ ହନୁମନ୍ତ ॥
ବିଶ୍ୱାମିତ୍ର କହିଲେ ଯେ ଅପୂର୍ବ ବିଧାନ । ଶୁଣି ଯଦୁବଳା ହେଲେ
ହରଷିତ ମନ ॥ ବ୍ୟାସ ମହର୍ଷି ଅଛନ୍ତି ଅଗସ୍ତିଙ୍କି କହି । ନାରଦ ପୁରାଣ
ଗ୍ରନ୍ଥ ନ୍ୟାୟ ଶାସ୍ତ୍ର ଏହି ॥ ବଳରାମ ଦାଶ କଲେ ଭାଷାରେ ଲେଖନ ।
ଅମୋଘେ ମୋକ୍ଷ କରବେ ଶ୍ରୀ ମଧୁସୂଦନ ॥ ଶ୍ରୀମଧୁସୂଦନ ନାମ ଜନେ
ଜପ କର । ଯେ ନାମ ଜପିଲେଂ ହେବ ପବିତ୍ର ଶରୀର ॥ ଗଙ୍ଗା

Digitized by PPRACHIN, SOA

ନାରାୟଣ ବୋଲି ଶ୍ରୀ ମଧୁସୂଦନ । ଅଶେଷ ପାପାଦିପାପ ହୋଇବ ମୋଚନ ॥

ଇତି ଶ୍ରୀ ନାରଦ ପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ପଞ୍ଚଦଶୋଽଧ୍ୟାୟଃ ।

—•○ଃ°ଃ○•—

୧୬ଶ ଅଧ୍ୟାୟ ।

ରାମଙ୍କ ଜନ୍ମ, ଯୁଦ୍ଧରେ ଲକ୍ଷ୍ମଣ କର୍ତ୍ତୃକ ତାଡ଼କାସୁର ହତ
ଏବଂ ଲକ୍ଷ୍ମଣ ଶକ୍ତିଭେଦର ଅଭିଶାପ ପ୍ରାପ୍ତ ।

ଅଗସ୍ତି ଉବାଚ ।

ବ୍ୟାସଙ୍କ ମୁଖକୁ ଚାହିଁ ବୋଲନ୍ତି ଅଗସ୍ତି । ଆବର କଥାଏ ମୋତେ କହ ବ୍ରହ୍ମଯତି ॥ ଶ୍ରୀରାମଙ୍କର ଅନୁଜ ଅଟନ୍ତି ଲକ୍ଷ୍ମଣ । ଏକାଘ୍ନୀ ମାଇଲା ତାଙ୍କୁ ଲଙ୍କାରେ ରାବଣ ॥ କି ଦୋଷେ ଲକ୍ଷ୍ମଣ ଦେହେ ହେଲା ଶରଭେଦ । ଏହା ମୋତେ ସଂକ୍ଷେପେଣ କହ ବ୍ୟାସଦେବ ॥

ବ୍ୟାସଦେବ ଉବାଚ ।

ଅଗସ୍ତିଙ୍କ ଆଗରେ କହନ୍ତି ମୁନିବର । ଯାହା ପୃଚ୍ଛା କଲ ଶୁଣ ଚିତ୍ତ କରି ସ୍ଥିର ॥ ଯଦୁରାଜାର ଅଗ୍ରତେ ବୈଶମ୍ପାୟନ କହି । ନାରଦପୁରାଣଗ୍ରନ୍ଥେ ପୂର୍ବ ଜନ୍ମ ସେହି ॥ ଦଶରଥଙ୍କ ନନ୍ଦନ ଶ୍ରୀରାମ ଲକ୍ଷ୍ମଣ । ବଂଶବାନ୍ଧୁ ମାରିବାକୁ ମର୍ତ୍ତ୍ୟରେ ଉତ୍ପନ୍ନ ॥ ସର୍ବ ଦେବଗଣ ଯାଇ ବ୍ରହ୍ମାଙ୍କୁ କହିଲେ । ତତକ୍ଷଣେ ଯାଇଣ ସେହୁ ଧ୍ୟାନରେ ବସିଲେ ॥ ଦେବତାଙ୍କ ଦୁଃଖ ଯାଇ ବ୍ରହ୍ମା ଜଣାବନ୍ତି । ଦେବଙ୍କୁ ଦଳନ କଲା ଲଙ୍କାର ନୃପତି ॥ ବ୍ରହ୍ମା-ସ୍ତବ ଶୁଣି ନିଦ୍ରା ତ୍ୟଜି ନାରାୟଣ । ନର କଳେବର ବହି ରାମରୂପେ ଜନ୍ମ ॥ ଦୁଷ୍ଟ ନିବାରଣ କରି ସଜ୍ଜନ ପାଳି । ସୀତା ଛଳେ ଜାତ ହୋଇ ଅଯୋଧ୍ୟାନଗରୀ ॥ ବିଶ୍ୱାମିତ୍ର-ଯାଗ ଭଗ୍ନ କଲା ଦନୁଜୁଣୀ । ନ କଲେ ମୁନି ଯାଗ ପୂର୍ଣ୍ଣ

Digitized by PPRACHIN, SOA

ମନେ ମନେ ଗୁଣି । ଆକାଶରେ ଦେବଗଣ ଥାଇଣ ବୋଲନ୍ତି । ଅହେ ଋଷିବୃନ୍ଦ ମନେ କରନାହିଁ ଖେଦ । ଦଶରଥ ଦେବ ପୁତ୍ର ଶ୍ରୀରାମ ଲକ୍ଷ୍ମଣ । ତାହାଙ୍କୁ ଆଣିଲେ ଯାଗ ହୋଇବ ସମ୍ପୂର୍ଣ୍ଣ । ତାଡ଼କାସୁଧିକୁ ସେହୁ କରିବେ ବିନାଶ । ଏମନ୍ତେ ଆକାଶ-ବାଣୀ ଶୁଭିଲା ସନ୍ଦେଶ । ଶୁଣିକରି ବିଶ୍ୱାମିତ୍ର ହରଷ ଲଭିଲେ । ଅଯୋଧ୍ୟା-ପୁରକୁ ସେହୁ ବହନେ ଚଳିଲେ । ଦଶରଥଙ୍କ ଅଗେ ପ୍ରବେଶ ହୋଇଣ । ବୋଇଲେ ଅହେ ରାଜନ ମୋ ବଚନ ଧେନ । ତୁମ୍ଭ ଘରେ ଜନ୍ମିଛନ୍ତି ଶ୍ରୀରାମ ଲକ୍ଷ୍ମଣ । ସେ ବେଗଙ୍କୁ ପଠାଇଣ ଯାଗ କର ପୂର୍ଣ୍ଣ । ନୃପତି ବୋଇଲେ ତୁମ୍ଭେ ଶୁଣ ଋଷିବର । କେମନ୍ତେ ସଙ୍ଗରେ ଦେବି ବାଳକ କୁମର । ନ ଜାଣନ୍ତି କିଛି ସେହୁ ଅଳ୍ପ-ନନ୍ଦନ । ବଳାତ୍ୟ କରି ଆଣିଲେ ଶ୍ରୀରାମ ଲକ୍ଷ୍ମଣ । ତାଡ଼କାସୁରୀ ସେ ପଥେ କରେ ଉପଦ୍ରବ । ସେ ପଥେ ବିଜୟ କଲେ ସେ ଋଷିପୁଙ୍ଗବ ।୨୦।
ଗଙ୍ଗା ପାରି ହୋଇ ଯାନ୍ତେ ଗହନ କାନନ । ସେଠାରେ ଦେଖିଲେ ତାଙ୍କୁ ଶ୍ରୀରାମ ଲକ୍ଷ୍ମଣ । ବିଚାରିଲା ଅସୁରୀ ଏ ଅପୂର୍ବ ପଦାର୍ଥ । ଏହାକୁ ଖାଇଲେ ମୋର ଦେହ ହେବ ସୁସ୍ଥ । ମନେ ମନେ ଅସୁରୀ ଏମନ୍ତ ବିଚାରଇ । ସ୍ୱର୍ଗରେ ଦେବତାବୃନ୍ଦ ରହିଛନ୍ତି ଥାଇ । ଧନୁର୍ବିଦ୍ୟା ନ ଜାଣନ୍ତି ଶ୍ରୀରାମ ଲକ୍ଷ୍ମଣ । କିପ୍ରକାରେ ଅସୁରୀକୁ କରିବେ ନିଧନ । ଶ୍ରବଣେ ବୋଲି ଏକ ବୃଦ୍ଧ ଋଷିବର । ତପସ୍ୟାବନ୍ତ ସେ ଅଟନ୍ତି ବୁଦ୍ଧିରେ କୁନ୍ଦବର । ତଳ ଦ୍ୱୀପ ଜଟା କୁଶ ତାଙ୍କର ଭୂଷଣ । ଶୌର୍ଯ୍ୟ-ବୀର୍ଯ୍ୟରେ ଅଛଇ ଅନେକ ଲକ୍ଷଣ । ରକ୍ଷ ମନ୍ତ୍ରମାନ ସେହୁ ହୃଦରେ ଜପନ୍ତି । ଧନୁ ତୂଣମାନ ଦେହୁଁ ଜନମ କରନ୍ତି । ମହାବଳବନ୍ତ ବୃଦ୍ଧ ହୋନ୍ତି ନିବାରଣ । ପ୍ରକାଶ କରନ୍ତି ସେ ଏମନ୍ତ ଧନୁତୂଣ । ଯୋଗ ଆୟୁଧ ସ୍ୱର୍ଗରୁ ଖସ କରେ ଆସି । ଦେବେ ଦେଲେ ନ ଜାଣନ୍ତି ବିଶ୍ୱାମିତ୍ରଋଷି । ଦେଖିଲେ ଲକ୍ଷ୍ମଣ କରେ ଧନୁ ତୂଣ ନାହିଁ । କେମନ୍ତେ ଯୁଝିବ ଘର ଏକାକ୍ଷୀ ସେ ହୋଇ । ୦ । ଶ୍ରୀର ସେ

Digitized by PPRACHIN, SOA

ଅଙ୍ଗରେ କହିଲେ ଦେବଗଣ । ଅବର ଆୟୁଧ ସୃଷ୍ଟି କର ଧନୁ
ତୂଣ ॥ ତୁମର ଅନୁଜ ଅଟେ ବୀର ଲକ୍ଷଣ । ଶୂନ୍ୟ ହସ୍ତରେ
କେମନ୍ତେ କରିବ ସେ ରଣ ॥ ଶୁଣିକରି ଶୁଭସେନ ମନେ ବିଚାରଇ ।
ସେ ବେଳେ ରୁଧିର ତାର ଅଙ୍ଗୁ ଜାତ ହୋଇ ॥ ସେ ରୁଧିର
ନେଇଣ ଧରନ୍ତି କରତଳେ । ତାହା ଦେଖିଣ ମନରେ ଆନନ୍ଦିତ
ହେଲେ ॥ ଅକ୍ଷର ପଞ୍ଚକ ଜପ କଲେ ସେ ରୁଧିରେ । ଧନୁ ତୂଣ
ଜାତ ହେଲା ଅକାରୁ ସକାରେ ॥ ଲକ୍ଷ୍ମଣ କରରେ ଧନୁ ତୂଣ
ଦେଲେ ନେଇ । ହସ୍ତରେ ଧରନ୍ତେ ଧନୁ ଦିବ୍ୟ-ରୂପ ହୋଇ ॥
ବୀର ବେଶ ଦେଖିଣ ସେ ତାଡ଼କା ରାକ୍ଷସୀ । କ୍ରୋଧଯୁକ୍ତ ଆରମ୍ଭିଲା
ଶରୀର ପ୍ରକାଶି ॥ ଶ୍ରୀରାମ ଲକ୍ଷ୍ମଣ ବେନି କଲେକ ସମର । ବେନି ଯୋଦ୍ଧ
ଯୁଦ୍ଧ କଲେ ଅପାରୁ ଅପାର ॥ ଯୁଗାନ୍ତେ ସୁମରୁ ବୀର ଅପାର
ପୂଜିଲେ । ଓଟାଇ ବନ୍ଧଲେ ବାଣ ରାକ୍ଷସୀଉପରେ ॥ ବାଣ ବାଜନ୍ତେ
ଅସୁରୀ ଛାଡ଼ିଲା ଜୀବନ । ଶବଦ କଲାକ ସେହୁ ଘୋର ଗରଜନ ॥
ପ୍ରାଣ ଛାଡ଼ନ୍ତେ ରାକ୍ଷସୀ ପଡ଼ିଲା ଭୂମିର । ତା ଦେହୁଁ ପୁରୁଷ ଏକ
ହୋଇଲା ବାହାର ॥ ଶ୍ରୀରାମ ଲକ୍ଷ୍ମଣଙ୍କୁ ସେ ବୋଲଇ ବଚନ । ବିନା
ଅପରାଧେ ମୋତେ କଲ ହେ ନିଧନ ॥ କି ଅବା ତୁମ୍ଭର ମୁହିଁ
କରିଥିଲି କ୍ଷତି । ବିଚାର ନ କରି ମୋତେ ବିନାଶିଲ ଏଥି ॥ ସତ୍ୟ-
ଯୁଗେ ମୁହିଁ ବ୍ରହ୍ମଋଷି ମାତୃଗଣ । ଏକଦିନେ ମନ୍ଦିରରେ ମିଳିଲେ
ବ୍ରାହ୍ମଣ ॥ ଅମୃତ ଯୋଗାଡ଼ ଖୀର ଭାଣ୍ଡେ ମୋର ଥିଲା । କେତେ-
ବେଳେ ନାଗମଣି ଗରଳ ଛାଡ଼ିଲା ॥ ନ ଦେଖିଣ ଖୀରନେଇ
ଦେଲି ବିପ୍ରବରେ । ପାନ କରି ଦ୍ୱିଜବର ଗଲା ସ୍ୱର୍ଗପୁରେ ॥
ଆସି ଯମଦୂତମାନେ ତାଙ୍କୁ ଘେନି ଗଲେ । ଯମରାଜା ଆଗେନେଇ
ସମର୍ପଣ କଲେ ॥ ଚିତ୍ରଗୁପ୍ତେ ପୃଚ୍ଛାକଲେ ସେ ଜନ୍ମବିଜନ ।
ବୁଝି ଏ ବିପ୍ରବରର କେତେ ପାପପୁଣ୍ୟ ॥ ପାଞ୍ଜି ଫେଡ଼ି ଚିତ୍ରଗୁପ୍ତ
ବିଚାର କରଇ । ଏ ଦ୍ୱିଜବରର କିଛି ପାପ ନ ଦେଖଇ ॥ ଗରଳେ

Digitized by PPRACHIN, SOA

ବିନାଶ ହେଲେ ଏହି ବସୁବର । ବ୍ରହ୍ମସ୍ୱାଙ୍ଗ ମାତା ଅଛୁ ତାହାର ମନ୍ଦିର । ୫୦ । ଶବରୀ ନ ଛନ୍ଦି ତାକୁ ଆହାର ମୁଁ ଦେଲି । ତେଣୁ ରାକ୍ଷସଯୋନରେ ଜନମ ଲଭିଲି ॥ ବିନା ଦୋଷରେ ଲକ୍ଷ୍ମଣ ମୋତେ କଲ ବଧ । ଲଙ୍କାପୁରେ ତୋତେ ହେବ ନଷ୍ଟେ ଶକ୍ତିଭେଦ ॥ ଲଙ୍କାପୁର-ବୀର ତୋତେ ମାରିବ ଏକଶ୍ମି । ତୋତେ ପ୍ରାଣଦାନ ଦେବ ତୋ ଦୂତ ପାବନ ॥ ଏହାକହି ସେ ପୁରୁଷ ଶୂନ୍ୟେ ବିନ୍ତି-ମିଲି । ଲକ୍ଷ୍ମଣ କରନ୍ତେ ବଧ ମୁକତି ଲଭିଲି । ଯାଗ ସମ୍ପୂର୍ଣ୍ଣ କରଣ ଶ୍ରୀରାମ ଲକ୍ଷ୍ମଣ । ସୀତାଯୁ ଲଭିଲେ ଶିବ-ଧନୁକୁ ଭାଙ୍ଗିଣ । ତନ୍ତୁ ରାମଚନ୍ଦ୍ର ଅଯୋଧ୍ୟାରେ ପ୍ରବେଶିଲେ । ସାବଜି-ଜନନୀ-ଛଳେ ବନବାସ ଗଲେ । ଫଲଗୁ ନଦରେ ଯାଇ ପିତୃଶ୍ରାଦ୍ଧ କଲେ । ତନ୍ତୁ ପଞ୍ଚବଟୀ ବନେ ପ୍ରବେଶ ହୋଇଲେ । ରାବଣଭଗିନୀ-ନାମ ସୂର୍ପ-ଣଖା ଜାଣ । ଛିନ୍ନଦନ କଲେ ତା ନାସା ଶ୍ରୀରାମ ଲକ୍ଷ୍ମଣ । ତାହାଛଳେ ସୀତାଯାଙ୍କୁ ରାବଣ ହରିଲା । ଅଶୋକ ବନିଦେ ତାଙ୍କୁ ଠାବକର ଦେଲା । ପ୍ରହରୀ ଜଗାଇ ସାକ୍ଷୀ ବିନଷ୍ଟା କରାଇ । ସୀତାଯାଙ୍କ ଠାବ-କଲା ଈଶ୍ୱରପୁଏହୁଁ । ୬୦ । ସେତୁବନ୍ଧ ବାନ୍ଧି ରାମ ସୁବଳଯା ଗିଲ । ଅପ୍ରମାଦେ ବଳମାନେ ଚତୁପାଶେ ବେଢ଼ି । ବିଭୀଷଣ!ଭେଦ କହୁଁ ଲଙ୍କା ହତଶିରୀ । ଅପ୍ରତିଭ ଯୋଦ୍ଧା ଅଟେ ରାବଣ ଅଇଲ । ଯେଉଁ-ଯୁଦ୍ଧ କଲା ସେହୁ ଦେବେ ଅଗୋଚର । ବ୍ୟାସଦେବ କହିଲେ ତା ଅଗସ୍ତି ଆଗର୍ । ନାରଦପୁରାଣ ଯଦୁବାଳାଙ୍କ ଉକତ । ବିଶ୍ୱାମିତ୍ର ବଣାଣନ୍ତୁ ବିଧାନ-ବିଭୁତ । ବଳରାମ ଦାଶ କଲେ ପ୍ରାକୃତେ ଲେଖନ । ହରଙ୍କୁ ଧ୍ୟାୟି ଷୋଡ଼ଶ ଅଧ୍ୟା ହେଲେ ପୂର୍ଣ୍ଣ । ୬୫ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି- ସମ୍ବାଦେ ନାମ ଷୋଡ଼ଶୋଽଧ୍ୟାୟଃ ।

Digitized by PPRACHIN, SOA

୧୭ ଶ ଅଧ୍ୟାୟ ।

ଲକ୍ଷ୍ମଣଙ୍କର ଶକ୍ତିଭେଦ ଓ ମୋଚନ ।

ଅଗସ୍ତ୍ୟବାଚ ।

ଅଗସ୍ତି ବୋଲନ୍ତ ବ୍ୟାସଦେବ ମୁଖ ଚାହିଁ । ଏଥିଅନ୍ତରେ ଚରିତ କହ ତପସାଇଁ । କପ୍ରକାରେ ଶକ୍ତିଭେଦ କପ୍ରକାରେ ମୁକ୍ତି । କହିଣ ହେ ମୁନିବର କର ସଦଗତି ।

ବ୍ୟାସଦେବୋବାଚ ।

ବ୍ୟାସମହର୍ଷି ବୋଲନ୍ତ ଶୁଣ ମୁନିବର । ବଶିମିଏହିଁ କହିଲେ ଯଦୁଙ୍କ ଆଗର । କଣ୍ଡବା-ନନ୍ଦନ ତହୁଁ କୋପମୂର୍ତ୍ତି ହୋଇ । ଏକଦ୍ଧି ଶର ବହିଲା ଲକ୍ଷ୍ମଣଙ୍କୁ ନେଇ । ବପୁ ବକ୍ଷସ୍ଥଳେ ଶର ଫୋଡ଼ିଣ ବାହାର । ପାତାଳକୁ ଶକ୍ତି ଭେଦ ହୋଇଲା ଅଚଳ । ଦେଖିଣ ଶ୍ରୀରାମଚନ୍ଦ୍ର ସେ ବ୍ରହ୍ମଶକତ । ଜାମ୍ବବ ବିଭୀଷଣଙ୍କୁ ବିନୟେ ପୁଚ୍ଛନ୍ତ । ଏ ଶକ୍ତି-ଉପାୟ ତୁମ୍ଭେ କହ ମନ୍ତ୍ରିବର । ଲକ୍ଷ୍ମଣେ ଅସ୍ଥିର ଦେଖି ଦଶେ ଅନ୍ଧକାର । ଶ୍ରୀରାମମୁଖକୁ ଚାହିଁ ଜାମ୍ବବ ବୋଲନ୍ତ । ଏଥିର ଉପାୟେ ଶାସ୍ତ୍ର ଅଛି ରଘୁପତି । ସେନାମଧ୍ୟେ ଶ୍ରେଷ୍ଠ ଅଟେ ପବନ-କୁମର । ପଲକମାଏରେ ମିଳେ ସସ୍ତ ଯୋଜନର । ଶୁଣିଣ ଜାମ୍ବବ-ବାଣୀ ଶ୍ରୀରାମ ବୋଲନ୍ତ । ଯାଅ ବାରୁ ହନୁମାନ ପର୍ବଶୃଙ୍ଗକତ ।୧୦। ଶ୍ରୀରାମମୁଖରୁ ଶୁଣି ଏମନ୍ତ ବଚନ । ଶୂନ୍ୟେ ବନ୍ଦିଣ ଗଲା ପବନ-ନନ୍ଦନ । ଧବଳାଙ୍ଗୀ ଗଙ୍ଗା ପାର ହୋଇ ଚଳଗଲେ । ସୁରସେନା ଦୁର୍ଗା ଗର୍ଭେ ଯାଇଣ ମିଳଲେ । ସେହି ପଥରେ ଗମନ କରେ ଯେଉଁ ଜନ । ତାହାର ଉଦରେ ସେହୁ କୁଅଇ ନିଧନ । ହନୁ ବୀର-ରଇ ମନେ ପଥ ହେଲା ବଣା । କଅବା ମୋ ମନେ ଭ୍ରମ ୱାବର ଏ କନା । ହନୁମନ୍ତ-ଭାର ସୁରସେନା ନ ସହିଲା । ରେରେକାର କର ଦୀର୍ଘ ରଡ଼ଏ ଛାଡ଼ିଲା । ବୋଇଲା ରେ ଗର୍ଭେ ମୋର କଏ ବ ଅଇଲା । ଗର୍ଭରେ ପ୍ରବେଶହୋଇ ବାଟ ନ ପାଇଲା । ହନୁକୁ

Digitized by PPRACHIN, SOA

ଦେଖିଣ ଦୁର୍ଗା ବୋଲଇ ବଚନ । କିନିମନ୍ତେ ଏଥେ ତୁହି କଲୁ ଆଗମନ ॥ ସୁରସେନା ବଚନେ ବୋଲନ୍ତି ହନୁମନ୍ତ । ପବନର ସୁତ ମୁହିଁ ଶ୍ରୀରାମଙ୍କ ଦୂତ ॥ ଲକ୍ଷ୍ମଣଙ୍କ ଶକ୍ତିଭେଦ ଅଦଅନ୍ତି କହ । ତାହାଙ୍କ ଆଗରେ ସବୁ କହିଲେ ବିସ୍ତାର ॥ ଶୁଣିଣ ସେ ସୁରସେନା ବିରସ ହୋଇଣ । କହେ ମହୌଷଧି ଅଛି ବୀର ତୁହି ଶୁଣ । ଗନ୍ଧମାଦନରେ ଯାଇ ପ୍ରବେଶ ହୋଇବୁ । ଗରୁଡ଼ାସ୍ତ୍ରକୁ ମନେ ସ୍ମରଣ କରିବୁ ॥ ଗରୁଡ଼ର ଆଗମେ ଗନ୍ଧର୍ବେ ପଳାଇବେ । ପୂର୍ବ ଶୃଙ୍ଗରେ ସେମାନେ ବେଢ଼ିକରି ଥିବେ ॥ ସେହି ପର୍ବତେ ମିଳିବୁ ବୀର ତୁହି ଯାଇ । ମୋହର ବଚନ ଘେନି ଯାଅ ବେଗହୋଇ ॥ ଏହାକହି ସୁରସେନା ପଥ ଛାଡ଼ିଦେଲେ । ଶ୍ରୀରାମର ଦୂତ ବୋଲି ଦୟା ତାକୁ କଲେ ॥ ଯଦୁରାଜା ପୁଚ୍ଛାକଲେ ମୁନିଙ୍କ ଆଗର । ଏହିକିଥାରେ ସନ୍ଦେହ ଜନ୍ମିଲା ମନର ॥ ଗନ୍ଧମାଦନ ପର୍ବତ ଯେଉଁଠାରେ ସ୍ଥିତ । ଶୂନ୍ୟେ ବିକ୍ରମିଣ ତହିଁ ମିଳିଲା ତ୍ୱରିତ ॥ ପର୍ବତକୁ ବୋଲଇ ମୁଁ ଶ୍ରୀରାମଙ୍କ ଦୂତ । ଈଶ୍ୱରଙ୍କ ବୀଜ ବ୍ରହ୍ମ ପବନର ସୁତ ॥ ରାମକାର୍ଯ୍ୟ ପାଇଁ ମୁହିଁ କଲି ଆଗମନ । ଲକ୍ଷ୍ମଣଙ୍କୁ ଶକ୍ତିଭେଦ କଲା ଦଶାନନ ॥ ଶକ୍ତିଭେଦ ହୁଅନ୍ତେ ଲକ୍ଷ୍ମଣ ପଡ଼ିଛନ୍ତି । ମହୌଷଧି ନେବାପାଇଁ ଏଥେ ଆସିଅଛି ॥ ଗନ୍ଧମାଦନ ବୋଇଲା ଶୁଣ ବୀର ତୁହି । ଏ ଗିରି ମଧ୍ୟରେ ମହୌଷଧି ତୋର ନାହିଁ ।୩୦। ପୂର୍ବ ଶୃଙ୍ଗ ହେଲିଣ ଅପୂର୍ବ ଗିରିବର । ଅମର ଔଷଧି ଅଛି ତହିଁର ମଧର ॥ ଅନେକ ଗନ୍ଧର୍ବ ତହିଁ ଅଛନ୍ତି ପ୍ରହରୀ । ଗରୁଡ଼ା ସ୍ତ୍ରବ ପଢ଼ିବୁ ହୃଦରେ ସ୍ମରି ॥ ଏହା ଶୁଣି ହନୁମାନ ତହୁଁ ଚଳିଗଲା । ପୂର୍ବ ଶୃଙ୍ଗେ ବଜେକର ସ୍ତ୍ରବ ସ୍ମରିଲା ॥ ସ୍ତ୍ରବ ଉଚ୍ଚାରଣ କରି ମନ କଲା ଦୃଢ଼ । ରମ୍ୟକ ଦ୍ୱୀପରୁ ବେଗେ ଆଇଲା ଗରୁଡ଼ । ଗରୁଡ଼ର ପକ୍ଷନାଦେ ଗନ୍ଧର୍ବେ ପଳାନ୍ତି । ଦେଖି ହନୁମନ୍ତ ମନୁ ଛାଡ଼ିଲାକ ଭୀତି ॥ ତହୁଁ ପର୍ବତକୁ ସେ ଲାଙ୍ଗୁଡ଼େ ବେଢ଼ାଇଲା । ହୁଙ୍କାର ନାଦ କରିଣ

Digitized by PPRACHIN, SOA

ବେଗେ ଉପାଡ଼ିଲା । ପୂର୍ବ ଶୃଙ୍ଗ ପୁଚ୍ଛା କଲା ନେ ତୁଣ୍ଡରେ ବାନ୍ଧୁ ।
କପାଇଁ ଉପାଡୁ ମୋତେ ସ୍ୱରୂପ କହବୁ । ହେଉଁ ସ୍ଥାନୁ ଅସି ଅଛୁ
କିବା ତୋର ନାମ । ସଂକ୍ଷେପ କରଣ ଯାର କହ ମୋ ଅଗେଣ ।
ଶୃଙ୍ଗ-ମୁଖକୁ ଚୃହିଁଣ ଭଣେ ହନୁମାନ । ଯାହା ପୁଚ୍ଛା କଲୁ ଶୁଣ
ହୋଇଣ ସାବଧାନ । ଦଶରଥ-ସୁତ ରାମ କୌଶଲ୍ୟା-ନନ୍ଦନ ।
ସୁମିତ୍ରା-ନନ୍ଦନ ରାମ-ଅନୁଜ ଲକ୍ଷ୍ମଣ । ୪୦ । ପିତାସତ୍ୟ ପାଳଣ ସେ
ବୁଲନ୍ତି କାନନ । ରାମଙ୍କ ଘରଣୀ ସୀତା ଚୋରାଇ ରାବଣ ।
ଲଙ୍କାପୁରେ ନେଇ ତାଙ୍କୁ ରଖିଲା ଚୋରାଇ । ପିତୃ ପିତାମହ ଭାଗ୍ୟେ
ଠାବ କଲି ଯାଇ । ସେଣୁ ବନ୍ଧ ବାନ୍ଧ ରାମ ଲଙ୍କାରେ ମିଳିଲେ ।
ସୁବଳସ୍ଥା ଗିରରେ ସେ କଟକ-ଠାବ କଲେ । ଲଢ଼ଣ ଯୁଝିଲେ ସେହୁ
ରାବଣ ସଙ୍ଗର । ଏକଘ୍ନି ବଜାଇଲା ଲକ୍ଷ୍ମଣଙ୍କୁ ଲଙ୍କା-ବୀର । କୁଛି ମୂଳେ
ଫୁଟି ଶର ପାତାଳେ ଭେଦିଲା । ଶ୍ରୀରାମ-ବ୍ୟସ୍ତ ଦେଖି ଜାମ୍ବବ
କହିଲା । ଫେଡ଼ କହିବାରୁ ସେହୁ ଶ୍ରୀରାମ ଆଗରେ । ରାମଙ୍କର ଆଜ୍ଞା
ଯେନ ମିଳିଲି ତୋ ଠାରେ । ଈଶ୍ୱର ବାକ୍ୟରୁ ମୁହିଁ ପବନର ସୁତ ।
ଶ୍ରୀରାମର ଦୂତ ମୁହିଁ ନାମ ହନୁମନ୍ତ । ଶୁଣି ଗିରିବର ତତ୍କ୍ଷଣ ହରଷ
ଲଭିଣ । ବୋଲେ ମୋ ପୂର୍ବ ଦୁଷ୍କୃତ ହୋଇଲା ମୋଚଣ । ହନୁର
ମୁଖକୁ ଚୃହିଁ ଶୃଙ୍ଗରାଜ କହେ । ବନ୍ଧୁତର ଗୁଣ ନାନ ମୋହର ଅଛଇ
ତୁ ଆନ କରଲେ ଯିବ ତୋହର ସଙ୍ଗର । ଏଥୁ ଅନ୍ୟ ଆନ ମନ
ନୋହସିରେ କାର । ୫୦ । ପର୍ବତବରନେ ହନୁ ସମ୍ମତ କରେ ।
ଛନବାର ସତ୍ୟ କଲା ଶ୍ରୀରାମ ସ୍ମରଣ । ପର୍ବତ ବୋଲଇ ଏହୁ ମୋର
ନିବେଦନ । ମୋର ଶିରେ ପାଦ ଦେବେ ଶ୍ରୀରାମ ଲକ୍ଷ୍ମଣ । ହେଉ
ବୋଲି ହନୁମନ୍ତ ସ୍ୱୀକୃତି ହୋଇଲା । ପର୍ବତ ଯେମନ୍ତ କାର ବିକ୍ରମି
ଅଇଲା । ଚଳ ଚଳୀ ପକ୍ଷୀ-ଶାପ ମେଣ୍ଟିଲା ପଥର । ଭରତ-ବାଟୁଳି
ଯାଏ ଅଯୋଧ୍ୟା ନଗର । ପୂର୍ବ ଦୋଷ ମେଣ୍ଟି ହନୁ ତତ୍କ୍ଷଣ ଚଳିଗଲା
ସୁବଳସ୍ଥା ଗିରପରେ ଯାଇ ପ୍ରବେଶିଲା । ଦେଖିଣ ଶ୍ରୀରାମ ହନୁ ଔଷଧ

Digitized by PPRACHIN, SOA

ପର୍ବତ । ଧନ୍ୟ ଧନ୍ୟ ପ୍ରଶଂସିଲେ ଶ୍ରୀରଘୁନାଥ ॥ ଜାମ୍ବବ ସୁଷେଣ
ନୀଳ ନଳ ହନୁମାନ । ଯେ ହେବ ମହୌଷଧ ପର୍ବତରୁ ଆଣ ।
ଶ୍ରୀରାମଙ୍କ ବଚନେ ସୁଷେଣ ଚଳିଗଲେ । ପର୍ବତରୁ ମହୌଷଧ ଚିହ୍ନିଣ
ଆଣିଲେ ॥ ପବ ଚପୁଡ଼ିଣ ଲକ୍ଷ୍ମଣଙ୍କୁ ଦେଲେ ରସ । ଏଡ଼େବଡ଼ ଶକ୍ତି
ହୋଇ ପାଇଲୁକ ନାଶ ॥ ଉପୁଡ଼ିଣ ବେନ ସପ୍ତ ଯୁଣ ହୋଇ ସ୍ତମ୍ଭ ॥
କଳିଯୁଗେ ନାମ ତାର ଅରୁଣ ଯେ ସ୍ତମ୍ଭ । ୭୦ । ବରୁଣଦେବଂତା
ତାହା ଉପରେ ବସିବ । ବୌଦ୍ଧ ଅବତାରେ ସେହୁ ଶ୍ରୀମୁଖ ଧାଇଁବ ॥
ଲକ୍ଷ୍ମଣ ନାସାରେ ରସ ସୁଷେଣ ଢାଳିଲେ । ଚକ୍ଷୁ ମଳି ନିଦ୍ରା ତେଜ
ତତକ୍ଷଣେ ଉଠିଲେ ॥ ଶ୍ରୀରାମଙ୍କୁ ଦେଖି ପାଦେ ଓଳଗି ଲକ୍ଷ୍ମଣ ।
କୋଳାଗ୍ରତ କରି ଶାନ୍ତ ହୋଇଲେ ଶ୍ରୀରାମ ॥ ଏଥିଅନ୍ତରେ ଚଉତ
ଶୁଣ ଦେଇ ମନ । ଶ୍ରୀରାମଙ୍କ ଅଗେ ବୋଲେ ପବନନନ୍ଦନ ॥
ମୋତେ ପଠାଇଲ ତୁମ୍ଭେ ଔଷଧ ନିମନ୍ତେ । ଆଜ୍ଞା ଘେନ ମିଳିଲି
ମୁଁ ଯାଇଣ ପର୍ବତେ ॥ ସେ ପର୍ବତବର ମୋତେ କହିଲା ବଚନ ।
ବେନ କର୍ଣ୍ଣ ଡେରିଣ ମୁଁ ଶୁଣିଲି ସେମାନ ॥ ସତ୍ୟ କରାଇଲା ମୋତେ
କହିଣ ନିଦାନ । ମୋର ଶିରେ ପାଦ ଦେବେ ଶ୍ରୀରାମ ଲକ୍ଷ୍ମଣ ॥
ସମ୍ମତ ହୋଇଣ ମୁହିଁ ପର୍ବତ ଅଣିଲି । ସ୍ୱରୂପ ବଚନ ତୁମ୍ଭ ଆଗରେ
କହିଲି ॥ ଏଥିକି ବର୍ଗବର କରି ଶିରେ ପାଦ ଦିଅ । ଯୁଗେ ଯୁଗେ
ଅବନୀରେ କୀରତ୍ତି ରଖାଅ । ହନୁମନ୍ତର ବଚନେ ବୋଇଲେ ଶ୍ରୀରାମ
ମାୟାରେ ହୋଇଛୁଁ ଅମ୍ଭେ ଦଶରଥ-ନାନ । ୭୧ । ଶୁଣ ହନୁମନ୍ତ
ତୁହି ଆମ୍ଭର ବଚନ । ପୂର୍ବ ଶୃଙ୍ଗ ଅଟେ ଆମ୍ଭ ପିତାର ସମାନ ॥ ଅମର
ଔଷଧିବୃକ୍ଷ ଯେହୁ ବହିଥିଲେ । ତାହାଙ୍କ ପ୍ରସାଦେ ମୋର ଲକ୍ଷ୍ମଣ
ବର୍ତ୍ତିଲେ ॥ ଏ ଭାବରେ ଶୃଙ୍ଗରାଜ ପିଅର ଆମ୍ଭର । କି ପ୍ରକାରେ ପାଦ
ଦେବୁଁ ତାହାଙ୍କ ଶିରର ॥ ତ୍ରେତାଯୁଗର ଅନ୍ତରେ ଦ୍ୱାପର ଯୁଗେଣ ।
ଗୋପନଗର ହୋଇବ ଶ୍ରୀ ବୃନ୍ଦାବନେଣ ॥ ସୁବାହୁ ଦ୍ୱାପରଯୁଗ ନାମ
ବୋଲାଇବ । ମଥୁରାରେ ଦୃମିଳ-ନୃପର ଦର୍ପ ହେବ ॥ ତାକୁ ମାର-

Digitized by PPRACHIN, SOA

ବାଲୁ ମୁଁ, ବହିବ କଳେବର । ନିବାସ କରିବି ଯାଇ ଦେବକୀଉଦର ।
କଂସ ଭୟେ ପିତା ମୋର ମୋତେ ଘେନିଯିବ । ନନ୍ଦଘରେ ଗୋପ-
ପୁରେ ଥୋଇଣ ଆସିବ ।. ଇନ୍ଦ୍ରପୂଜା ଭାଙ୍ଗିଣ ପୂଜିବ ତାର ଶିର । ଇନ୍ଦ୍ର
ବିବାଦ କରନ୍ତେ ବହିବ ଗିରିବର । ସପ୍ତଦିନ ଶିରରେ ମୁଁ ବହିବି ମୋ
ସତ୍ୟ । ଗିରି ଆଗେ ଯାଇ ତୁହି କହ ହନୁମନ୍ତ । ଏହାଙ୍କହି ଗିରିବର
ଶିରେ ଘେନଯିବୁ । ଯମୁନାକୂଳରେ ନେଇ ଥୋଇଣ ଆସିବୁ । ୮୦ ।
ମୁଁ ପୂଜିଲେ ଭକ୍ତଜନେ ତାକୁ ଘେନିଯିବେ । ଏ କ୍ଷିତିମଣ୍ଡଳେ ସ୍ଥାନ
ସ୍ଥାନରେ ପୂଜିବେ । ଗିରିକୁ କହିଣ ହନୁ ଥୋଇଣ ଆସଇ । ବ୍ୟାସ-
ଦେବ ଅଗସ୍ତିଙ୍କ ଆଗରେ କହଇ । ବିଷ୍ଣୁମିଶ୍ର କହିଲେ ଯେ ଯଦୁଙ୍କ
ଆଗର । ବଳରାମଦାଶ ବିଜେ ରକ୍ଷ ଗିରିଧର । ଶ୍ରୀରାମଚରଣେ
ମୋର ନୟେ ରହୁ ଚିତ୍ତ । କୃପାକର ମୋର ପ୍ରଭୁ ଲକ୍ଷ୍ମୀଦେବୀକାନ୍ତ ।

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ସପ୍ତଦଶୋଽଧ୍ୟାୟଃ ।

—O✻O—

୧୮ଶ ଅଧ୍ୟାୟ ।

ହନୁମାନଙ୍କୁ ଇନ୍ଦ୍ରଜିତର ନାଗପାଶରେ ବନ୍ଧନର କାରଣ ନିର୍ଣ୍ଣୟ ।

ଅଗସ୍ତ୍ୟୁବାଚ ।

ଅଗସ୍ତି ମୁନି ପୃଚ୍ଛିଲେ ବ୍ୟାସଙ୍କ ଆଗର । ଯାହା ଯେ କହିଲ ତାହା
ପୁରାଣବେଭର । ଅବର ସନ୍ଦେହ ମୋତେ କହ ତପୋବନ୍ତ । ରାମ-
ଦୂତ ଶ୍ରେଷ୍ଠ ବୀର ନାମ ହନୁମନ୍ତ । ପର୍ବତ ସେ ମାଳକରି ବାନ୍ଧିଲା
ସାଗର । ତାହାଠାରୁ ବଳଅର ଅଛନ୍ତି ନାହିଁ ବୀର । ସୀତାଙ୍କ ଉଦ୍ଦେଶେ
ସେହୁ ଲଙ୍କାପୁରେ ଗଲା । ନାଗପାଶେ ଇନ୍ଦ୍ରଜିତ କିପାଇଁ ବାନ୍ଧିଲା ।
କହ ଅଭିଶାପେ ବୀର ଲଭିଲା ବନ୍ଧନ । ପରାଶର-ସୁତ କହ ତୋଷ-
କର ମନ ।

Digitized by PPRACHIN, SOA

ବ୍ୟାସଦେବୋବାଚ ।

ବ୍ୟାସ ମହର୍ଷି ବୋଲନ୍ତି ଅଗସ୍ତି ଆଗର । ଏକମନେ ଶୁଣ ତୁମ୍ଭେ ଚିତ୍ତ କରି ସ୍ଥିର । ବର୍ଣ୍ଣାନିବ ଯଦୁଆଗେ କହନ୍ତି ମଣାଇଁ । ନାରଦପୁରାଣ ଛନ୍ଦ ନ୍ୟାୟଶାସ୍ତ୍ର ଏହି । ପର୍ବତଉପରେ ଭାନୁ ଉଦିତ ହୋଇଲା । ମାତାଆଗେ ଯାଇ ହନୁ କର ପ୍ରସାରିଲା । କ୍ଷୁଧା ପୀଡ଼ା ଦେଲା ମୋତେ ଜଠରଭିତର । କହିଲେ ଅଖିଳଯାକ କରିବି ଆହାର । ଏମନ୍ତେଣ ମାତାଆଗେ ସ୍ତୁତି କରେ ହନୁ । ଏହିବେଳେ ପୂର୍ବଦିଗେ ଉଦେ ହେଲେ ଭାନୁ । ୧୦ । କି ଦେବ ବୋଲିଣ ମୂର୍ଖେ ବୋଲନ୍ତି ଉତ୍ତର । ଯେହୁଁଲେ ପୂର୍ବଦିଗରେ ଉଦେ ଦିନକର । ଏହାକୁ ଭକ୍ଷଣକରି ଜନନୀ ବୋଲନ୍ତି । ବିକ୍ରମିଣ ହନୁମାନ ଅନ୍ତରୀକ୍ଷେ ଧରନ୍ତି । ଏହା ଦେଖି କୋପମୂର୍ତ୍ତି ଇନ୍ଦ୍ରାଦେବଙ୍କାନ୍ତ । ଲକ୍ଷଯୋଜନେ ପକାଇ ଦେଲେ ହନୁମନ୍ତ । ମର୍ତ୍ତ୍ୟରେ ପଡ଼ିଣ ବୀର ପ୍ରାଣ ବିସର୍ଜଇ । ଜନନୀ ଦେଖିଲେ ସନ୍ତାନର ପ୍ରାଣ ନାହିଁ । ନିରୋଧ କଲେ ପବନ ଗିରି ଲତା ଗୁଳ୍ମ । କ୍ଷଣକେ ଦଗ୍ଧ ହୋଇଲେ ଜୀବ ଜନ୍ତୁଗଣ । ଏହା ଦେଖିଣ ନାରଦ ଶୂନ୍ୟେ ବିକ୍ରମିଲେ । ହନୁର ବିନାଶ ଦିବ୍ୟପୁରେ ଜଣାଇଲେ । ଶୁଣିଣ ଆଶ୍ଚର୍ଯ୍ୟ ହେଲେ ତ୍ରୈଲୋକ୍ୟ-ଗୋସାଇଁ । ଦେବତାମାନଙ୍କୁ ଘେନି ଅଇଲେ ଚଳାଇ । ଆଉର ଯେ ବିଲୋଚନ ଚତୁରବଦନ । ଘେନିଣ ମିଳିଲେ ଆସି କିଷ୍କିନ୍ଧ୍ୟା ଭୁବନ । ନିରେଖିଲେ ହନୂ ରାଜପଥେ ପଡ଼ିଛଇ । ନିଃଶ୍ୱାସଂବାହିଲେ ତାର ଦେହେ ପ୍ରାଣ ନାହିଁ । ଉଠ ଉଠ ହନୁ ବୋଲି ସମସ୍ତେ କହନ୍ତି । ଏତେକ ଅମିତ କର୍ପା କଲ ପ୍ରଜାପତି । ପବନ ନିରୋଧେ ଜନେ ମରିଲେ ଅନେକ । ଏହା ଦେଖି ବିଚାର କରନ୍ତି ପଦ୍ମନେଏ । ପବନକୁ ହକାରିଲେ ଦେବି ନାରାୟଣ । ପାଖରେ ମିଳିଲା ଆସି ଜଗତର ପ୍ରାଣ । ବୋଇଲେ ପବନେ ଯେହୁଁ ପ୍ରଭୁ ନାରାୟଣ । କର୍ପା ନିରୋଧିଲୁ ନୋହେ ଉଚିତ ବିଧାନ । ପବନ ବନ୍ଧିନେ ଜନେ ମରିଲେ ଅପାର । ସୁସ୍ଥ ପବନ ତୁମ୍ଭ ବନ୍ଧ ସର୍ବଠାରି ।

Digitized by PPRACHIN, SOA

ତୋରପ୍ରବ ରଜବଧି ଜାଥାଇଣ ଦେବେ । ଯୁଗେ ଯୁଗେ ତାହାଙ୍କର
କୀର୍ତ୍ତି ରଖାଇବେ ॥ ଶୁଣିଣ ପବନ ତହୁଁ ବହିଲ ସଧୀତ । ଶାନ୍ତ ଲଭ
ଜୀବ ଜନ୍ତୁ ପାଇଲେ ସୁଫଳ ॥ ବର୍ଷନ୍ତ ଦେବେ ମିଳି ବିଧାନର ବାଣୀ ।
ଯେମନ୍ତେ ଜୀବନ ପାଏ ଏହି ବାରମଣି ॥ ବ୍ରହ୍ମା ବୋଇଲେ ଏଥିର
ଅଛଇ କାରଣ । ବଶ୍ୱମିବ ପରାଶର ଏହି ବେନ ଜନ ॥ ଯଦୁରାଜା
ଆଗେ ନ୍ୟାୟ ଶାସ୍ତ୍ର କହୁଛନ୍ତି । ଧରଣୀ ବୋଲଣ ଯାଗ ହୁଅଇ ଅଛନ୍ତି ॥
ଉଡୁମ୍ବର ବୃକ୍ଷ ଗୋଦାବରୀର କୂଳର । ହବ୍ୟ ନାରାୟଣ ଦେବ ଅଛନ୍ତି
ସେଠାର । ୩ । ସେ ଯାଗ ଆରମ୍ଭ କଲେ ଜନ୍ନୁପଛ ସେନ । ଜୀବ-
ସେନ ଉଟିଣ ବଶିବ ବାରମଣି ॥ ଏହା କହ ବେଦବର ସେନଣ
ଚଳନ୍ତି । ଯଦୁରାଜା କଣ୍ଠ ତେଜ ସମସ୍ତ ଶୁଣନ୍ତି ॥ ବର୍ତ୍ତଣ ଯାଗ
କଲେ ସକଳ ସଇମ । ବଶ୍ୱମିବଙ୍କୁ ପୁଚ୍ଛିଲେ ଯାଗ-ବିଧିବାଣୀ ॥
ମହର୍ଷିବର କହିଲେ ଯାଗର ବ୍ୟବସ୍ଥା । ଯାଗ କଲେକ ଆସିବେ ସକଳ
ଦେବତା ॥ ବେଦ ନ୍ୟାୟ କଲ୍ପାନ୍ତରେ ବିଧାନ ଅଛଇ । ଧବଣୀ ବୃକ୍ଷ
ସମିଧ ଯାଗେ ଲୋଡ଼ା ହୋଇ ॥ ଏକବର୍ଣ୍ଣୀ ଗୁଆ ଘୃତ ବେଦ
ଶାସ୍ତ୍ର ସେନ । ଜନ୍ନୁପଛ ତରୁ ଦେବେ ସର୍ବ ଶସ୍ୟ ଆଣି ॥
ବଶ୍ୱମିବଙ୍କ ବଚନେ ଜନ୍ନୁପଛ ଗଲ । ମହାସବାହନେ ବିଜେ କଲେ
ଜନ୍ନୁପାଇଁ ॥ ବିଧାନେ ସକଳ ଦ୍ରବ୍ୟ କଲେ ସେ ସମ୍ଭାର । ଯାଗଶାଳ
କରାଇଲେ ଅତି ମନୋହର ॥ ନାନାବାଦ୍ୟନାଦଭରେ ଗୋଦାବରୀ-
କୂଳ । ଉତ୍ସବେ ପୂର୍ଣ୍ଣ ହୋଇଣ ଶୁଭଇ ଚହଳ ॥ ସର୍ବ ଦେବଗଣ
ମିଳି ଆକାଶେ ଦେଖନ୍ତି । ବେଦନାଦ ଶବଦରେ ବୋଲିଲେ ବସୁମତୀ ॥
ବୋଲଇ ଧରଣୀ ଯାଗ ହୋଇଲା ମୋହର । ବରଣ ନ କଲେ
ମୋତେ ଦେବ ଦାମୋଦର ॥ ଏହା କହି ବସୁମତୀ ବମନ ହୋଇଣ ।
ଯାଗ ସ୍ଥାନରେ ମିଳିଲେ ସଇନ୍ୟ ସେନଣ ॥ ଦେଖି ବେଦବର ତହୁଁ
କରନ୍ତି ବିଚାର । ପାତାଳପୁରର ଲୋକେ ମିଳିଲେ ସକଳ ॥ ଅଗ୍ନି-
କୁଣ୍ଡେ ନେଇଣ ସମିଧ ତହୁଁ ଦ୍ୟନ୍ତେ । ସେ କୁଣ୍ଡୁ ବାହାର ଏକ

Digitized by PPRACHIN, SOA

ପୁରୁଷ ଅଦ୍ଭୁତେ ॥ ଦେଖି ବେଦବର ତହୁଁ କରନ୍ତି ବିଚାର । ଅଦ୍ଭୁତ ଦେଖିଲି ମୁହିଁ କୁଣ୍ଡର ଭିତର ॥ ଅନେକ କଲଇଁ ଯାଗ ନ ଦେଖି ଏମନ୍ତ । ଆଶ୍ଚର୍ଯ୍ୟ ଲାଗିଲା ମୋତେ ଏକ ବିପରୀତ ॥ କେବଣ ଚରିତ ଏହୁ କେବଣ ବିଧାନ । ବିଶ୍ୱାମିତ୍ର ମୁଖ ଚାହିଁ ବୋଲନ୍ତି ବଚନ ॥ ଧରଣୀ ଯାଁଗର ବଧ କହ ବିଶ୍ୱାମିତ୍ର । କୁଣ୍ଡମଧ୍ୟୁଁ ଜାତହୁଏ କେବଣ ପୁରୁଷ ॥ ବିଶ୍ୱାମିତ୍ର ବୋଲନ୍ତି ଯେ ଶୁଣ ବେଦବର । ଧରଣୀ ଯାଁଗର ବଧ ଯେବଣ ପ୍ରକାର ॥ କୁଣ୍ଡରୁ ପୁରୁଷ ଜାତ ଅଦ୍ଭୁତେ ହୋଇବ । ଯାଗ ପୂର୍ଣ୍ଣ ହେବା ଜାଣି କଲ୍ପ ଶସ୍ୟ ହେବ । ୫୦ । ଏହୁ ଶସ୍ୟ ଯେନକର ଯଜ୍ଞେ ଚରୁଦେଇ । ସେ ଚରୁ ପବନ-ସୁତ ମୁଖେ ପ୍ରକ୍ଷେପଇ ॥ କପିପତି ଦେଲେ ନେଇ ପବନସୁତକୁ । ମୁଖରେ ବୋଲିବେ ତାର ହୃଦେ ପ୍ରାଣ ପଶୁ ॥ ଏମନ୍ତେ ସେ ହନୁମନ୍ତ ଉଠିଣ ବସିବ । କେତସ୍ୱାମ୍ବଗଣର ଶ୍ରୀରାମର ଦୂତ ହେବ ॥ ଶୁଣି ବେଦବର ତହୁଁ ପରମ ସନ୍ତୋଷେ । ବେଦବାକ୍ୟେ ଯାଗ ପୂର୍ଣ୍ଣ କରନ୍ତି ହରଷେ ॥ କଲ୍ପ ଶସ୍ୟ ଯେନ କର ଯଜ୍ଞେ ଚରୁଦେଲେ । ସେ ଚରୁ ନେଇଣ ହନୁମୁଖେ ସମର୍ପିଲେ ॥ ପଶୁ ପ୍ରାଣ ବୋଲିଣ ବୋଲନ୍ତି ଜାମ୍ବୁବନ୍ତ । ପ୍ରାଣ ପାଇ ହନୁମନ୍ତ ହେଲେ ଦିବ୍ୟକାୟ ॥ ଦେଖିଲା ଆଦିତ୍ୟନାଥ ଆକାଶେ ଯାଉଛି । ହୁଙ୍କାରେ ଉଠିଲା ହନୁ ତାହାଙ୍କର କତି ॥ ଘୋରଯୁଦ୍ଧ କରିଣ ସେ ରଥକୁ ଯେନିଣ । ପକାଇଲା ତଳେ ଆଣି ମର୍ତ୍ତ୍ୟ ଭୁବନେଣ ॥ ଅନ୍ଧକାର ପୂର୍ଣ୍ଣ ହେଲା ଦେଖୁ ସପ୍ତଦ୍ୱୀପ । ସର୍ବଦେବେ ବିଚାରନ୍ତି ଏକ ଅଲୌକିକ ॥ ଆଦିତ୍ୟନାଥକୁ ହନୁ ଆକ୍ରମଣ କଲା । ଏମନ୍ତ ବିଧାନ କେହୁ ସମ୍ଭବ ହୋଇଲା । ୬୦ । ବିଚାରନ୍ତି ଦେବତାଏ ଏକମେଳ ହୋଇ । ହନୁମନ୍ତ କି ପ୍ରକାରେ ପରାଭବ ପାଇ ॥ ଈଶ୍ୱର ବୋଇଲେ ଏଥେ ଅଛଇ ବିଧାନ । ଜାଣଇଁ ବେଦର ତତ୍ତ୍ୱ ହେବ ବଳିଷ୍ଠାନ ॥ ଏମନ୍ତେ ଆଦିତ୍ୟ ପାଖେ ଶଙ୍କର ମିଳିଲେ । ଯେ ଯାହାର ଗଉରବ ସକଳ କହିଲେ ॥ ଏବେ ତୁମ୍ଭେ ବିଜେକର

Digitized by PPRACHIN, SOA

ଆକାଶ ଭୁବନ । ଭୃମ୍ଭଙ୍କ ଦକ୍ଷିଲ ଯେନ୍ତୁ ତାକୁ ଦଣ୍ଡ ଅନ ॥ ବନ୍ଦ୍ ହେଲେ ସବ କର୍ମ ହେବେ ହେତୁ ଯେନ । ବନ୍ଧନ ଦୋଷେ ପଡ଼ିବ ନିଷ୍ଠୁର ପାବନ ॥ ରାମ ଅବତାରେ ଏହୁ ଲଙ୍କାପୁରେ ଯିବ । ସୀତା ଠାବ କରି ମଧୁବନ ବିଧ୍ୱଂସିବ ॥ ଜାଣି ନାଗପାଶରେ ବାନ୍ଧିବ ଇନ୍ଦ୍ରଜିତ । ବୁଦ୍ଧି-ବଳେ ବନ୍ଧନରୁ ହୋଇବ ବିମୁକ୍ତ ॥ ଲଙ୍କା ପୋଡ଼ି ଶ୍ରୀରାମଙ୍କ ସନ୍ଦେଶ କହିବ । ଅଦିତ୍ୟଙ୍କ ଅଗ୍ରେ କହିଲେ ସର୍ବଦେବ ॥ ସୂର୍ଯ୍ୟକାନ୍ତ ଆକାଶରେ କଲେକ ଭ୍ରମଣ । ଦେବକଲ୍ପ ଜପ କଲେ ଦେବ ନିଲୋଚନ ॥ ନ ଚଳିବ ପାଦ ପାଣି ବପୁ ନ ଚଳିବ । ଜୀବ ଥାଇ ଦେହ ତୋର ପଥେ ପଡ଼ିଥିବ । ୭୦ । ତ୍ରେତାଯୁଗେ ରାମଚନ୍ଦ୍ର ଏ ପଥେ ଆସିଲେ । ତୋତେ ସେ ଚାହିଁବେ ନେତ୍ରେ ଦେଖିବା ମାତ୍ରେ ॥ ସ୍ୱର୍ଣ୍ଣପଟ୍ଟ ମୁକୁଟ ଏକହିଁ ଜନ୍ମକର । ହନୁ ଶିରେ ଅର୍ପଣେ ବାନ୍ଧିଲେ ଶୂଳଧାରୀ ॥ ଏହି ମୁକୁଟ ଆନକୁ ନ ହୋଇବ ଦୃଶ୍ୟ । ଏହାକୁ ଚାହିଁ ଣ ତୁଷ୍ଟ ହେବେ ରଘୁନାଥ ॥ ତାହାଙ୍କ ଦେଖିଲେ ତୋର ପରାକ୍ରମ ହେବ । ଏମନ୍ତେ ହନୁର ଆଗେ କହି ସଦାଶିବ ॥ ଶୁଣିଣ ସର୍ବ ଦେବତା ହରଷ ଲଭିଲେ । ଯେ ଯାହାର ଭୁବନକୁ ସର୍ବେ ଚଳିଗଲେ ॥ ବ୍ୟାସଦେବ ସଂସ୍କୃତରେ ଅଗସ୍ତିଙ୍କ କହି । ନାରଦ ପୁରାଣ ଗ୍ରନ୍ଥ ଭାବ ଅନୁଯାୟୀ ॥ ବଳରାମ ଦାଶ କଲେ ପ୍ରାକୃତେ ଲେଖନ । ହିମୂରେ ସ୍ମରଣ କରି ଶ୍ରୀ ମଧୁସୂଦନ ॥ ଶ୍ରୀ ମଧୁସୂଦନ ନାମ ଜୀବର କାରଣ । ଉଦ୍ଧାର କରିବେ ପ୍ରଭୁ ଜଗତତାରଣ । ୭୭ ।

ଇତି ଶ୍ରୀ ନାରଦ ପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଅଷ୍ଟାଦଶୋଽଧ୍ୟାୟଃ ।

—:୦*୦:—

Digitized by PPRACHIN, SOA

୧୯ଶ ଅଧ୍ୟାୟ ।

ସାକ୍ଷୀ ଗୋପୀନାଥଙ୍କର ପୂର୍ବ ବିବରଣ ବର୍ଣ୍ଣନ ।

ଅଗସ୍ତିରୁବାଚ ।

ବ୍ୟାସଙ୍କ ମୁଖ ଚାହିଁଣ ଅଗସ୍ତି ବୋଲନ୍ତି । ଆବର ସନ୍ଦେଶ ହୃଦ ଫିଟୁ ମନ-ଭ୍ରାନ୍ତି । ୧ । ଭାଗବତରେ ଶୁଣିଲି ସାକ୍ଷୀ ଗୋପୀନାଥ । କେମନ୍ତେ ଉତ୍ପନ୍ନ ହୋଇ କାହିଁ କଲେ ବାସ ॥ ଏଥିର ଚରିତ ମୋତେ କହ ତପୋଧନ । ତବ ମୁଖରୁ ଶୁଣିଲେ ହୋଇବ ପବିତ୍ର ॥

ବ୍ୟାସଦେବ ଉବାଚ ।

ବ୍ୟାସଦେବ ବୋଲନ୍ତି ହେ ଶୁଣ ମୁନିବର । ଯାହା ପୃଚ୍ଛା କଲ ଶୁଣ ଚିତ୍ତ କରି ସ୍ଥିର ॥ ତ୍ରେତାଯୁଗେ ରାମଚନ୍ଦ୍ର ଦେବକୀନନ୍ଦନ ଗୀର । ତହିଁ ବନେ କଲେ ଯେବେ ଜନକ-କୁମାରୀ ॥ ଏକଦିନେ ରାମେ ଗୃହ ଜନକର ଝିଅ । କଥାଏ ପୃଚ୍ଛିବି ସ୍ୱାମି ଯେବେ ମୋ ବିନୟ ॥ ତ୍ରେତା- ଯୁଗେ ହେଲ ପ୍ରଭୋ କୋଦଣ୍ଡଧାରଣ । ଏ ଯୁଗ ଅନ୍ତେ ହୋଇବ କିରୂପ ଆପଣ ॥ ଏହା ମୋତେ ସ୍ୱରୂପରେ କହ ରଘୁଧୀର । ଏମନ୍ତେ ପୂର୍ବେଲେ ସୀତା ବେନି ପାଦ ଧରି ॥ କହ ପ୍ରାଣନାଥ ମୋର ସେବା ତୁମ୍ଭେ ଯେବେ । ଏହା ଶୁଣିବାକୁ ହୋଇଅଛି ମୋର ମନ ॥ ସୀତାଙ୍କ ବିନୟ ଶୁଣି ଶ୍ରୀରାମ କହନ୍ତି । ଏକମନେ ଶୁଣ ପ୍ରିୟେ ଏଥିର ବିଭୂତି । ୧୦ । ତ୍ରେତାଯୁଗ ଅନ୍ତେ ମୁହିଁ ନନ୍ଦପୁରରେ ଯିବି । କଳ୍ପଦିନ ସେ ସ୍ଥାନରେ ବିଶ୍ରାମ କରିବି ॥ ଦୁର୍ମିଳ ନନ୍ଦନ କଂସ ଦର୍ପିଷ୍ଠ ହୋଇବ । ସର୍ବ ଦେବତାଙ୍କୁ ନେଇ ପାଦେ ଖଟାଇବ ॥ ତାହାଙ୍କୁ ଦଣ୍ଡିବ ସେହୁ ଦେଇ ମହାଦୁଃଖ । ତେଣୁ ସର୍ବ ଦେବଗଣ ହୋଇ ଏକମୁଖ ॥ ବ୍ରହ୍ମାଙ୍କ ସମୁରେ ଯାଇ ଦୁଃଖ ଜଣାଇବେ । ତହୁଁ ବେଦବର ଯାଇ କ୍ଷୀରସିନ୍ଧୁକୂଳେ ॥ ଧ୍ୟାନ ସେ କରିବେ ମୋତେ ଅପାରୁ ଅପାର । ପୁଣି ଜନ୍ମ ଲଭିବି ମୁଁ ମଥୁରାନଗର ॥ କଂସଭୟରେ ଗୋପପୁରେ ଯାଇ ମୁଁ ରହିବି । ଗୋପୀନାଥ ବୋଲି

Digitized by PPRACHIN, SOA

ମୁହିଁ ନାମ ଭଣାଇବି । ଦ୍ୱାପର ଯୁଗରେ ହୋଇ କୃଷ୍ଣ ଅବତାର ।
କଂସ କେଶିକୁ ନାଶିବି ମୁଁ ନିଜ ହସ୍ତରେ । ଦ୍ୱାପରଯୁଗର କଥା ଏମନ୍ତ
ପ୍ରକାର । ମନ୍ଥୀସୁଲୀ ଆଗରେ କହିଲେ ରଘୁବୀର । ଶୁଣିଣ ଜାନକୀ
ତହୁଁ ମନେ ବିଚାରନ୍ତି । ଭଲବୋଧ ଦେଲେ ମୋତେ କୋଦଣ୍ଡ-
ମୂରତି । ସାକ୍ଷ୍ୟଲକ୍ଷ୍ୟ ପ୍ରତ୍ୟକ୍ଷ ଅଟଇ ଭିନକଥା । ଦେଖାଇଲେ ସାକ୍ଷ୍ୟ
ଲକ୍ଷ୍ୟ ବୁଝି ନା ବ୍ୟବସ୍ଥା । ୨୦ । ଏଥିଅନ୍ତେ ରାମଆଗେ କହିଲେ
ଜାନକୀ । ଆବର କଥାଏ ମୋତେ କହ ପ୍ରାଣପତି । ମୋହର
ଆଗରେ ତୁମ୍ଭେ କର ସନମତି । ଯାହା ମୁଁ ମାଗିବି ତାହା ଦେବ
ରଘୁପତି । ସୀତାଙ୍କ ବଚନ ଦେଖି ବୋଲନ୍ତି ଶ୍ରୀରାମ । ଯାହା ଇଚ୍ଛା
ଦେବି ମୁହିଁ କର ମନଃପୂର୍ଣ୍ଣ । ଜାନକୀ ବୋଇଲେ ଏଥି ସାକ୍ଷୀ କେ
ହୋଇବ । କାହା ଘେନ ନାହା ମୋର ବୋଲ ଯେ ରହିବ । ଏମ-
ନ୍ତେଣ ରାମ ସାକ୍ଷୀ ଦ୍ରୁମଲତା ଦେଇ । ତୁମ୍ଭେ ଦ୍ରୁମଗଣ ଏଥେ ସାକ୍ଷୀ-
ଥାଅ ରହି । ସୀତା ଯାହା କହି ମୋର ଅଟେ ଅଙ୍ଗୀକାର । ଏମନ୍ତ
ଜାନକୀ ଶୁଣି ବୋଲନ୍ତି ଉତ୍ତର । ଯେ ରୂପ ହୋଇବ ମୋତେ
ସେ ରୂପ ଦେଖାଅ । ସେ ରୂପ ଦେଖିଲେ ମୋର ସ୍ଥିର ହେବ
ଦେହ । ସୀତାର ବଚନେ ରାମ କରନ୍ତି ବିଚାର । ସାକ୍ଷୀ ରଖି ପୁଚ୍ଛିଲେ
ମୋ ଗଳା-ରହି-ହାର । ଦେଖାଇବି ବୋଲି ପ୍ରଭୁ କରନ୍ତି ବିକୃତ ।
ରୂପ ଦେଖାଇ ଏ ଯୁଗେ ରଖିବି କାରଣ । ଶର କରୁଁ ଉଚ୍ଛୁଡିଲେ
କୋଦଣ୍ଡଧାରଣ । ଚତୁର୍ଭୁଜ ହୋଇ କଲେ ଆୟୁଧ ଧାରଣ । ୩୦ ।
ଶଙ୍ଖ ଚକ୍ର ଗଦା ପଦ୍ମ ଚତୁର୍ଭୁଜେ ସାଜେ । ରୂପେ ପଞ୍ଚାନ୍ତର ନାହିଁ
ସୂର୍ଯ୍ୟ ତେଜ ଗଞ୍ଜେ । ବୋଇଲେ ଦେଖିଲୁ ରୂପ ମୋହର ଭୁବନ ।
ଦ୍ୱାପର ଯୁଗରେ ମୁହିଁ ଗୋପରେ ଜନମି । ଲାବଣ୍ୟ ମୂରତି ସେହି
ନୀଳଦଳ ଶ୍ୟାମ । ଦେଖିଲେ ଜନମୋହନ ହରେ କୋଟିକାମ ।
ଜାନକୀ ଦେଖିଣ ରୂପ ହରଷ ଅନ୍ତର । ମୋର କୀର୍ତ୍ତି ଥୋଇଥାଅ
ଯୁଗଯୁଗାନ୍ତର । ଯେବଣ ସ୍ଥାନରେ ପ୍ରଭୁ ଜନ ଗତାଗତ । ସେହି

Digitized by PPRACHIN, SOA

ସ୍ଥାନରେ ରଖାଅ ସାକ୍ଷୀ ଗୋପୀନାଥ ॥ ଏହି ଯୁଗେ ନାମ ଗୋଟି
ଖ୍ୟାତ ହୋଇଥିବ । ଜାନକୀ ବଚନେ ରାମ ସ୍ଥିର କଲେ ଠାବ ॥
କଳିଯୁଗେ ବାସ ମୋର ଶ୍ରୀ ନୀଳକନ୍ଦର । ଶ୍ରୀ ନୀଳଚକ୍ରରେ ବାନ୍ଧ
ପତିତେ ଉଦ୍ଧାର ॥ ପଞ୍ଚ କୋଶର ସୀମାରେ ରଖାଇବ ନେଇ ।
ଗୋପନେ ଥୋଇ ଅସିବ ନ ଜାଣିବେ କେହି ॥ ତଦନ୍ତରେ ରତ୍ନ-
ଅନ୍ତେ ରଜନୀ ଅଗତ । ଜନକ-ତନୟା ହେଲେ ଶଯ୍ୟାରେ ନିଦ୍ରିତ ॥
ଲକ୍ଷ୍ମଣଙ୍କୁ ପାଶେ ଦେଇ ପ୍ରଭୁ ରଘୁବୀର । ବୋଇଲେ ସୀତାଙ୍କୁ ଜଗି-
ଥିବୁ ଯେହ୍ନ ଶର । ୪୦ । ସାକ୍ଷୀରୂପ ଥୋଇ ମୋର ଅସିବ ବହନ ।
ଗରୁଡ଼ଙ୍କୁ ସ୍ମରଇଲେ ତହୁଁ ସେ ଶ୍ରୀରାମ ॥ ରମ୍ୟକ ଦ୍ୱୀପରେ ଥିଲା
ବିନତାର ସୁତ । ସ୍ମରନ୍ତେ ରଘୁନାଥ ଅଇଲା ତ୍ୱରିତ ॥ ଶ୍ରୀରାମ-
ଶ୍ରୀମୁଖେ ଅସି ଗରୁଡ଼ ମିଳଇ । ଦେଖି ରାମଚନ୍ଦ୍ର ପୃଷ୍ଠେ ବସେ ଯାଇ ॥ ମହୋଦଧି ପାଶେ ସାକ୍ଷୀ ଗୋପୀନାଥ ଗ୍ରାମ । ଜନ ଗତାଗତ
ପଥେ ଭାଗ ଯେ ପଶ୍ଚିମ ॥ ସେହି ସ୍ଥାନକୁ ତ୍ୱରିତ କର ତୁ ଗମନ ।
ଗରୁଡ଼ ଶୂନ୍ୟେ କ୍ରମି ଦିଲା ବହନ ॥ ପଦ ଲେଖି ଥୋଇଣ
ଅସିଲେ ସେଠାବର । ସାକ୍ଷୀ ଗୋପୀନାଥ ବୋଲି ନାମ ଏହାଙ୍କର ॥
ଏଥିଅନ୍ତେ ମିଳଲେ ସେ ଚିତ୍ରକୂଟ ଗିରି । ଶଯ୍ୟାରେ ନିଦ୍ରିତ ଅଛନ୍ତି
ଜନକ-କୁମାରୀ ॥ ଗରୁଡ଼ଙ୍କୁ ଆଜ୍ଞା ଦେଲେ ଯାଅ ନିକେତନ । ଜାନ-
କୀଙ୍କୁ କୋଳେ ଘେନ କଲେ ସେ ଶୟନ ॥ ନିଶି ଅବସାନେ
ତାମ୍ରଚୂଡ଼ ଦେଲ ରାବ । ନିଦ୍ରା ଉପେକ୍ଷି ବସିଲେ ଆପଣେ ରାଘବ ॥
ଜଳପାତ୍ର ଘେନ ସୀତା ପାଶେ ଥୋଇଦେଇ । ମୁଖ ପଖାଳି ଶ୍ରୀରାମ
ନିତ୍ୟକର୍ମେ ଯାଇ । ଦେଖିଲେ ଜାନକୀ ନାହିଁ ସାକ୍ଷୀ ଗୋପୀନାଥ ।
କେଉଁ ଘେନଗଲା ତାକୁ କହ ମୋର କାନ୍ତ । ୫୦ । ଜାନକୀବଚନେ
ରାମ ବୋଲନ୍ତି ଉତ୍ତର । ଗୋପୀନାଥ ରଖାଇଲ ବହିତ ସ୍ଥାନର ॥
ବୋଇଲେ ହେ ପ୍ରାଣନାଥ ମାୟା ମୋତେ କଲ । କିବା ମାୟାରୂପ
ତୁମ୍ଭେ ସଂହାର ରଖିଲ ॥ ଜାନକୀର ବଚନେ ବୋଲନ୍ତି ରଘୁସାଇଁ ।

Digitized by PPRACHIN, SOA

ଯେଉଁ ସ୍ଥାନେ ରଖାଇଛୁ ଦେଖାଇବ ନେଇ ॥ ଏମନ୍ତେଣ ବହରନ୍ତି ଚିତ୍ରକୂଟ ଗିରି । ବ୍ୟାସଦେବଙ୍କର କଥା ଅଗସ୍ତି ସୁମରି ॥ ଅଗସ୍ତି ପୃଚ୍ଛିଲେ ପୁଣି ବ୍ୟାସଙ୍କ ବଦନ । ଆବର କଥାଏ ମୋତେ କହ ତପୋଧନ ॥ ଜାନକୀର ରୂପଗୋଟି କେମନ୍ତ ଅଟଇ । କହୁଥିଲେ ରାମଚନ୍ଦ୍ର ହନୁକୁ ମଣାଇ ॥ ଏଥିଅନ୍ତରେ ଚରିତ ଶୁଣ ମୁନିବର । ସୀତା ଠାବ କରି ମିଳ ଲଙ୍କାର ଭିତର ॥ ସୁବଳସ୍ତ୍ରୀ ଠାବ କରି ରହି ରଘୁବୀର । ରାବଣ ମାରି ସ୍ଥାପିଲେ ବିଭୀଷଣ ବୀର ॥ ଦେବେ ପ୍ରସନ୍ନ ହୋଇଣ ଇନ୍ଦ୍ରଜିତ ବୀରେ । ଦେବଦଳନ ରଥକୁ ତାଙ୍କୁ ଦେଇଥିଲେ ॥ ସେ ରଥେ ସୀତା ବସାଇ କୋଦଣ୍ଡଧାରଣ । ସେତୁବନ୍ଧ ପାରହୋଇ ଅଇଲେ ବହନ । ୬୦ । ବ୍ୟାସଦେବ କହିଲେ ଯେ ଅଗସ୍ତି ଅଗର । ନାରଦପୁରାଣ ଗ୍ରନ୍ଥ ବଧୂ-ସମାଚାର ॥ ବଳରାମ ଦାଶ କଲେ ପ୍ରାକୃତେ ଲେଖନ । ଜାନକୀ ରାମ ଲକ୍ଷ୍ମଣେ ପ୍ରତିଷ୍ଠ ଶରଣ ॥

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଊନବିଂଶୋଽଧ୍ୟାୟଃ ।

—୦୦:୯:୦୦—

୨୦ ଶ ଅଧ୍ୟାୟ ।

ନୀଳଚକ୍ରର ବିବରଣ

ଅଗସ୍ତି ଉବାଚ ।

ଅଗସ୍ତି ବୋଲନ୍ତି ବ୍ୟାସଦେବ ମୁଖ ଚାହିଁ । ଆବର କଥାଏ ମୋତେ କହ ତପିସାଇଁ ॥ କାଳଟିର ପର୍ବତେ ଦେଉଳ ଲଗ୍ନେ ଥିଲା । ନୀଳଚକ୍ର ତାହାପରେ କେ ଅବା ସ୍ଥାପିଲା ॥ କପାଇଁ ବହିଲା ସେହୁ ନୀଳଚକ୍ର ନାମ । କହ ମହାମୁନି ମୋର ତୋଷ କର ମନ ॥

ବ୍ୟାସଦେବ ଉବାଚ ।

ବ୍ୟାସଦେବ କହନ୍ତି ଯେ ଅଗସ୍ତି ଅଗର । ଯାହା ପୁଚ୍ଛା କଲ ଶୁଣ ଚିତ୍ତ କରି ସ୍ଥିର ॥ ଏକମନ ହୋଇ ତୁମ୍ଭେ ଶୁଣସି ଧିଆନ୍ । ଅବ ଅନ୍ତ

Digitized by PPRACHIN, SOA

କହିବା ଏଥିର ପୂର୍ବଜନ୍ମ ॥ ଯେଉଁ ସମୟରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା । ନୀଳଗିରି ପର୍ବତରେ କଲା ଦିବ୍ୟପୂଜା ॥ ପ୍ରସାଦେ ପୂରିଲା ପୂଜା ବଧି-ପୂର୍ବ କରି । ଦେଉଳ ସେ ଗଢ଼ାଇଣ ଦେବତାଏ ଲୋଡ଼ି ॥ ଦେବତା ସ୍ଥାପନ କରି ଦେଉଳେ ରଖିଲେ । ଚକ୍ରର ନିମନ୍ତେ ରାଜା ମନେ ଚିନ୍ତା କଲେ ॥ ଦେଉଳେ ଚକ୍ର ନ ମାରି ଦେବତା ରଖିଲ । ଏମନ୍ତ ବିଚାରି ରାଜା ମନେ ମନେ ଭାଳି ॥ ଉପବାସେ ରହିଣ ସେ ସେଦିନ ରାତ୍ରିର । ତୃଣଶଯ୍ୟା କରିଣ ଶୋଇଲେ ନୃପବର । ୧୦ । ରାତ୍ରି ଅର୍ଦ୍ଧେ ଜଗନ୍ନାଥ ସ୍ୱପ୍ନରୂପ ଧରି । ବୋଇଲେ କିପାଁ ଭାବନା କରୁ ଦଣ୍ଡଧାରି ॥ ଯେ ଦିନୁ ବଲ୍ଲୁ ତୁ ପୂଜା ଶ୍ରୀ ନୀଳକନ୍ଦର । ପଳାଇଣ ଗଲା ନାଗ ନୀଳମଣିବର ॥ ପାରିକୁଦେ ରହି ସେହି ଖଣ୍ଡିଲା ଜୀବନ । ନୀଳମଣି ପଡ଼ିଅଛି ସମୁଦ୍ର ଭିତରେ । ସେହି ମଣି ଅଟଇ ଅତିବ ଅକ୍ଷୋଭର । ଅଧା ପର୍ବତ ପରିଯେ ସମୁଦ୍ର ପନ୍ତ୍ରାର ॥ ଯାଇ ଯେବେ ମଣି ଆଣି ଚକ୍ର ଭିଆଇବୁ । ତାହା ନେଇଣ ଦେଉଳ ଶିରରେ ସ୍ଥାପିବୁ ॥ ଏହା କହି ଦ୍ୱିଜବର ହୋଇଲା ଅନ୍ତର । ଉଠି ଚେତ ବସିଲା ଶଯ୍ୟାରେ ନୃପ-ବର ॥ କେ ମୋତେ କହିଲା ଆସି ମଣିର ବିଧାନ । ସ୍ୱପନ ଚେତ ନୃପତି ଦୃଢ଼ କଲା ମନ ॥ ରାତ୍ରି ଶେଷରେ ଉଦିତ ହୋଇନ୍ତେ ଦିନକର । ସୈନ୍ୟଗଣ ସେନ ନୃପ ହୋଇଲା ବାହାର ॥ ଖାରନ୍ତୂର ଭେରି ସେ ବଜାଇ ଅପ୍ରମିତ । ଶଙ୍ଖ ଘଣ୍ଟା ଶବଦରେ ପୂରିଲା ଜଗତ ॥ ବହୁତ ସମ୍ଭାର ସେନ ନୃପତି ଚଳଇ । ପାରିକୁଦ ଗ୍ରାମ ଲାଗେ ମିଳଲେକ ଯାଇ । ୨୦ । ସେ ଦିନ ନୃପତି ଯାଇ ସେଠାରେ ରହିଲେ । କୁଶଶଯ୍ୟା କରି ତହିଁ ରାତ୍ରି ପୁହାଇଲେ ॥ ନିଶି-ଶେଷରେ ଉଦିତ ହେଲେ ଦିନକର । ସ୍ନାନ ମାର୍ଜ୍ଜନ ସାରିଣ ବେଗେ ନୃପବର ॥ ସମୁଦ୍ର ପନ୍ତ୍ରାରେ ଯାଇ ପ୍ରବେଶ ହୋଇଲେ । ନୀଳମଣି ପଡ଼ିଅଛି ନୟନେ ଦେଖିଲେ ॥ ବାଲି ଧୂଳି ପଡ଼ିଣ ସେ ଦିଶୁଛି ମଳିନ । ସ୍ଫାଟବସ୍ତ୍ର ସେନ ପୋଛି ଦେଲେ ନୃପରାଣ ॥ ଝଲକ ଉଠିଲା

Digitized by PPRACHIN, SOA

ମଣି ନୀଳୋତ୍ପଳ ଜିଣି । କଳା ମେଘେ ବିଦ୍ୟୁ ଯେସନେ ଶୋଭା ଦିଶେ ପୁଣି ॥ ଉପାୟ କଲେକ ନୃପ ଆଣିବା ନିମନ୍ତେ । ଅଚଳ ହୋଇଲା ସେହୁ ନ ଚଳେ ଟଳାନ୍ତେ ॥ ଦେଖି ନୃପବର ତହୁଁ ମନେ ମନେ ଗୁଣି । କି ଉପାୟ କଲେ ମୁହିଁ ଏଥୁଁ ନେବି ମଣି ॥ ସେ ଦିନ ରାତ୍ରିରେ ରାଜା ଶୟନରେ ଧ୍ୟାନ । କରନ୍ତେ ମିଳିଲେ ଆସି ଦେବ ନାରାୟଣ ॥ କଟିରେ ଦଣ୍ଡଛତ୍ର ଧରି ବ୍ରହ୍ମଚାରୀରୂପ । ରାଜା ପାଶରେ ମିଳନ୍ତେ ଦେଖିଲେ ସ୍ୱରୂପ ॥ ଅନ୍ୟଗ୍ରାମେ ଥିଲୁଁ ଆମ୍ଭେ ତୁମ୍ଭ ନାମ ଶୁଣି । ରାଜୋଦ୍ଦେଶେ ଆସିଛୁ ନ ଦେବ ବୋଲି ମଣି ॥ କେବଣ ଦିଗରୁ ତୁମ୍ଭେ ବିଜେ କଲ କହ । ସେ କଥା ଶୁଣିଲେ ମୋର ସ୍ଥିର ହେବ ଦେହ । ୩୦ । ଅଚଳ ହୋଇଲା ମଣି ନ ଚଳେ କପାଇଁ ॥ ମୋତେ ପଠିଆଇଦେଲେ ବ୍ରହ୍ମାଣ୍ଡ ଗୋସାଇଁ ॥ ଗ୍ରାମେ ଗ୍ରାମେ ବୁଲିଣ ତୁମ୍ଭଙ୍କ କଲି ଠାବ । ମଣିପରେ ବସିଲେ ମୁଁ ବେଗେ ଚଳିଯିବ ॥ ଧ୍ୟାନ ଭେଳ ନରପତି ଦେଖେ ଦ୍ୱିଜବର । ପାଦଦଣ୍ଡ ଦିବସ ଉଦିତ ଦିନକର ॥ ସ୍ନାନ ମାର୍ଜ୍ଜନ ସାରଣ ଆନନ୍ଦେ ନୃପତି । ଦ୍ୱିଜପାଦେ ସ୍ତବ କଲା କରିଣ ବିନତି ॥ ତାହାଙ୍କୁ ସଙ୍ଗରେ ଘେନି ବେଗେ ଚଳିଗଲେ । ପାଟବସ୍ତ୍ର ନେଇ ମଣି ଉପରେ ମଣ୍ଡିଲେ ॥ ତହିଁପରେ ବିଜେ କଲେ ବିଦଣ୍ଡୀ ଗୋସାଇଁ । ବାକ୍ୟରସ ଗୀତ-ନାଦେ ଉଚ୍ଛୁଳଇ ମହୀ ॥ ଧୀରେ ଧୀରେ ମଣିବର କଲାକ ଗମନ । ତାହା ପଛରେ ଚଳିଲେ ସକଳ ସଇନ୍ୟ ॥ ସିଂହଦ୍ୱାରେ ଯାଇ ମଣି ରହସ୍ୟ ରହିଲା । ବିଦଣ୍ଡୀ ଗୋସାଇଁ ତଥିପରେ ବିଜେ ଥିଲା ॥ ଅନ୍ତର୍ଦ୍ଧାନେ କେଣେ ଗଲା କେହି ନ ଦେଖନ୍ତି । ଦେଖିକରି ସମସ୍ତେହିଁ ଆଶ୍ଚର୍ଯ୍ୟ ମଣନ୍ତି ॥ କେହୁ ବୋଲେ ଦ୍ୱିଜବର କେଣେ ପଳାଇଲା । କେହୁ ବୋଲେ ଦ୍ୱିଜ ନୋହେ ବିଷ୍ଣୁ ମାୟା କଲା । ୪୦ । ଏମନ୍ତେ ନୃପତି ତହୁଁ ଚଳଇ ମନ୍ଦିର । ଏକାନ୍ତେ ଶୟନ କଲେ ସେଦିନ ରାତ୍ରିର ॥ ବସ୍ତୁଇଲା କିଏ ଚକ୍ର କରିବ ନିର୍ମାଣ । ଏହା କହି

Digitized by PPRACHIN, SOA

ନୃପବର କଲେକ ଶୟନ ॥ ରାତ୍ରେ ସ୍ୱପନେ କହିଲେ ଦେବ ମାୟା-ଧାରୀ । ଆଜରାତ୍ରେ ଚକ୍ର ହେବ ନିର୍ମାଣ ତୋହର ॥ ରାତ୍ରଶେଷେ ନୃପବର ପୂଜା ଭିଆଇବୁ । ସୁଦର୍ଶନ ପ୍ରଶସ୍ତ ହସ୍ତେ ଚକ୍ର ନେଇ ଦେବୁ ॥ ସେ ଚକ୍ର ମାରୁତ ନେଇ ଦେଉଳ ଉପର । ଏହା କହି ଅନ୍ତର୍ହିତ ହେଲେ ଦାମୋଦର ॥ ନିଶିଶେଷେ ରାଜା ଯାଇ ଚକ୍ରକୁ ଦେଖିଲେ । ଦେଖିକରି ପୂଜାବିଧି-ମାନ୍ୟ ତହୁଁ କଲେ ॥ ତଦନ୍ତେ ଦେଉଳ ଶିରେ ଚକ୍ରକୁ ସ୍ଥାପିଲେ । ଦେଖିଣ ନୃପତି ତହୁଁ ଆନନ୍ଦିତ ହେଲେ ॥ ବ୍ୟାସ ମହର୍ଷି କହିଲେ ଅଗସ୍ତି ଆଗେଣ । ସେଦିନରୁ ନୀଳମଣି-ଚକ୍ର ବୋଲି ନାମ ॥ ନାରଦପୁରାଣ ଗ୍ରନ୍ଥ ସମାପତ ହୋଇ । ବଳରାମ ଦାସ ପ୍ରାକୃତରେ ପ୍ରକାଶଇ ॥ ହରିଧ୍ୱନି କର ଜନେ କରଣ କୀର୍ତ୍ତନ । ଯେ ନାମେ ପାପାଦ୍ଧିପାପ ହୋଇବ ମୋଚନ ॥ ଶ୍ରୀ ମଧୁସୂଦନ ନାମ ନିରବଧି ଜପ । ଜପିଲମାତ୍ରେକେ ହୃଦୁଁ ଛାଡ଼ିଯିବ ପାପ । ୫୦ । ପିତାଙ୍କର ନାମ ମୋର ଅଟେ ଯଶୋମନ୍ତ । ମାତା ମୋ'ର ଯଶୋଦା ଦେବୀ ନାମ ଗୋପୀନାଥ ॥ ଶ୍ରୀ ନୀଳଗିରି ଚରଣେ ମନ-ମୋର ବନ୍ଧୁ । ରାମନାମ ସୁମରଣ ଜୀବ ମୋର ଯାଉ ॥ ୫୩ ॥

ଇତି ଶ୍ରୀ ନାରଦପୁରାଣେ ବ୍ୟାସ ଅଗସ୍ତି ସମ୍ବାଦେ ନାମ ଷୋଡ଼ଶୋଽଧ୍ୟାୟଃ ।

ସମାପ୍ତ ।

Digitized by PPRACHIN, SOA

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନଟି ବିକ୍ରୟ ନିମିତ୍ତ ପ୍ରସ୍ତୁତ ଅଛି ।

ଅଶ୍ୱମେଧଯଜ୍ଞ	ଟ ୦ ୶
ଅଙ୍ଗଦପଦ	ଟ ୦ ୶
ଅଳଙ୍କାରବୋଧ	ଟ ୦ /
ଆର୍ତ୍ତବାଣ ୩୪ ଶା	ଟ ୦ /
କାର୍ତ୍ତିକମାହାତ୍ମ୍ୟ	ଟ ୦ ୳
କାନ୍ତକୋଇଲି	ଟ ୦ ୧୩
ଗଙ୍ଗାମାହାତ୍ମ୍ୟ	ଟ ୦ |/
ଗୁଣସାଗର	ଟ ୦ ୷
ଗୋପଚରିତ	ଟ ୦ ୷
ଚମତ୍କାର ଚୌତିଶା	ଟ ୦ /୬
ଜାଣ୍ଟେମଙ୍କସୀ	ଟ ୦ /
ଦଶପୋଇ	ଟ ୦ /
ନଷ୍ଟବ୍ରେଷ୍ଟୀ	ଟ ୦ ୧୬
ନାବକେଳି	ଟ ୦ /
ପାଲ୍ଲି କଳ୍ପଠାରୁ ସ୍ୱର୍ଗାରୋହଣ ସୁଦ୍ଧା	ଟ ୧୳୶୯
ବରାହପୁରାଣ	ଟ ୦ |/
ବର୍ଣ୍ଣବୋଧବ୍ୟାଖ୍ୟା	ଟ ୦ /
ବଉଳାଧାଯ୍	ଟ ୦ /
ବାମନପୁରାଣ	ଟ /୳
ବାରମାସୀକୋଇଲି	ଟ ୦ ୧୬
ଭବିଷ୍ୟପୁରାଣ	ଟ ୦ |
ଭୂପତି ଚଉତିଶା	ଟ ୦ /
ମଙ୍ଗଳାସ୍ତୁତି	ଟ ୦ ୧୯
ମୃଗୁଣୀସ୍ତୁତି	ଟ ୦ ୧୯
ଲକ୍ଷ୍ମୀପୁରାଣ	ଟ ୦ /
ସଙ୍ଗୀତ ଉପଇନ୍ଦ୍ରଭଞ୍ଜ	ଟ ୦ /
ସ୍କନ୍ଦପୁରାଣ	ଟ ୦ |

ଦରଘାବଜାର
କଟକ

ସେକ୍ରେଟେରୀ,
ପ୍ରିଣ୍ଟିଂକମ୍ପାନୀ ଲିମିଟେଡ୍

Digitized by PPRACHIN, SOA